ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-108 ♦SUNDAY ♦11 OCTOBER 2026 ♦PAGE-12+4 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୧୦୮ ♦ରବିବାର ♦୧୧ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨+୪(ସିନ୍ଦୂରା) ♦ଟ.୭.୦୦

CASH BONUS OFFERS

Sl. No	MODEL	CASH BONUS
1	Glamour X (Except ABS)	₹4,000/-
2	Xtreme 125R (Except TFT)	₹3,000/-
3	Xtreme 160R	₹10,000/-
4	Xtreme 200S	₹10,000/-
5	Karizma XMR	₹25,000/-
6	Xpulse 200T	₹25,000/-
7	Mavrick	₹50,000/-
8	All Scooters (Except Xoom 125, Xoom 160 & Destini 110)	₹2,500/-
9	Destini 110	₹2,100/-

EXCHANGE BONUS OFFERS

Sl. No	MODEL	EXCHANGE BONUS
1	All Scooters (Except Xoom 125, Xoom 160 & Destini 110)	₹5,000/-
2	Destini 110	₹4,000/-

Exclusive VIDA Showroom At- Patia, Bhubaneswar

SPECIAL OFFERS
(Applicable on all models)

Free RSA through online booking

Card Offers Upto ₹10,000/- Cashback

Goodlife Gold Coin Offer*
Offer Validity: 18th Oct – 07th Dec 2026
Applicable on all Models

Attractive Offers | Better Savings | More Deliveries | Higher Growth

SANJIB HERO

PURI | BHUBANESWAR | BHADRAK   9937283004

ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

ବିଶେଷ ଟିପ୍ପଣୀ

ଦେଶରେ ଗଣତନ୍ତ୍ରର ସୁରକ୍ଷା ନିମିତ୍ତ ଶାସକ ଦଳ ଦ୍ୱାରା ଭୋଟଚୋରି ବିରୋଧରେ ପ୍ରତ୍ୟେକ ଭାରତୀୟଙ୍କୁ ସୋମବାର ଦିଲ୍ଲୀ ପ୍ରତିବାଦରେ ଯୋଗଦେବାକୁ ନିବେଦନ କରୁଛୁ। ଭାରତର ସାଂସଦ, ନେତା, କର୍ମୀ ଏବଂ ସଚେତନ ନାଗରିକ ମାନ୍ୟବର ମୁଖ୍ୟ ବିଚାରପତିଙ୍କୁ ହସ୍ତକ୍ଷେପ ନିମନ୍ତେ ସ୍ମାରକପତ୍ର ପ୍ରଦାନ କରିବେ। ଜ୍ଞାନେଶଙ୍କୁ ଯିବାକୁ ହିଁ ପଡିବ, ଏହାର ଅନ୍ୟ ବିକଳ୍ପ ନାହିଁ।

-କେସି ଭେନୁଗୋପାଳ (କଂଗ୍ରେସ ସାଂସଦ)

ଭାରତର ବାସ୍ତବତା: ଚୀନ୍‌ର କେବଳ ୨ଟି ବିଶ୍ୱବିଦ୍ୟାଳୟର ବାର୍ଷିକ ଖର୍ଚ୍ଚ ଭାରତ ସରକାରଙ୍କ ସମଗ୍ର ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ବଜେଟ୍ ଠାରୁ ଅଧିକ।

-ରାଜଦୀପ ସରଦେଶାଇ (ବରିଷ୍ଠ ସାମ୍ବାଦିକ)

ଜେନ୍ Z

ଜର୍ମାନୀରେ ହିଟଲର ଯାହା କରିଥିଲେ, ବର୍ତ୍ତମାନର ସରକାର ଏବେ ଭାରତରେ ତାହା କରିଛନ୍ତି। ଲୋକଙ୍କ ଭିତରେ ଏତେ ବିଷ ସଞ୍ଚରି ଗଲାଣି ଯେ କିଛି ଲୋକ ଅନ୍ୟମାନଙ୍କୁ ଜୀବନ୍ତ ଗିଳି ଦେବାକୁ ଉଦ୍ୟତ। ସରକାର ଯୁବପିଢ଼ିକୁ ଏକ ଟାଇମ୍ ବମ୍‌ରେ ପରିଣତ କରିଛନ୍ତି।

-ରାଜଶେଖର ବର୍ମା @shekhar_br02

ସମାଲୋଚନା କଲେ ଥରୁର୍

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ପୂର୍ବରୁ ରାଜଧାନୀରେ ଲାଗୁ ହୋଇଥିବା କଟକଣାକୁ ନେଇ କଂଗ୍ରେସ ସାଂସଦ ଶଶି ଥରୁର ତୀବ୍ର ସମାଲୋଚନା କରିଛନ୍ତି। ନିର୍ବାଚନର

ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଉଥିବା ନାଗରିକଙ୍କୁ ସରକାର ଉତ୍ତର ଦେବା ପରିବର୍ତ୍ତେ କଟକଣା ଲଗାଇବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଥରୁର ଲେଖିଛନ୍ତି, ନିର୍ବାଚନର ନିରପେକ୍ଷତା ଉପରେ ଆତ୍ମବିଶ୍ୱାସ ଥିବା ସରକାର ଲୋକଙ୍କ ପ୍ରଶ୍ନକୁ ସ୍ୱାଗତ କରିବା ଉଚିତ। ପ୍ରଶ୍ନକୁ ଏଡ଼ାଇବା ପାଇଁ ରାଜଧାନୀକୁ ଦୁର୍ଗରେ ପରିଣତ କରିବା ଦ୍ୱାରା ସନ୍ଦେହ ଆହୁରି ବଢ଼ିବ। ସରକାର ଲାଠି ବଦଳରେ ଉତ୍ତର ଏବଂ ଦମନ ବଦଳରେ ଅଭିବ୍ୟକ୍ତିର ସୁଯୋଗ ଦେବା ଦରକାର ବୋଲି ସେ ମତ ଦେଇଛନ୍ତି। ରାଜଧାନୀରେ ଅସାଧାରଣ କଟକଣା ଲାଗୁ ହୋଇଥିବା ଉଲ୍ଲେଖ କରି ଥରୁର କହିଛନ୍ତି, ରାସ୍ତାରେ ବାରମ୍ବାର ଯାଞ୍ଚ, କଂକ୍ରିଟ୍ ବ୍ୟାରିକେଡ୍ ଓ ଲୁହା କଣ୍ଟାଯୁକ୍ତ ପ୍ରତିବନ୍ଧକ ଲଗାଯାଇଛି। ପ୍ରାୟ ୨୨ ହଜାର ପୁଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ ସହ ୨୫୦ଟି ଟ୍ରେନ୍ ବାତିଲ ଏବଂ ୪୫ଟି ମେଟ୍ରୋ ଷ୍ଟେସନ ବନ୍ଦ ଥିବା ସେ ଦାବି କରିଛନ୍ତି। ଇଣ୍ଟରନେଟ୍ ସେବା ବନ୍ଦ ଓ ଯନ୍ତରମନ୍ତରକୁ ଯିବା ରାସ୍ତାରେ କଟକଣାକୁ ସେ 'ପ୍ରତିକ୍ରିୟାଶୀଳ' ବୋଲି କହିଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ଏଭଳି ତତ୍ପରତା କାହିଁକି ଦେଖାଯାଉନାହିଁ ବୋଲି ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି।

ସମର୍ଥନ କଲେ ମଞ୍ଜରେକର

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରସ୍ତାବିତ ପ୍ରତିବାଦ ପୂର୍ବରୁ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ମତ ରଖିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ସଞ୍ଜୟ ମଞ୍ଜରେକର। ଶାନ୍ତିପୂର୍ଣ୍ଣ ପ୍ରତିବାଦ ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଅଂଶ ବୋଲି ସେ କହିଛନ୍ତି। ଶନିବାର 'ଏକ୍ସ'ରେ ସେ ଲେଖିଛନ୍ତି, 'ଶାନ୍ତିପୂର୍ଣ୍ଣ ପ୍ରତିବାଦ ଏକ ଗଣତାନ୍ତ୍ରିକ କାର୍ଯ୍ୟକଳାପ। ମୋର ଶେଷ ଧାରଣା ଅନୁସାରେ, ଭାରତ ଏକ ଗଣତାନ୍ତ୍ରିକ ଦେଶ।' ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ପକ୍ଷରୁ 'ଯନ୍ତରମନ୍ତର ୨.୦' ନାମରେ ଏହି ପ୍ରତିବାଦ ଡାକରା ଦିଆଯାଇଥିଲା। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ରେ ଅନିୟମିତତା ହୋଇଥିବା ଦଳ ଅଭିଯୋଗ କରିଛି। ତେବେ ସୁରକ୍ଷା, ଯାତାୟାତ ପରିଚାଳନା ଓ ଆଇନଶୃଙ୍ଖଳା ସମସ୍ୟା ଆଶଙ୍କା ଦର୍ଶାଇ ଦିଲ୍ଲୀ ପୁଲିସ ଏହି ପ୍ରତିବାଦକୁ ଅନୁମତି ଦେଇନଥିଲା। ପ୍ରତିବାଦ ସମୟରେ ଆକାଶବାଣୀ ଭବନ ନିକଟରେ ପଥରମାଡ଼ ହୋଇଥିବା ଖବର ମିଳିଛି। ଏଥିରେ ଦୁଇଜଣ ପୁଲିସ କର୍ମଚାରୀ ଆହତ ହୋଇଥିବାବେଳେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଅନେକ ପ୍ରତିବାଦକାରୀଙ୍କୁ ଅଟକ ରଖିଥିଲା।

ଏମର୍ଜେନ୍ସି କହିଲେ କେଜ୍ରିୱାଲ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ୍ ପାର୍ଟି (ସିଜେପି)ର ପ୍ରତିବାଦକୁ ରୋକିବା ପାଇଁ ରାଜଧାନୀରେ କରାଯାଇଥିବା କଡ଼ା ସୁରକ୍ଷା ବ୍ୟବସ୍ଥା ଓ ଦଳର ନେତାମାନଙ୍କୁ ଅଟକ ରଖାଯିବା ଘଟଣାକୁ ନେଇ ଆମ୍ ଆଦମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍ରିୱାଲ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଦିଲ୍ଲୀର ସ୍ଥିତିକୁ ଜରୁରୀକାଳୀନ ପରିସ୍ଥିତିଠାରୁ ମଧ୍ୟ ଖରାପ ବୋଲି କହି ସେ ଏହାକୁ ଏକଛତ୍ରବାଦର ଉଦାହରଣ ଭାବେ ବର୍ଣ୍ଣନା କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କେଜ୍ରିୱାଲ ଲେଖିଛନ୍ତି, 'ଏହା ଜରୁରୀକାଳୀନ ପରିସ୍ଥିତିଠାରୁ ବି ଖରାପ। ଆମେ ମୋଦୀଙ୍କ ଏକଛତ୍ରବାଦ ଶାସନରେ ରହୁଛୁ। ବିମାନ ଭିତରୁ ହିଁ 'କକ୍ରୋଚ୍'ମାନଙ୍କୁ ଅଟକ ରଖିବା ଅଭୂତପୂର୍ବ ଭୟର ପରିଚୟ ଦେଉଛି।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନରେ ଭୋଟ୍ ଚୋରି କରି କ୍ଷମତାକୁ ଆସିଥିବା ଏବଂ ଏବେ ଗଣତନ୍ତ୍ରକୁ ଦମନ କରି ଏହାକୁ ଘୋଡ଼ାଇବାକୁ ଉଦ୍ୟମ କରୁଥିବା କେଜ୍ରିୱାଲ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ସିଜେପିର ପ୍ରତିବାଦ ପୂର୍ବରୁ ଦିଲ୍ଲୀ ପୁଲିସ କେଜ୍ରିୱାଲଙ୍କ ବାସଭବନକୁ ଦୁର୍ଗ ଭଳି ଘେରି ରଖିଥିବା ଆପ୍ ଅଭିଯୋଗ କରିଛି।

ନୂଆଦିଲ୍ଲୀ

ମୁମ୍ବଇ

ଦିଲ୍ଲୀ ଅଣନିଃଶ୍ୱାସୀ

- ୨୫୦ ଟ୍ରେନ୍ ବାତିଲ୍, ୪୫ ମେଟ୍ରୋ ଷ୍ଟେସନ୍ ବନ୍ଦ
- ଇଣ୍ଟରନେଟ୍ ସେବା ବନ୍ଦ, ୟୁପିଆଇ ଅଚଳ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ବିକ୍ଷୋଭ ଘୋଷଣା ପରେ ଶନିବାର ସୁରକ୍ଷା କଟକଣା କଠୋର ହୋଇଛି। ଏହା ଫଳରେ ଦିଲ୍ଲୀରେ ରେଳ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାକୁ ନେଇ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ସିଜେପି ଏହି ଆନ୍ଦୋଳନର ଆହ୍ୱାନ ଦେଇଥିଲା। ଏହାପରେ ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ଷ୍ଟେସନରେ ଅପରାହ୍ଣ ୨ଟା ମଧ୍ୟରେ ୨୫୦ରୁ ଅଧିକ ଟ୍ରେନ୍ ବାତିଲ କରାଯାଇଛି। ୪୫ ମେଟ୍ରୋ ଷ୍ଟେସନ୍‌କୁ ରାତି ୧୦ଟା ଯାଏ ବନ୍ଦ କରାଯାଇଛି। ଟ୍ରାଫିକ୍ ଜାମ୍ ଏବଂ ଷ୍ଟେସନରେ ଜନଗହଳି ଏଡ଼ାଇବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। କଟକଣା ଯୋଗୁଁ ହଜାର ହଜାର ଯାତ୍ରୀ ଷ୍ଟେସନରେ ଫସି ରହି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ସେଣ୍ଟ୍ରାଲ ଦିଲ୍ଲୀରେ ଧାରା ୧୬୩ ଲାଗୁ କରାଯାଇଛି। ଷ୍ଟେସନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ତେଣୁ ଯାତ୍ରୀମାନେ ୟୁପିଆଇ ପେମେଣ୍ଟ କରି ନପାରି ବହୁ କଲବଲ ହୋଇଥିଲେ। ଅନେକ ଯାତ୍ରୀ ଟ୍ରେନ୍ ବାତିଲ ସମ୍ପର୍କରେ ପୂର୍ବରୁ ସୂଚନା ପାଇପାରିନଥିଲେ। ଫଳରେ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ଷ୍ଟେସନରେ ଅପେକ୍ଷା କରିବାକୁ ପଡ଼ିଥିଲା। ସହରର ସମସ୍ତ ପ୍ରମୁଖ ଛକ ଏବଂ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ବ୍ୟାପକ ପୁଲିସ ମୁତୟନ ସହ ବ୍ୟାରିକେଡ୍ ଲଗାଯାଇଛି। ଅନେକ ସ୍ଥାନରେ ଯାତାୟାତ ପାଇଁ ରାସ୍ତା ବଦଳାଯାଇଛି। ପ୍ରମୁଖ ସ୍ଥାନଗୁଡ଼ିକରେ ସାଧାରଣ ଲୋକଙ୍କ ଅପେକ୍ଷା ଅଧିକ ସୁରକ୍ଷାକର୍ମୀ ରହିଛନ୍ତି। ରେଳ ଷ୍ଟେସନକୁ ଯାଉଥିବା ଯାତ୍ରୀମାନଙ୍କର ଯାଞ୍ଚ କଡ଼ାକଡ଼ି ହୋଇଛି। ଆନ୍ଦୋଳନ ସହ ସମ୍ପର୍କ ନଥିବା ସାଧାରଣ ଯାତ୍ରୀମାନେ ମଧ୍ୟ ଗମ୍ଭୀର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ସିଜେପିର 'ପ୍ଲାନ୍-ବି': ପ୍ରତିବାଦର ନେତୃତ୍ୱ ନେବେ ସିନ୍ଦେ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପାଇଁ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ବିକଳ୍ପ ରଣନୀତି 'ପ୍ଲାନ୍-ବି' ଘୋଷଣା କରିଛି। ଦଳର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ଏକ ପୂର୍ବରୁ ରେକର୍ଡ କରାଯାଇଥିବା ଭିଡିଓ ଜାରି କରି ତାଙ୍କ ସମେତ ଅନ୍ୟ ଦୁଇ ନେତା ଅଟକ ହେଲେ ଅଜିଙ୍କ୍ୟ ସିନ୍ଦେ ଆନ୍ଦୋଳନର ନେତୃତ୍ୱ ନେବେ ବୋଲି ଦଳ ସୂଚନା ଦେଇଛି। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ଏହି ପ୍ରତିବାଦ ଡାକରା ଦେଇଥିଲା। ତେବେ ଦିଲ୍ଲୀରେ ପହଞ୍ଚିବା ପରେ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ବିମାନ ଭିତରୁ ଦିଲ୍ଲୀ ପୁଲିସ ଅଟକ ରଖିଥିଲା। ଭିଡିଓରେ ଦୀପକେ କହିଛନ୍ତି, ଯଦି ଏହି ଭିଡିଓ ଦେଖିବା ବେଳକୁ ସେ, ସୌରଭ ଓ ଆଶୁତୋଷ ଅଟକ ହୋଇଥାଆନ୍ତି, ତେବେ ସମର୍ଥକମାନେ ଅଜିଙ୍କ୍ୟ ସିନ୍ଦେଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରଖନ୍ତୁ। ସେମାନଙ୍କ ଅନୁପସ୍ଥିତିରେ ସିନ୍ଦେ ଆନ୍ଦୋଳନକୁ ଆଗକୁ ନେବେ ବୋଲି ସେ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ, ତିନି ନେତାଙ୍କ ଅଟକକୁ ନେଇ ସିନ୍ଦେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ସମର୍ଥକଙ୍କୁ ପ୍ରତିବାଦ ଜାରି ରଖିବାକୁ ଅନୁରୋଧ କରିଛନ୍ତି।

ପୁଲିସ ଯେଉଁଠି ଅଟକାଇବ, ସେହି ସ୍ଥାନକୁ ପ୍ରତିବାଦର ସ୍ଥଳ ଭାବେ ବିବେଚନା କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସିଜେପିର ଅଭିଯୋଗ ଅନୁସାରେ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଓ ଫର୍ମ-୬ ସମ୍ପର୍କିତ ପରିବର୍ତ୍ତନ ଯୋଗୁଁ ଭୋଟଦାନ ଅଧିକାରରୁ ବଞ୍ଚିତ ହୋଇଥିବା ଲୋକଙ୍କ ପ୍ରସଙ୍ଗ ଉଠାଇ ଦଳ ଏହି ଆନ୍ଦୋଳନ କରୁଛି। ଯନ୍ତରମନ୍ତରରେ ପ୍ରତିବାଦ ପାଇଁ ଅନୁମତି ମିଳିନଥିବା ବେଳେ ଦଳ ନେତାଙ୍କ ଅଟକକୁ ପୂର୍ବ ଯୋଜନାବଦ୍ଧ ପଦକ୍ଷେପ ବୋଲି ଅଭିହିତ କରିଛି। ତେବେ ଏହି ଅଭିଯୋଗଗୁଡ଼ିକ ଦଳର ନିଜସ୍ୱ ଦାବି।

କକ୍ରୋଚ୍ ନେତାଙ୍କ ଲାଗି ବିମାନରେ ମହିଳା ପୁଲିସ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଯନ୍ତରମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପୂର୍ବରୁ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତା ଅଭିଜିତ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ଦିଲ୍ଲୀ ବିମାନବନ୍ଦରରେ ଅଟକ ରଖାଯାଇଛି। ଏହି ସମୟରେ ଦିଲ୍ଲୀ ପୁଲିସ ମହିଳା ଅଧିକାରୀଙ୍କୁ ମୁତୟନ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବିମାନଟି ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ପୁଲିସ କର୍ମଚାରୀ ବିମାନ ଭିତରକୁ ଯାଇ ତିନି ନେତାଙ୍କୁ ଅଟକ ରଖିଥିଲେ। ତେବେ ମହିଳା ପୁଲିସଙ୍କୁ ମୁତୟନ କରିବା ପଛରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଥିଲା କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ବିମାନ ଭିତରେ ସଂକୀର୍ଣ୍ଣ ରାସ୍ତା ଯୋଗୁଁ ଧସ୍ତାଧସ୍ତି ହେଲେ ପରିସ୍ଥିତି ହେବାର ଆଶଙ୍କା ଥିଲା। ତେଣୁ ସମ୍ଭାବ୍ୟ ଉତ୍ତେଜନା ଏଡ଼ାଇବା ଏବଂ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଲାଗି ମହିଳା ପୁଲିସଙ୍କୁ ନିୟୋଜିତ କରାଯାଇଥାଇପାରେ ବୋଲି କୁହାଯାଉଛି।

ଆଜି ପୃଥିବୀକୁ ମାଡ଼ ହୋଇପାରେ ଶକ୍ତିଶାଳୀ ସୌରଝଡ଼

ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ସୂର୍ଯ୍ୟରୁ ନିର୍ଗତ ଦୁଇଟି ବିଶାଳ ଶକ୍ତିଶାଳୀ କଣିକାର ମେଘ ଅକ୍ଟୋବର ୧୧ରେ ପୃଥିବୀରେ ପହଞ୍ଚିବା ଆଶଙ୍କା ରହିଛି। ଏହା ଯୋଗୁଁ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ପ୍ରଭାବିତ ହେବା ସହ ମଧ୍ୟମ ଧରଣର ସୌର ଝଡ଼ ସୂର୍ଯ୍ୟରୁ ଶକ୍ତି ଓ ବିଦ୍ୟୁତ୍ ଆବେଶିତ କଣିକା ମହାକାଶକୁ ନିର୍ଗତ ହେବା ଯୋଗୁଁ ସୃଷ୍ଟି ହେଉଥିବା ଘଟଣା। ଏହା ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ପ୍ରଭାବିତ କରିପାରେ। ନୋଆ ଅନୁଯାୟୀ, ଏହାର ପ୍ରଭାବରେ କେତେକ ଉପଗ୍ରହ, ରେଡିଓ ଯୋଗାଯୋଗ ଓ ନାଭିଗେସନ୍

ପ୍ରଭାବିତ ହୋଇପାରେ ଉପଗ୍ରହ, ରେଡିଓ ଯୋଗାଯୋଗ, ନାଭିଗେସନ୍

ସୃଷ୍ଟି ହୋଇପାରେ। ଆମେରିକାର ଜାତୀୟ ସାମୁଦ୍ରିକ ଓ ବାୟୁମଣ୍ଡଳୀୟ ପ୍ରଶାସନ (ନୋଆ) ଜି-୨ ଶ୍ରେଣୀର ଭୂଚୁମ୍ବକୀୟ ଝଡ଼ ନେଇ ସତର୍କତା ଜାରି କରିଛି। ସୌର ଝଡ଼ ହେଉଛି ବ୍ୟବସ୍ଥା ପ୍ରଭାବିତ ହୋଇପାରେ। ଉଚ୍ଚ ଅକ୍ଷାଂଶ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥାରେ ଭୋଲ୍‌ଟେଜ୍ ପରିବର୍ତ୍ତନ ମଧ୍ୟ ହୋଇପାରେ। ଏହା ସହ ମେରୁ ଅଞ୍ଚଳରେ ଦେଖାଯାଉଥିବା ରଙ୍ଗିନ



ଆଲୋକ 'ଅରୋରା' ସାଧାରଣଠାରୁ ଅଧିକ ଅଞ୍ଚଳରେ ଦୃଶ୍ୟମାନ ହୋଇପାରେ। ତେବେ ଭାରତରେ ବ୍ୟାପକ ବିଦ୍ୟୁତ୍ ବିଭ୍ରାଟ କିମ୍ବା ଯୋଗାଯୋଗ ବ୍ୟବସ୍ଥା ଠପ୍ ହୋଇଯିବାର ଆଶଙ୍କା ନାହିଁ। ସୌର ଝଡ଼ର ପ୍ରକୃତ ତୀବ୍ରତା ପୃଥିବୀରେ ପହଞ୍ଚିବା ପରେ ସ୍ପଷ୍ଟ ହେବ।

ନିଜେ ରୁଷରୁ କିଣିବ ତେଲ, ଭାରତ କିଣିଲେ କଟକଣା

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ରୁଷଠାରୁ ତେଲ କିଣୁଥିବା ଭାରତ ଉପରେ ଅଧିକ ଶୁଳ୍କ ଲଗାଇବା ସହ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଧମକ ଦେଇଥିବା ଆମେରିକା ଏବେ ନିଜେ ରୁଷଠାରୁ ଡିଜେଲ କିଣିବାକୁ ଯାଉଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଚୁକ୍ତିକୁ ନେଇ ତାଙ୍କ ନୀତିରେ ଦ୍ୱିମୁଖୀ ଆଭିମୁଖ୍ୟ ଥିବା ଅଭିଯୋଗ ଉଠିଛି। ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ପାଇଁ ମସ୍କୋ ଉପରେ ଆର୍ଥିକ ଚାପ ପକାଇବାକୁ ଚାହୁଁଥିବା ଟ୍ରମ୍ପ ଏବେ ନିଜ ଦେଶର ଇନ୍ଧନ ମୂଲ୍ୟ ନିୟନ୍ତ୍ରଣ ପାଇଁ ସେହି ରୁଷରୁ ଡିଜେଲ ଆମଦାନି କରିବାକୁ ରାଜି ହୋଇଛନ୍ତି। ନଭେମ୍ବରରେ ଆମେରିକାରେ ମଧ୍ୟବର୍ତ୍ତୀ ନିର୍ବାଚନ ଥିବାରୁ ଇନ୍ଧନ ମୂଲ୍ୟ କମାଇବା ଏହି ପଦକ୍ଷେପର ଏକ ପ୍ରମୁଖ ଉଦ୍ଦେଶ୍ୟ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ଟ୍ରମ୍ପ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍ ସୋସିଆଲ୍'ରେ ରୁଷ ତୁରନ୍ତ ଆମେରିକା ଓ ବିଶ୍ୱ ବଜାରକୁ ୩ ଲକ୍ଷ ଟନ୍ ଡିଜେଲ ଯୋଗାଇବ ବୋଲି ଘୋଷଣା କରିଛନ୍ତି। ଏହାପରେ ନଭେମ୍ବରରେ ଆଉ ୫ ଲକ୍ଷ ଟନ୍ ଏବଂ ପରବର୍ତ୍ତୀ ସମୟରେ ଆଉ ୧୦ ଲକ୍ଷ ଟନ୍ ଡିଜେଲ ଯୋଗାଣ ହେବ ବୋଲି ସେ କହିଛନ୍ତି। ଏହି ଚୁକ୍ତିର ଅଂଶ ଭାବେ ରୁଷର ଡିଜେଲ ରପ୍ତାନି ଉପରେ ଥିବା କଟକଣାକୁ ଏପ୍ରିଲ ୨୦୨୭ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇପାରେ ବୋଲି ବିବିସି ରିପୋର୍ଟ କରିଛି।

ଆମେରିକାର ଦୋମୁହାଁ ନୀତିକୁ ନେଇ ପ୍ରଶ୍ନ

ଗତବର୍ଷ ରୁଷଠାରୁ ତେଲ କିଣିବାକୁ ନେଇ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲା। ଏହାଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ମୋଟ ଶୁଳ୍କ ୫୦ ପ୍ରତିଶତରେ ପହଞ୍ଚିଥିଲା। ରୁଷରୁ ତେଲ କିଣି ଭାରତ ୟୁକ୍ରେନ ଯୁଦ୍ଧ ପାଇଁ ମସ୍କୋକୁ ଆର୍ଥିକ ସହାୟତା ଯୋଗାଉଛି ବୋଲି ଆମେରିକା ଅଭିଯୋଗ କରିଥିଲା। ଟ୍ରମ୍ପଙ୍କ ସହଯୋଗୀ ପିଟର ନାଭାରୋ ମଧ୍ୟ ରୁଷର ତେଲ କିଣିବାକୁ ନେଇ ଭାରତକୁ ସମାଲୋଚନା କରିଥିଲେ। ତେବେ ନିଜର ପ୍ରାୟ ୯୦ ପ୍ରତିଶତ ଶକ୍ତି ଆବଶ୍ୟକତା ପାଇଁ ଆମଦାନି ଉପରେ ନିର୍ଭରଶୀଳ ଭାରତ କହିଆସିଛି ଯେ ଦେଶର ଜାତୀୟ ସ୍ୱାର୍ଥ ଓ ଲୋକଙ୍କୁ ସୁଲଭ ମୂଲ୍ୟରେ ଇନ୍ଧନ ଯୋଗାଣ ଆଧାରରେ ଏହାର ନିଷ୍ପତ୍ତି ନିଆଯାଏ। ଏବେ ଆମେରିକା ନିଜେ ରୁଷଠାରୁ ଡିଜେଲ କିଣିବାକୁ ରାଜି ହେବା ପରେ ଭାରତର ଏହି ଯୁକ୍ତିକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଆମେରିକାର କାଟୋ ଇନ୍‌ଷ୍ଟିଚ୍ୟୁଟ୍‌ର ଉପସଭାପତି ସ୍କଟ୍ ଲିଙ୍କମ୍ ଏହି ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି—ରୁଷରୁ ତେଲ କିଣୁଥିବା ଦେଶ ଉପରେ ଶୁଳ୍କ ଲଗାଇବାକୁ ଆଇନ ଥିବାବେଳେ ଆମେରିକା ନିଜ ଉପରେ ଶୁଳ୍କ ଲଗାଇବ କି ? ଭୂରାଜନୈତିକ ବିଶେଷଜ୍ଞ ଇଭାନ୍ ଏ. ଫିଗେନବାମ୍ ମଧ୍ୟ କହିଛନ୍ତି ଯେ ରୁଷଠାରୁ ତେଲ କିଣିବା ପ୍ରସଙ୍ଗରେ ଭାରତକୁ ଦୀର୍ଘ ୧୪ ମାସ ଧରି ଧମକ ଦେବା ପରେ ଆମେରିକାର ଏହି ପଦକ୍ଷେପ ଭାରତ-ଆମେରିକା ସମ୍ପର୍କକୁ ଆହୁରି ପ୍ରଭାବିତ କରିପାରେ। ଏପଟେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏହି ଚୁକ୍ତିକୁ ପୁଟିନଙ୍କ ପାଇଁ ଟ୍ରମ୍ପଙ୍କ 'ଉପହାର' ବୋଲି କହିବା ସହ ଏହା ଯୁଦ୍ଧକୁ ଦୀର୍ଘ କରିବାରେ ସହାୟକ ହୋଇପାରେ ବୋଲି ଚିନ୍ତା ପ୍ରକାଶ କରିଛନ୍ତି।

ବଢ଼ିଲା କନ୍ୟା ସନ୍ତାନ ପସନ୍ଦ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଦେଶରେ ଝିଅ ଜନ୍ମ ହାରରେ ଧୀରେ ଧୀରେ ଉନ୍ନତି ହେଉଛି। ପୂର୍ବରୁ ପୁଅ ସନ୍ତାନକୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ଅଞ୍ଚଳରେ ମଧ୍ୟ ଏବେ ଝିଅ ଜନ୍ମ ସଂଖ୍ୟା ବଢ଼ୁଛି। 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନର ପ୍ରଭାବ ନେଇ ହୋଇଥିବା ଏକ ଗବେଷଣାରେ ଏହି ତଥ୍ୟ ସାମ୍ନାକୁ ଆସିଛି। ତେବେ ଉଚ୍ଚ ମାଧ୍ୟମିକ ସ୍ତରରେ ଶିକ୍ଷା ସମାପ୍ତ କରିବା କ୍ଷେତ୍ରରେ ଗ୍ରାମାଞ୍ଚଳର ଝିଅମାନେ ଏବେ ବି ପଛରେ ରହିଛନ୍ତି। 'ପଲିସି ଇଣ୍ଟରଭେନ୍‌ସନ୍ସ ଆଣ୍ଡ ଦ ସେକ୍ସ ରେସିଓ ଆଟ୍ ବର୍ଥ: ଏଭିଡେନ୍ସ ଫ୍ରମ୍ ଇଣ୍ଡିଆ' ଶୀର୍ଷକ ଗବେଷଣା ଅନୁଯାୟୀ, ଏହି ଅଭିଯାନ ଯୋଗୁଁ ପ୍ରତି ହଜାର

ପ୍ରତି ହଜାର ନବଜାତରେ ବଢ଼ିଛନ୍ତି ୧୫ ଝିଅ

ଜନ୍ମରେ ପ୍ରାୟ ୧୫ ଅଧିକ ଝିଅ ଜନ୍ମ ହେବାର ଆକଳନ କରାଯାଇଛି। ବିଶେଷକରି ପ୍ରଥମ ସନ୍ତାନ ଝିଅ ଥିବା ପରିବାରରେ ଏହାର ପ୍ରଭାବ ଅଧିକ ଦେଖାଯାଇଛି। ସେହି ପରିବାରଗୁଡ଼ିକରେ ଦ୍ୱିତୀୟ ସନ୍ତାନ ମଧ୍ୟ ଝିଅ ହେବାର ସମ୍ଭାବନା ୩.୭ରୁ ୫.୩ ପ୍ରତିଶତ ପଏଣ୍ଟ ବଢ଼ିଛି। ୨୦୧୫-୧୬ରେ ଦେଶରେ ପ୍ରତି ହଜାର ପୁଅ ଜନ୍ମରେ ଝିଅଙ୍କ ସଂଖ୍ୟା ୯୧୯ ଥିବାବେଳେ ଏବେ ଏହା ୯୩୦ରେ ପହଞ୍ଚିଛି। ଗୋଆ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ଛତିଶଗଡ଼ ଓ କେରଳ ଏ କ୍ଷେତ୍ରରେ ଭଲ ସ୍ଥିତିରେ ରହିଛନ୍ତି। ଅନ୍ୟପକ୍ଷରେ, ୟୁନେସ୍କୋର ଏକ ରିପୋର୍ଟ ଅନୁଯାୟୀ, ଗ୍ରାମାଞ୍ଚଳରେ ପ୍ରତି ୧୦୦ ପୁଅଙ୍କ ତୁଳନାରେ ମାତ୍ର ୫୯ ଝିଅ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଶିକ୍ଷା ସମାପ୍ତ କରିପାରୁଛନ୍ତି। ଦେଶରେ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତି ହାରରେ ପ୍ରତି ୧୦୦ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ୮୯। ତେଣୁ ଝିଅଙ୍କ ଜନ୍ମ ହାରରେ ଉନ୍ନତି ସହ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ସୁନିଶ୍ଚିତ କରିବା ମଧ୍ୟ ଏକ ବଡ଼ ଆହ୍ୱାନ ହୋଇ ରହିଛି।

ଆଜିଠୁ ରଣଜୀ ଟ୍ରଫି
▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-108 ◆SUNDAY ◆11 OCTOBER 2026 ◆PAGE-12+4 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୮ ◆ରବିବାର ◆୧୧ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨+୪(ସିନ୍ଦୂରା) ◆ଟ.୭.୦୦

ଶାରଦୀୟ ଉପଚାର

ପବିତ୍ର ମହାଳୟା ଅମାବାସ୍ୟା ତିଥିରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ।

ଅଦମନୀୟ କକ୍ରୋଚ୍

କଟକଣା ସତ୍ତ୍ୱେ ମାଡ଼ିଆସିଲେ ଆନ୍ଦୋଳନକାରୀ, ୭ ହଜାର ଅଟକ

ଦିଲ୍ଲୀରେ ଦମନଲୀଳା

- କକ୍ରୋଚ୍ ନେତାଙ୍କୁ ବିମାନରୁ ଉଠାଇନେଲା ପୁଲିସ
- ରାତି ଅଧରେ ଧ୍ରୁବ ରାଠୀଙ୍କୁ ଘରୁ ଟେକିନିଆଗଲା
- ମମତା, କେଜ୍ରିୱାଲ, ବିଜୟନ, ପ୍ରଶାନ୍ତ ଭୂଷଣ ଅଟକ
- ପୁଣି ଆମରଣ ଅନଶନର ଧମକ ଦେଲେ ୱାଙ୍ଗଚୁକ୍
- ୧୨ରେ ବଡ଼ ଆନ୍ଦୋଳନ କରିବ ଇଣ୍ଡିଆ ମେଣ୍ଟ

■ ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ଏସ୍‌ଆଇଆର ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆନ୍ଦୋଳନକୁ ଦମନ କରିବାକୁ ଯାଇ ରାଜଧାନୀ ନୂଆଦିଲ୍ଲୀକୁ କବ୍‌ଜା କରିନେଇଛି ଦିଲ୍ଲୀ ପୁଲିସ। ବିମାନ ଭିତରକୁ କକ୍ରୋଚ୍ ନେତା ଅଭିଜିତ ଦୀପ୍‌କେ, ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଉଠାଇନେଇଛି ପୁଲିସ। ଲୋକପ୍ରିୟ ୟୁଟ୍ୟୁବର ଧ୍ରୁବ ରାଠୀଙ୍କୁ ମଧ୍ୟ ତାଙ୍କର ଗୁରୁଗ୍ରାମ ବାସଭବନରୁ ରାତି ଅଧରେ ଉଠାଇନେଇଛି। ସେମାନଙ୍କୁ ସମର୍ଥନ ଜଣାଇ ଆନ୍ଦୋଳନକୁ ଓହ୍ଲାଇଥିବା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, କେରଳର ପୂର୍ବ ମୁଖ୍ୟମନ୍ତ୍ରୀ ବିଜୟନ, ତ୍ରିପୁରାର ପୂର୍ବ ମୁଖ୍ୟମନ୍ତ୍ରୀ ମଣିକ ସରକାର, ଛାତ୍ରୀ ନେତ୍ରୀ ନେହା ବୋରା, ସାମାଜିକ କର୍ମୀ ଯୋଗେନ୍ଦ୍ର ଯାଦବ ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନରୁ ବାଦ୍ ପଡ଼ିନାହାନ୍ତି। ଦିଲ୍ଲୀ ପୁଲିସର କଠୋର କଟକଣା ସତ୍ତ୍ୱେ ଶହ ଶହ ସଂଖ୍ୟାରେ ଆନ୍ଦୋଳନକାରୀ ଯନ୍ତରମନ୍ତର ଆଡ଼କୁ ମାଡ଼ି ଆସୁଥିବା ବେଳେ ସନ୍ଧ୍ୟା ସୁଦ୍ଧା ୭ ହଜାର ଲୋକଙ୍କୁ ଅଟକ ରଖିଛି। ଅନେକ ସ୍ଥାନରେ ପୁଲିସ ସହ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଥିବାର ▶ପୃଷ୍ଠା-୭

ଜାତିସଂଘର ଉଦ୍‌ବେଗ

■ ନ୍ୟୁୟର୍କ, ୧୦।୧୦ (ଏଜେନ୍ସି): ଭାରତରେ କକ୍ରୋଚ୍ ପାର୍ଟି ଆନ୍ଦୋଳନ ବେଳେ ହଜାର ହଜାର ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିବା ଜାତିସଂଘ ଉଦବେଗ ପ୍ରକାଶ କରିଛି। ଜାତିସଂଘ ମାନବିଧିକାର ସଂସ୍ଥାର ମୁଖପାତ୍ର ଥମିନ ଖିତାନ କହିଛନ୍ତି ଯେ ସାମାଜିକ କର୍ମୀ, ଆଇନଜୀବୀ ଓ ସାମ୍ବାଦିକମାନଙ୍କୁ ଅଟକ ରଖାଯିବା ଘଟଣା ଚିନ୍ତାର ବିଷୟ। ସେମାନଙ୍କୁ ବିନା ସର୍ତ୍ତରେ ଏବଂ ତୁରନ୍ତ ମୁକ୍ତ କରିବାକୁ ସେ ଦାବି କରି କହିଛନ୍ତି ଯେ ଶାନ୍ତିପୂର୍ଣ୍ଣ ସମାବେଶ ପାଇଁ ଅଧିକାରକୁ ପ୍ରଶାସନ ସମ୍ମାନ ଦେଉ।

ଆମ ନେତାଙ୍କୁ ଅପହରଣ କରିଛି ପୁଲିସ: ସିଜେପି

■ ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଆମ ନେତାମାନଙ୍କୁ ଅପହରଣ କରାଯାଇଛି। ସେମାନଙ୍କୁ ଅପହରଣ କରିଛି ଦିଲ୍ଲୀ ପୁଲିସ। ନେତାମାନଙ୍କୁ କେଉଁଠି ରଖିଛି ଜଣାଉ ନାହିଁ। ୧୦ ଘଣ୍ଟାରୁ ଅଧିକ ସମୟ ହେଲାଣି, ସେମାନଙ୍କ ସହିତ କୌଣସି ଯୋଗାଯୋଗ ହୋଇପାରୁ ନାହିଁ। କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଏହି ଅଭିଯୋଗ କରାଯାଇଛି। ଆଜି ସନ୍ଧ୍ୟାରେ ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପାର୍ଟିର ଅନ୍ୟତମ ନେତା ଆଜିଙ୍କ୍ୟ ସିନ୍ଦେ କହିଛନ୍ତି ଯେ ପୁଲିସର ଏଭଳି ▶ପୃଷ୍ଠା-୭

ଆଜି ପୁଣି ଯନ୍ତରମନ୍ତର ଅଭିଯାନ

ଛାତ୍ର ସଂସଦ ନିର୍ବାଚନ

ସରକାରୀ କଳର ହସ୍ତକ୍ଷେପକୁ ସୁଜାତାଙ୍କ ନିନ୍ଦା

କ୍ୟାମ୍ପସ୍‌ର ଶାନ୍ତିପୂର୍ଣ୍ଣ ପରିବେଶ ନଷ୍ଟ ଉଦ୍ୟମକୁ ବରଦାସ୍ତ କରିବନି ବିଜେଡି

- କଲେଜ ପ୍ରଶାସନ, ପୁଲିସ ବିସିଜେଡି ନେତାଙ୍କୁ ଧମକଚମକ ଦେଉଛନ୍ତି
- ଗୁଣ୍ଡାଗର୍ଦ୍ଦି କରି ଛାତ୍ର ସମାଜ ଓ ଭବିଷ୍ୟତ ପିଢ଼ିକୁ କି ବାର୍ତ୍ତା ଦିଆଯାଉଛି

■ ଭୁବନେଶ୍ୱର, ୧୦।୧୦ (ସମିସ): ରାଜ୍ୟରେ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜମାନଙ୍କର ଛାତ୍ର ସଂସଦ ନିର୍ବାଚନ ଚାଲିଥିବା ବେଳେ ରାଜ୍ୟ ସରକାରଙ୍କ ବେଆଇନ ହସ୍ତକ୍ଷେପକୁ ନେଇ ବିଭିନ୍ନ ଛାତ୍ର ସଂଗଠନ କ୍ଷୋଭ ପ୍ରକାଶ କରୁଛନ୍ତି। ସରକାରୀ କଳବଳକୁ ଲଗାଇ ନିର୍ବାଚନରେ ନିଜ ସପକ୍ଷରେ ନେବାକୁ ଶାସକ ଦଳ ବିଜେପି ଉଦ୍ୟମ କରୁଛି ବୋଲି ବିଜେଡି, କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳର ଛାତ୍ର ସଂଗଠନ ପକ୍ଷରୁ ଅଭିଯୋଗ କରାଯାଉଛି। ଏହିକ୍ରମରେ ବିଜେଡି ନେତ୍ରୀ ସୁଜାତା ରାଉତ ଛାତ୍ର ସଂସଦ ନିର୍ବାଚନରେ ସରକାରୀ କଳର ହସ୍ତକ୍ଷେପକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। କଲେଜ କ୍ୟାମ୍ପସର ଶାନ୍ତିପୂର୍ଣ୍ଣ ପରିବେଶକୁ ନଷ୍ଟ କରିବାକୁ ଉଦ୍ୟମ କରାଯାଉଥିବା ବେଳେ ଏହାକୁ ବିଜେଡି ବରଦାସ୍ତ କରିବ ନାହିଁ ବୋଲି ରୋକଠୋକ୍ ଶୁଣାଇଛନ୍ତି ସୁଜାତା।

ଏକ ଭିଡିଓ ବାର୍ତ୍ତାରେ ସୁଜାତା କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ କଲେଜ ନିର୍ବାଚନ ଚାଲିଛି। ତେବେ ଏଥିରେ ଗୁଣ୍ଡା ▶ପୃଷ୍ଠା-୭

କଟକ-ସାଲେପୁର ରାସ୍ତାରେ ଦୁର୍ଘଟଣା

ବସ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

■ ସାଲେପୁର, ୧୦।୧୦ (ସମିସ): ଶନିବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ୨ ମୋଟର ସାଇକଲ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାଗ୍ରସ୍ତ ବସ୍ ଓ ମୋଟରସାଇକଲ୍‌ଟିକୁ ପୁଲିସ ଜବତ କରିଥିବାବେଳେ ବସ୍ ଚାଳକ ଫେରାର ଥିବା ଜଣାଯାଇଛି। କଟକ-ସାଲେପୁର ରାସ୍ତାର ଚାଣକ୍ୟ ହୋଟେଲ ନିକଟରେ ଶ୍ରୀସାଇ ନାମକ ଏକ ଘରୋଇ ବସ୍ କଟକରୁ କେନ୍ଦ୍ରାପଡା ଅଭିମୁଖେ ଆସୁଥିବାବେଳେ ଏକ ମୋଟର ସାଇକଲ୍ ଯୋଗେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ପରେଶଚନ୍ଦ୍ର ରାଉତ(୨୬) ଓ କ୍ରିତିକ୍ ରାଜ (୧୯) କେନ୍ଦ୍ରାପଡାରୁ କଟକ ▶ପୃଷ୍ଠା-୭

ସାଉଦି ବିମାନବନ୍ଦରରେ ହୁତି ଆକ୍ରମଣ

■ ରିୟାଦ, ୧୦।୧୦ (ଏଜେନ୍ସି): ସାଉଦି ଆରବର ରାଜଧାନୀ ରିୟାଦସ୍ଥିତ କିଙ୍ଗ୍ ଖାଲିଦ୍ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଶନିବାର ପୁଣି ଆକ୍ରମଣ ହୋଇଥିବା ଦୁଇ ଆଞ୍ଚଳିକ ଅଧିକାରୀ ସୂଚନା ଦେଇଛନ୍ତି। ଘଟଣା ପରେ ବିମାନବନ୍ଦରକୁ ଖାଲି କରାଯାଇଥିବା ଏବଂ

ବିମାନ ଚଳାଚଳ ବନ୍ଦ

ବିମାନ ଚଳାଚଳ ବନ୍ଦ ରହିଥିବା ସେମାନେ କହିଛନ୍ତି। ଗତ ଦୁଇ ଦିନ ମଧ୍ୟରେ ବିମାନବନ୍ଦରରେ ଏହା ଦ୍ୱିତୀୟ ଆକ୍ରମଣ ବୋଲି ଖବର ମିଳିଛି। ଏହା ପୂର୍ବରୁ ବୁଧବାର ହୋଇଥିବା ଆକ୍ରମଣରେ ଜଣେ ସୁଦାନୀ ନାଗରିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୮ ଜଣ ଆହତ ହୋଇଥିଲେ। ପୂର୍ବ ଆକ୍ରମଣଗୁଡ଼ିକ ପାଇଁ ୟେମେନର ହୁତି ବିଦ୍ରୋହୀ ନିଜକୁ ଦାୟୀ କରିଥିଲେ। ତେବେ ଶନିବାରର ଘଟଣା ନେଇ ସେମାନଙ୍କ ପକ୍ଷରୁ କୌଣସି ବିବୃତି ଆସିନାହିଁ। ଅତି କମ୍‌ରେ ଦୁଇଟି ଜୋର୍‌ଦାର ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ବିମାନବନ୍ଦର କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ବିମାନବନ୍ଦରକୁ ଯିବା ପୂର୍ବରୁ ନିଜ ବିମାନର ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦେଇଛନ୍ତି। ପଡ଼ୋଶୀ ୟେମେନରେ ହୁତି ବିଦ୍ରୋହୀ ଓ ସାଉଦି ସମର୍ଥିତ ସରକାରୀ ବାହିନୀ ମଧ୍ୟରେ ସଂଘର୍ଷ ତୀବ୍ର ହୋଇଛି। ହୁତି ବିଦ୍ରୋହୀଙ୍କ ବିରୋଧରେ ସାଉଦି ନେତୃତ୍ୱାଧୀନ ମେଣ୍ଟ ସାମରିକ ଅଭିଯାନ ଚଳାଇଛି।

ଓଲଟ ପାଲଟ

ଓଡିଶା କଂଗ୍ରେସ ବନ୍ଦ ଆନ୍ଦୋଳନ
କଲା ବାର ଘଣ୍ଟା ପାଇଁ,
ଜନ ସମର୍ଥନ ମହଙ୍ଗା ପଡ଼ିଲା
ମୁଣ୍ଡ ମାରି ନେଲା ଝାଇଁ।
ଆନ୍ଦୋଳନକାରୀ ଡାକ୍ତରଙ୍କୁ ଦେଖି
କହିଲେ କୁଆଡ଼େ ଯାଅ,
ରୋଗୀ ଦେଖା ଆଜି
ହୋଇପାରିବନି
ଦୟାକରି ଛୁଟି ନିଅ॥

- ଯାଯାବର

ଭୋଟର ହେବାକୁ ୩୩,୫୧୫ ଆବେଦନ

■ ଭୁବନେଶ୍ୱର, ୧୦।୧୦ (ସମିସ): ରାଜ୍ୟରେ ଭୋଟର ତାଲିକାରେ ନାମ ସାମିଲ କରିବା ଉଦ୍ଦେଶ୍ୟରେ ଗତ ୭, ୮ ଓ ୯ ତାରିଖରେ ଆୟୋଜିତ ୩ ଦିନିଆ ସ୍ୱତନ୍ତ୍ର ଅଭିଯାନ ସମାପ୍ତ ହୋଇଛି। ଏହି ଅଭିଯାନରେ ଭୋଟର ତାଲିକାରେ ସାମିଲ ହେବା ପାଇଁ ମୋଟ ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରଙ୍କ ସମେତ ନୂତନ ଓ ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ ହେବାର ସୁଯୋଗ ପ୍ରଦାନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।ଏହି ତିନିଦିନିଆ ସ୍ୱତନ୍ତ୍ର ଅଭିଯାନ ଅଧୀନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୨୬,୪୭୬ଟି ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ଭୋଟରମାନଙ୍କଠାରୁ ୧,୪୪୮ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଥିବାବେଳେ ନୂତନ ଓ ଯୁବ ଭୋଟରମାନଙ୍କଠାରୁ ୩୨,୦୬୭ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି। ଅର୍ଥାତ୍ ସର୍ବମୋଟ ୩୩,୫୧୫ଟି ଫର୍ମ-୬ ଆବେଦନପତ୍ର ଗ୍ରହଣ କରାଯାଇଛି। ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ▶ପୃଷ୍ଠା-୭

୩ ଦିନିଆ ସ୍ୱତନ୍ତ୍ର ଅଭିଯାନରେ ରାଜ୍ୟବ୍ୟାପୀ ୨୬,୪୭୬ଟି ଶିବିର

ଶାସକ-ବିରୋଧୀ ଛକାପଞ୍ଝା; କ୍ୟାମ୍ପସ୍ ଅଶାନ୍ତ

■ ଭୁବନେଶ୍ୱର, ୧୦।୧୦ (ସମିସ): ରାଜ୍ୟବ୍ୟାପୀ ବିଭିନ୍ନ ବିଶ୍ୱ ବିଜଦ୍ୟାଳୟ ଏବଂ ଡିଗ୍ରୀ କଲେଜରେ ବର୍ତ୍ତମାନ ଛାତ୍ର ସଂସଦ ନିର୍ବାଚ ପ୍ରକ୍ରିୟା ଜାରି ରହିଛି। ତେବେ ନିର୍ବାଚନକୁ ଜେନେତେନ ପ୍ରକାରରେ ନିଜ ସପକ୍ଷରେ ନେବା ପାଇଁ ଶାସକ ଦଳର ମନ୍ତ୍ରୀ, ବିଧାୟକ, ନେତାମାନେ ସବୁ ନିୟମ କାନୁନକୁ ଦଳିମକଚି ଦେଉଛନ୍ତି କ୍ଷୋଭ ପ୍ରକାଶ କରୁଛନ୍ତି ବିଭିନ୍ନ ଛାତ୍ର ସଂଗଠନ। ସରକାରୀ ଦଳର ଚାପରେ କଲେଜ ଅଧ୍ୟକ୍ଷମାନେ ବେଆଇନ୍ କାର୍ଯ୍ୟ କରିବାକୁ ପଛାଉନଥିବା ବେଳେ ଏହାକୁ ନେଇ ବିଭିନ୍ନ ମହଲରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଲାଣି। ସରକାର ଏପରି ▶ପୃଷ୍ଠା-୭

ସରକାରୀ ଦଳର ଇଶାରାରେ ନାଚୁଛନ୍ତି ପୁଲିସ, କଲେଜ ପ୍ରଶାସନ: ବିରୋଧୀ ଛାତ୍ର ସଂଗଠନ

- ରେଭେନ୍ସା, ମାଣିକେଶ୍ୱରୀରେ ନାମ କାଟିଲେ, ବିରୋଧ ପରେ ପୁଣି ଯୋଡ଼ିଲେ କର୍ତ୍ତୃପକ୍ଷ
- ପଟ୍ଟାମୁଣ୍ଡାଇରେ ବିସିଜେଡି ସଭାପତି ପ୍ରାର୍ଥୀଙ୍କୁ ଆକ୍ରମଣ
- ବାଲେଶ୍ୱରରେ ବିଜେଡି ଜିଲ୍ଲା ଛାତ୍ର ସଭାପତି ଅଟକ
- ସିମୁଳିଆ କଲେଜରେ ଅଧ୍ୟକ୍ଷଙ୍କୁ ହତ୍ୟା ଧମକ
- ଏକାଧିକ କଲେଜରେ ସାଇନ-ଏ-ଡାଏ ଘୋଷଣା

ବାଙ୍କୀ କଲେଜ ଅଧ୍ୟକ୍ଷଙ୍କ କୋଠରିରେ ବୈଠକ; ବାହାରେ ବୋମାମାଡ଼

କଟକ, ୧୦।୧୦ (ସମିସ): ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ଅଶାନ୍ତିର ନିଆଁରେ ଜଳୁଛି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ। ପ୍ରାର୍ଥୀ ତାଲିକାକୁ ନେଇ ଛାତ୍ର ଅସନ୍ତୋଷ ଚରମ ସୀମାରେ ପହଞ୍ଚିଥିବା ବେଳେ କ୍ୟାମ୍ପସରେ ବୋମାମାଡ଼ ଘଟଣା ପରିସ୍ଥିତିକୁ ଅଧିକ ଭୟାବହ କରିଦେଇଛି। ଲଗାତାର ବୋମାମାଡ଼କୁ ନେଇ କଲେଜ ▶ପୃଷ୍ଠା-୭

ମହିଳା ହଷ୍ଟେଲରେ ବି ପଡ଼ିଲା ବୋମା



ବିଜେଡି ସମର୍ଥିତ ଛାତ୍ରନେତାଙ୍କ ନାମାଙ୍କନ ନାକଚକୁ ନେଇ ହୋହଲ୍ଲା

କଲେଜ ଓ ଥାନାକୁ ଯାଇ ଅସନ୍ତୋଷ ବ୍ୟକ୍ତକଲେ ବିଜେଡି ନେତା

କେସିଙ୍ଗା,୧୦।୧୦(ସମିସ):

ରାଜ୍ୟର ସମସ୍ତ ମହାବିଦ୍ୟାଳୟ ମାନଙ୍କରେ ଶୁକ୍ରବାର ନାମାଙ୍କନ ସରିଥିବାବେଳେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟରେ ମଧ୍ୟ ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳାର ସହିତ ନାମାଙ୍କନ ସରିଥିଲା। ହେଲେ ସନ୍ଧ୍ୟାରେ ବିଜେଡି ସମର୍ଥିତ ଛାତ୍ରନେତା ଅନୁଭବ ପଟ୍ଟନାୟକଙ୍କ ନାମରେ କେସିଙ୍ଗା ଥାନାରେ ଫୌଜଦାରୀ ମାମଲା ଅଛି କହି ତାଙ୍କ ନାମାଙ୍କନ କଲେଜ କର୍ତ୍ତୃପକ୍ଷ ନାକଚ କରିଥିଲେ।

ସୂଚନା ଅନୁଯାୟୀ, ସଭାପତି ପଦ ପାଇଁ ନାମାଙ୍କନ ଭରିଥିବା ବିଜେଡି ସମର୍ଥିତ ଛାତ୍ରନେତା ଅନୁଭବ ପଟ୍ଟନାୟକ ଓ ବିଜେପି ସମର୍ଥିତ ଅଙ୍କିତ ପାଠକଙ୍କ ମଧ୍ୟରେ ଗତ ୮ ତାରିଖରେ ବଚସା ହୋଇଥିଲା। ଏନେଇ ଅଙ୍କିତ ଥାନାରେ ଅଭିଯୋଗ କରିଥିଲେ। ୯ ତାରିଖ ନାମାଙ୍କନ ପରେ ଅଙ୍କିତ କିଛି ବିଜେପି ନେତାଙ୍କ କଥାରେ ଥାନାକୁ ଯାଇ ଅନୁଭବଙ୍କ ନାମରେ ମାମଲା ପଞ୍ଜୀକରଣ ପାଇଁ ଅଡ଼ି ବସିଲେ ଓ ଶାସକ ଦଳର ଚାପରେ ଥାନା ଅଧିକାରୀ ଅନୁଭବଙ୍କ ନାମରେ ମାମଲା ରୁଜୁ କରିଥିଲେ ବୋଲି ଶନିବାର ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ଛାତ୍ରନେତା ଅଭିନାଶ ଠାକୁର କେସିଙ୍ଗା ଆସି ପ୍ରଥମେ କଲେଜ ଯାଇ ଅଧ୍ୟକ୍ଷଙ୍କୁ ପ୍ରାର୍ଥୀପତ୍ର ନାକଚ ହେବାର କାରଣ ପଚାରିଥିଲେ। ଅଧ୍ୟକ୍ଷ ନିଜ ଉତ୍ତରରେ ଶିକ୍ଷା ବିଭାଗର ଆଦେଶ କ୍ରମେ କେସିଙ୍ଗା କଲେଜ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ସମସ୍ତ ୧୮ ଜଣ ପ୍ରତିଦ୍ୱନ୍ଦୀଙ୍କ କ୍ରିମିନାଲ ରେକର୍ଡ କେସିଙ୍ଗା ଥାନାରୁ ମାଗାଇଥିଲେ। କେସିଙ୍ଗା ଥାନା ଅଧିକାରୀ ସଙ୍ଗେ ସଙ୍ଗେ ୧୮ ଜଣଙ୍କ ରେକର୍ଡ କେସିଙ୍ଗା କଲେଜକୁ ଚିଠି ମାଧ୍ୟମରେ ପଠାଇଥିଲେ। ସେଥିରେ ୧୭ ଜଣଙ୍କ ନାମରେ କୌଣସି ମାମଲା ନ ଥିବା ବେଳେ ଅନୁଭବ ପଟ୍ଟନାୟକ ନାମରେ ୯ ତାରିଖ ଦିନ ଫୌଜଦାରୀ ମାମଲା ରୁଜୁ ହୋଇଥିବା ଦର୍ଶାଇ ଥିଲେ। ହେଲେ ତାହାକୁ ତର୍ଜମା ନ କରି ଲିଙ୍ଗ୍‌ଡୋ କମିଶନ ଓ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ନ ଜାଣି କଲେଜ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ଥାନାରୁ ରିପୋର୍ଟ ମିଳିବା ପରେ ଅନୁଭବଙ୍କ ନାମାଙ୍କନ ନାକଚ କରିଥିଲେ। ଯାହାକୁ ନେଇ କଲେଜ ଛାତ୍ରଛାତ୍ରୀଙ୍କ ସମେତ ବିଜେଡି ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ପରେ ବିଜେଡି ଦଳ କେସିଙ୍ଗା ଥାନାକୁ ଯାଇ ବିନା ତଦନ୍ତରେ କେଉଁ ପ୍ରମାଣ ଆଧାରରେ କାହା ଚାପରେ ତରବରିଆ ମାମଲା ରୁଜୁ କରି ଜଣେ ଛାତ୍ରଙ୍କୁ ଅପରାଧୀ ସଜାଇଲେ ବୋଲି ବିଧାୟିକାଙ୍କ ସମେତ ବିଜେଡି କର୍ମୀମାନେ ଥାନା ଅଧିକାରୀଙ୍କୁ ପଚାରିଥିଲେ। ଉତ୍ତରରେ ଥାନା ଅଧିକାରୀ କହିଥିଲେ, ମୁଁ କାହା ଚାପରେ ପଡି କାମ କରୁନାହିଁ, ଜଣେ କେସ ଦେଲା ଓ ପଞ୍ଜୀକରଣ ପାଇଁ ଜିଦ୍ କରି ପ୍ରମାଣ ଦେବାରୁ ନିୟମ ଅନୁଯାୟୀ ମୋ କାମ ମୁଁ କରିଛି ବୋଲି କହିଥିଲେ। ଆମକୁ କଲେଜ ରିପୋର୍ଟ ମାଗିଲା ଆମେ ରିପୋର୍ଟ ଦେଲୁ ବୋଲି କହିଥିଲେ।

ଶେଷରେ ସାମ୍ବାଦିକଙ୍କ ସହିତ କଥା ହେବା ବେଳେ ବିଧାୟିକା ଓ ଛାତ୍ର ନେତା ଆଜି କଲେଜ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରା ନଗଲେ ମାମଲା କୋର୍ଟକୁ ନେବୁ ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ଟାଉନ ସଭାପତି ନଳୀନ ପଟ୍ଟନାୟକ, ରମେଶ ପଟ୍ଟନାୟକ, ସିଲୁ ପରିଡ଼ା, ନେହେରୁ ସୁନାନିଙ୍କ ସମେତ ବହୁ ସଂଖ୍ୟାରେ ଜିଲ୍ଲା ଓ ବ୍ଲକସ୍ତରୀୟ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

- 'କଳ ବଳ କୌଶଳ ପ୍ରୟୋଗ କରି ବିଜେଡି ସମର୍ଥିତ ଛାତ୍ର ନେତାନେତ୍ରୀଙ୍କୁ ହରାଇବାକୁ ଚେଷ୍ଟା କରୁଛି ଶାସକ ଦଳ- ନର୍ଲା ବିଧାୟିକା
- ନାକଚ ପ୍ରାର୍ଥୀପତ୍ର କାୟମ ନ ହେଲେ କୋର୍ଟର ଦ୍ୱାରସ୍ଥ ହେବ ଛାତ୍ର ବିଜେଡି

ବାତିଲ ହେଲା ନର୍ଲା ଡିଗ୍ରୀ କଲେଜର ଛାତ୍ର ସଂସଦ ନିର୍ବାଚନ

ଭବାନୀପାଟଣା,୧୦।୧୦(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ଡିଗ୍ରୀ କଲେଜର ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଛି। ଏହି ଖବର ଶୁଣି ଭାଙ୍ଗି ପଡିଛନ୍ତି ଛାତ୍ରଛାତ୍ରୀ। ଦୀର୍ଘ ୮ ବର୍ଷ ପରେ ନିର୍ବାଚନ ହେଉଥିବାବେଳେ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ ଓ ଯାଞ୍ଚ ପ୍ରକ୍ରିୟା ସରିଠଲା। ନର୍ଲା ଡିଗ୍ରୀ କଲେଜ ପ୍ରିନ୍ସିପାଲ କୈଳାଶ ଚନ୍ଦ୍ର ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୧୦ ଗୋଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ମଧ୍ୟାହ୍ନ ଭୋଜନ ବିରତି ପରେ ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ପ୍ରିନ୍ସିପାଲ ଶ୍ରୀ ମେହେର ନିର୍ବାଚନ ଅଧ୍ୟକ୍ଷ ଭାବରେ ନିର୍ବାଚନୀ ପ୍ରକ୍ରିୟା ପରିଚାଳନା କରୁଥିଲେ। ଯାଞ୍ଚ ପରେ ତିନିଜଣ ପ୍ରାର୍ଥୀଙ୍କ ପ୍ରାର୍ଠଥପତ୍ର ନାକଚ ହୋଇଯାଇଥିଲା। ମାତ୍ର ଶନିବାର କଲେଜ କ୍ୟାମ୍ପସରେ ନିର୍ବାଚନ ସ୍ଥଗିତ ନେଇ ଆଜି ନୋଟିସ ଲାଗିଛି। ନିରାଶ ହୋଇଛନ୍ତି ଛାତ୍ରଛାତ୍ରୀ। ଏନେଇ ଡିଗ୍ରୀ କଲେଜ ଅଧ୍ୟକ୍ଷ ତଥା ନିର୍ବାଚନ ଅଧିକାରୀ ଶ୍ରୀ ମେହେରଙ୍କ ମତାମତ ନେବାରୁ ସେ କହିଛନ୍ତି, ଆମର ଶତ ଚେଷ୍ଟା ସତ୍ତ୍ୱେ ବାହ୍ୟ ବ୍ୟକ୍ତିଙ୍କ ଅନୁପ୍ରବେଶ ଓ ହସ୍ତକ୍ଷେପକୁ ଆମେ ରୋକିପାରିଲୁ ନାହିଁ। ଏହାକୁ ନେଇ କଲେଜ ପରିସରରେ ଉତ୍ତେଜନା ବଢ଼ିବାରେ ଲାଗିଲା। ନିର୍ବାଚନ ସମୟ ବେଳକୁ ପରିସ୍ଥିତି ଆହୁରି ଜଟିଳ ହୋଇପାରେ। ଛାତ୍ରମାନଙ୍କ ଓ କ୍ୟାମ୍ପସର ସୁରକ୍ଷା ଦୃଷ୍ଟିରୁ ସମସ୍ତ ବିଷୟକୁ ତର୍ଜମା କରି ଆମେ ଉପଜିଲ୍ଲାପାଳଙ୍କୁ ସମସ୍ତ ବିଷୟ ଅବଗତ କଲୁ। ତାଙ୍କର ଅନୁମତି ଓ ନିର୍ଦ୍ଦେଶ କ୍ରମେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ମେହେର କହିଛନ୍ତି।

- ଚର୍ଚ୍ଚାରେ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ

ପ୍ରାର୍ଥୀଙ୍କ ନାମ କାଟିବା ଯୋଡ଼ିବାକୁ ନେଇ ଚର୍ଚ୍ଚା

ଭବାନୀପାଟଣା,୧୦।୧୦(ସମିସ): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନ ହୋଇଥିଲା। ଏଥିରେ ଏବିଭିପି, ବିସିଜେଡି ଓ ଏନ୍‌ଏସ୍‌ୟୁଆଇ ବ୍ୟତୀତ ସ୍ୱାଧୀନ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସନ୍ଧ୍ୟାରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା। କଂଗ୍ରେସ ସମର୍ଥିତ (ଏନ୍‌ଏସ୍‌ୟୁଆଇ)ର ସଭାନେତ୍ରୀ ପ୍ରାର୍ଠଥନୀ ଅଭିପ୍ସା ଦାଶ, ଉପ ସଭାପତି ଅଭିଜିତ ଚୌଧୁରୀଙ୍କ ସମେତ ସ୍ୱାଧୀନ ସଭାନେତ୍ରୀ ପ୍ରାର୍ଥୀନୀ ଇନ୍ଦିରା ଶବରଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ବିଜ୍ଞପ୍ତିରୁ ଜଣାପଡିଥିଲା। ଉପସ୍ଥାନ କମ୍ ଦର୍ଶାଇ ସ୍କ୍ରିନିଂ କମିଟି ଏନ୍‌ଏସ୍‌ୟୁଆଇର ପ୍ରାର୍ଠଥନୀ ଅଭିପ୍ସାଙ୍କ ପାର୍ଠଥପତ୍ରକୁ ନାକଚ କରିଥିବାବେଳେ ସେ ସନ୍ଧ୍ୟାରେ ବିଶ୍ୱ ବିଦ୍ୟାଳୟର କୁଳ ସଚିବଙ୍କୁ ଅଭିଯୋଗ କରିଥିଲେ। ତେବେ ଶନିବାର ଚୂଡ଼ାନ୍ତ ତାଲିକାରେ ପୁଣି କଟା ହୋଇଥିବା ପ୍ରାର୍ଥୀଙ୍କ ନାମ ଯୋଡି ହୋଇଛି। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କାହା ଇଙ୍ଗିତରେ ନାଁ କଟା ହୋଇଥିଲା ପୁଣି କ'ଣ ହେଲା ଯେ, ଯୋଡ଼ାଗଲା ତାହା ସହର ସାରା ଚର୍ଚ୍ଚା ଚାଲିଛି। ଏ ନେଇ ବିଶ୍ୱ ବିଦ୍ୟାଳୟର କୁଳପତି ଡ଼. ପବନ ଅଗ୍ରୱାଲଙ୍କୁ ପଚାରିବାରୁ ନିର୍ବାଚନର ଏହା ଗୋଟିଏ ପ୍ରକ୍ରିୟା। ସ୍କ୍ରିନି କମିଟି କାଲି ସେମାନଙ୍କର ତାଲିକା ବାହାର କରିଥିଲେ। ଏଥିରେ ଯେଉଁ ପ୍ରାର୍ଥୀମାନଙ୍କର ନାମ ନ ଥିଲା ସେହି ପ୍ରାର୍ଥୀମାନେ ବିଶ୍ୱ ବିଦ୍ୟାଳୟର ଗ୍ରୀଭାନ୍ସ ସେଲ୍‌ରେ ଅଭିଯୋଗ କରିଥିଲେ। ବିଚାର କରି ଲଢ଼ିବାର ସୁଯୋଗ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ୍ ସଭାପତି ପଦ ପାଇଁ ୪ ଜଣ ଛାତ୍ରୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି।

- ଦନ୍ତା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା

ମୃତକଙ୍କ ପରିବାରକୁ ଭେଟିଲେ ବଳଭଦ୍ର ମାଝୀ

ଲାଞ୍ଜିଗଡ଼,୧୦।୧୦(ସମିସ): ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର କାଣ୍ଡଗୁଡା ଗ୍ରାମର ବଳ ମାଝୀ (୫୫)ଙ୍କ ଗତ ସୋମବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଖବର ପାଇ ଆଜି ପୂର୍ବତନ ମନ୍ତ୍ରୀ ଡ. ବଳଭଦ୍ର ମାଝୀ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଶ୍ରୀ ମାଝୀଙ୍କ ସହିତ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ତୁଳ, ଜଗନ୍ନାଥପୁର ସମିତିସଭ୍ୟ ତଥା କଂଗ୍ରେସ ନେତା ପ୍ରଦୀପ ମାଝୀ ଉପସ୍ଥିତ ଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଓ କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବା ପାଇଁ ସେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବଳ ମାଝୀ ଓ ତାଙ୍କ ସ୍ତ୍ରୀ ଟିଙ୍ଗୁ ମାଝୀ ଗତ ସୋମବାର ମଧ୍ୟାହ୍ନରେ କାମ୍ବେଲ ନାପା ଡଙ୍ଗର ଅଞ୍ଚଳରେ ଥିବା ନିଜ ଜମିକୁ ଫସଲ ଦେଖିବାକୁ ଯାଇଥିବାବେଳେ ଦନ୍ତା ଆକ୍ରମଣରେ ବଳଙ୍କ ମୃତ୍ୟୁ ହୋଇଥିଲା।

ଉତ୍କଳମଣି ସେବା ସଂସ୍ଥାର ବାର୍ଷିକୋତ୍ସବ

ଜୁନାଗଡ଼,୧୦।୧୦(ସମିସ): ଜୁନାଗଡ ସ୍ଥିତ ସହିଦ ରେଣ୍ଡୋ ମାଝୀ ସଂସ୍କୃତି ଭବନଠାରେ ଉତ୍କଳ ମଣି ସେବା ସଂସ୍ଥା ପକ୍ଷରୁ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ଓ ଅନୁଷ୍ଠାନର ୧୮ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଭାଗିରଥୀ ସାଗରଙ୍କ ସଂଯୋଜନାରେ ୫୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ୧୧ ଜଣ ଶିଶୁ କଳାକାରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ କୈଳାଶ ରାଉତ ଓ ମାନସ ସେଠୀ ବିଚାରକ ଥିଲେ। ପରେ କଳା ବିକାଶ କେନ୍ଦ୍ରର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରକୃତି ବନ୍ଧୁ ରମେଶ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମାରକୀ ସଭାରେ ମୁଖ୍ୟ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ମେଜର ଡ. ଜୟଦେବ ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସ୍ୱର୍ଣ୍ଣ ଦାସ ଓ ସାମ୍ବାଦିକ ଦେବେନ୍ଦ୍ର ବିଶି ଯୋଗଦେଇଥିଲେ। ମୁଖ୍ୟବକ୍ତା ତପନ କୁମାର ରଥ ଏବଂ ସମ୍ମାନିତ ବକ୍ତା ଡୋଳାମଣି ଧରୁଆ ଓ ବଙ୍କିମ ମୁଣ୍ଡ ଗୋପବନ୍ଧୁଙ୍କ ଜୀବନଦର୍ଶନ ସମ୍ପର୍କରେ ମତ ରଖିଥିଲେ। ୭୦ ଜଣ କୃତୀ ଛାତ୍ରଛାତ୍ରୀ ଓ ଟପ୍ପରଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସମ୍ପାଦକ ଅଜୟ ଦାସ ବିବରଣୀ ପାଠ କରିଥିବା ବେଳେ କୈଳାଶ ରାଉତ ଉଦ୍ଦେଶ୍ୟ ଜ୍ଞାପନ, ବ୍ରଜ କିଶୋର ମିଶ୍ର ମଞ୍ଚ ପରିଚାଳନା ଓ ଅଧ୍ୟାପକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍ଥାର ସଭାପତି ଦାମୋଦର ବେହେରା ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

- ଯୋଗଭଟା ଅଙ୍ଗନବାଡ଼ି କେନ୍ଦ୍ରରେ ମିଳୁନି ମଧ୍ୟାହ୍ନ ଭୋଜନ ଅଣ୍ଡା

ତଦନ୍ତ କଲେ ଜିଲ୍ଲା ଓ ରାଜ୍ୟସ୍ତରୀୟ ଟିମ୍

ସିନାପାଲି,୧୦।୧୦(ସମିସ): ଆଦିବାସୀ ଅଧ୍ୟୁଷିତ ବଣଜଙ୍ଗଲ ଘେରା ଉପାନ୍ତ ଅଞ୍ଚଳରେ ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା ହୋଇଛି। ଦୀର୍ଘ ମାସାଧିକ ସମୟ ଧରି ଯୋଗାଣ ହେଉଥିବା ଅଣ୍ଡା, ଛତୁଆ ଲଡୁ, ଖଜା ସମେତ ମଧ୍ୟାହ୍ନ ଭୋଜନ ଦିଆଯାଉ ନ ଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଉପାନ୍ତ ଘାଟମାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯୋଗଭଟା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇଛି। କାର୍ଯ୍ୟରତ ସିଡିପିଓ କିମ୍ବା ସୁପରଭାଇଜର ଏଭଳି ଅବ୍ୟବସ୍ଥା ସମ୍ପର୍କରେ ନ ଜାଣିବା ତାଙ୍କର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅଙ୍ଗନବାଡି କେନ୍ଦ୍ରରେ ୩୫ରୁ ଉର୍ଦ୍ଧ୍ୱ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଥିବା ବେଳେ ଏମାନଙ୍କ ଭବିଷ୍ୟତ ସହିତ ଖେଳା ଯାଉଛି। ଗର୍ଭବତୀ ମଧ୍ୟ ଏଥିରୁ ବଞ୍ଚିତ ରହିଛନ୍ତି। ଏଭଳି ପରିସ୍ଥିତି ମାସ ମାସ ଧରି ଲାଗି ରହିଥିବା ବେଳେ ଏଠାରେ ନିୟୋଜିତ କ୍ଷେତ୍ର ପରିଦର୍ଶକ (ସୁପରଭାଇଜର) ପରିଦର୍ଶନରେ ଯାଉଥିବା ବେଳେ କେମିତି ଜାଣି ପାରିଲେ ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ଏଭଳି ଅବ୍ୟବସ୍ଥିତ ଅନିୟମିତତାକୁ ନେଇ ଗ୍ରାମବାସୀ ଙ୍କ ତରଫରୁ ଅଭିଯୋଗ କରିବା ପରେ ସଂପୃକ୍ତ ଗ୍ରାମରେ ନୂଆପଡ଼ା ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ବିଭାଗୀୟ ଅଧିକାରୀ ଓ ରାଜ୍ୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଏକ ସ୍ୱତନ୍ତ୍ର ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉପାନ୍ତ ଅଞ୍ଚଳରେ ଥିବା ଅନେକ ଅଙ୍ଗନାବାଡି କେନ୍ଦ୍ର ଗୁଡିକରେ ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ସନ୍ଦେହ ହେଉଥିବା ବେଳେ ସଂପୃକ୍ତ ବିଭାଗର ଅଧିକାରୀ ଜାଣିଶୁଣି ହାତ ବାନ୍ଧି ବସିଥିବାର ଅସଲ ଉଦ୍ଦେଶ୍ୟ କଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଜିଲ୍ଲାସ୍ତରୀୟ ଖୋ-ଖୋ ଓ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ଜୟପାଟଣା,୧୦।୧୦(ସମିସ): କଳାହାଣ୍ଡି ଜିଲ୍ଲାର ମୁଖିଗୁଡ଼ାସ୍ଥିତ ଅପର ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଜିଲ୍ଲାସ୍ତରୀୟ ଖୋଖୋ ଓ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସଭାପତିତ୍ୱ କରିଥିବାବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିଜୟ କୁମାର ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ସଭ୍ୟ ଡକ୍ଟର ଶିବପ୍ରସାଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ଅନ୍ୟତମ ସମ୍ମାନିତ ଅତିଥିଭାବେ ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶୀ କୁମାର ଭାଟି, କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା, ଜୁନାଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ କୁମାର ମାଝୀ, କଳାହାଣ୍ଡି ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ରୂପସିଂ ରାଉତ, ଜୟପାଟଣା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକ୍ରମ ସିଂ ମାଝୀ ଏବଂ ଆୟୋଜକ ପ୍ରଧାନ ଶିକ୍ଷକ ସୌମେନ୍ଦ୍ର ସିଂହାର ଉପସ୍ଥିତ ରହି କ୍ରୀଡ଼ା ଉତ୍ସବକୁ ଗରିମାମଣ୍ଡିତ କରିଥିଲେ।

ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳତର୍ପଣ

ଭବାନୀପାଟଣା,୧୦।୧୦(ସମିସ): ପବିତ୍ର ମହାଳୟା ଅବସରରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଭବାନୀପାଟଣାର ଜଳେଶ୍ୱର ମନ୍ଦିର ନିକଟସ୍ଥ ପିପଲ ନାଳରେ ସାମୂହିକ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ମଙ୍ଗଲୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମାଜର ବ୍ରାହ୍ମଣ ସଦସ୍ୟ ମାନେ ନିଜ ନିଜର ପିତୃକୁଳ ଓ ମାତୃକୁଳର ତିନି ପିତୃପୁରୁଷଙ୍କୁ ତିଳ ତର୍ପଣ ଅର୍ପଣ କରିବା ସହ ଦେବ ତର୍ପଣ, ଋଷି ତର୍ପଣ ଓ ଦେଶର ସୁରକ୍ଷା ପାଇଁ ସହିଦ ହୋଇଥିବା ବୀର ସୈନିକମାନଙ୍କୁ ସାମୂହିକ ଭାବେ ତିଳତର୍ପଣ ଅର୍ପଣ କରିଥିଲେ। ସେହିପରି ଜଗତର ସମସ୍ତ ନିଃସନ୍ତାନ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳ ତର୍ପଣ କରାଯାଇଥିଲା। ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲ୍ଲା ଉପ ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କୁ ନେଇ ସ୍ୱାସ୍ଥ୍ୟ ଶିବିର

ନୂଆପଡ଼ା,୧୦।୧୦(ସମିସ): ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତ ଦର୍ଲିପଡ଼ା ଗ୍ରାମରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଖଡିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିନ ସିନାପାଲି କେନ୍ଦୁପତ୍ର ରେଞ୍ଜ ଦ୍ୱାରା କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳି ଶ୍ରମିକଙ୍କୁ ନେଇ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସିନାପାଲି କେନ୍ଦୁପତ୍ର ରେଞ୍ଜର ଜଲି ରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ନର୍ଗିସ ଜାହାନ, ଏମ୍‌ଏଏଚୟୁ କନକ ମଞ୍ଜରୀ ମେହେର, ଫାର୍ମାସିଷ୍ଟ ଚୌବନ ନାୟକ ସମେତ ଡ଼ାକ୍ତରୀ ଟିମ ୧୨୦ ଜଣ ଶ୍ରମିକଙ୍କୁ ଚିକିତ୍ସା କରି ଆବଶ୍ୟକ ଔଷଧ ବଣ୍ଟନ କରିଥିଲେ। ଫରେଷ୍ଟର ପ୍ରଦୀପ କୁମାର ପୂଝାରୀ, ଫରେଷ୍ଟ ଗାର୍ଡ ଉର୍ମିଳା ନିଆଲ, ଶାଶ୍ୱତିକା ପ୍ରଧାନ, ସର୍କଲ ଚେକର ପଦ୍ମନ ହଂସ, ୱାଚର ଚନ୍ଦ୍ରଧ୍ୱଜ ବାଗ, ଲିଙ୍ଗରାଜ ମନହିରା, ଚେକର ପରମେଶ୍ୱର ବାଗ, ଗଣପତି ଧାକଡ, ସୁକଲ ହାତୀ ପ୍ରମୁଖ ସହଯୋଗ କରିଥିଲେ।

ଶତାୟୁ ସମାଜସେବୀଙ୍କ ପରଲୋକ

ଗୋଲାମୁଣ୍ଡା,୧୦।୧୦(ସମିସ): ଗୋଲାମୁଣ୍ଡା ବ୍ଲକ୍ ରେଙ୍ଗସାପାଲି ଗ୍ରାମର ସମାଜସେବୀ କୁମର ବିଶିଙ୍କର ୧୧୦ବର୍ଷରେ ଶୁକ୍ରବାର ସକାଳୁ ପରଲୋକ ଘଟିଛି। ଇଂରେଜ ଶାସନର ଦୁର୍ବିସହ କାଳଖଣ୍ଡରୁ ନିଜର ସାମାଜିକ ଓ ରାଜନୈତିକ ଜୀବନର ଶୁଭାରମ୍ଭ କରି ୧୯୭୦ ମସିହାରେ ଗୋଲାମୁଣ୍ଡା ବ୍ଲକ୍ ଫରଙ୍ଗ ଓ ରେଙ୍ଗସାପାଲି ପଞ୍ଚାୟତସ୍ତରୀୟ ୧୮ ଗୋଟି ଗ୍ରାମକୁ ନେଇଁ ପ୍ରଥମ ୱାର୍ଡମେମ୍ବର୍ ଭାବରେ ଇତିହାସ ରଚିଥିଲେ। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

- ଜୁନାଗଡ଼ରେ ପ୍ରକାଶ ୩.୦ର ଶୁଭାରମ୍ଭ

୪୧ ମେଧାବୀ ଛାତ୍ରଛାତ୍ରୀ ଚୟନ

ଜୁନାଗଡ଼,୧୦।୧୦(ସମିସ): ଜୁନାଗଡ଼ ବ୍ଲକର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରକାଶ ୩.୦ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଜୁନାଗଡ଼ ବ୍ଲକ ଶିକ୍ଷାଧିକାରୀ ତପନ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଏକଦିବସୀୟ ଆଶାୟୀ ଶିବିରକୁ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା), ପ୍ରାଥମିକ ଶିକ୍ଷକ ସଂଗଠନ ଓ ବ୍ଲକ ପ୍ରଧାନଶିକ୍ଷକ ସଂଗଠନ ମିଳିତ ଭାବେ ଆୟୋଜନ କରିଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସଠିକ୍ ମାର୍ଗଦର୍ଶନ ଆବଶ୍ୟକ ବୋଲି ମତ ରଖିଥିଲେ। ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗଙ୍କ ଆୟୋଜରେ ସମ୍ମାନିତ ଅତିଥି ଭାବେ ବ୍ଲକ ପ୍ରଧାନଶିକ୍ଷକ ସଂଗଠନ ସମ୍ପାଦକ ବିଜୟ କୁମାର ପାଢ଼ୀ, ପ୍ରାଥମିକ ଶିକ୍ଷକ ସଂଗଠନ ସମ୍ପାଦକ ସୁଶାନ୍ତ ପଣ୍ଡା, ଜିଲ୍ଲା ପ୍ରଶିକ୍ଷକ ଶ୍ୟାମ ପଣ୍ଡା ଓ ପ୍ରଜ୍ଞା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାନ୍ତ ନନ୍ଦ ଓ ଗାୟତ୍ରୀ କରୁଅଁଙ୍କୁ ପ୍ରକାଶ ୩.୦ର ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ଏହି ଅବସରରେ ୨୦୨୬ ପରୀକ୍ଷାରେ ଜିଲ୍ଲା ଟପ୍ପର ଛାତ୍ରଛାତ୍ରୀଙ୍କ ସଫଳତାର ଭିଡିଓ ଓ ଶିକ୍ଷା ବିଭାଗର "ମାଣିକ୍ୟ ପ୍ରଭା' ପିପିଟି ପ୍ରଦର୍ଶନ କରାଯାଇ ପିଲାଙ୍କୁ ପ୍ରେରଣା ଯୋଗାଇ ଦିଆଯାଇଥିଲା। ବରିଷ୍ଠ ଶିକ୍ଷକ ବିଭୁ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଓଷ୍ଟା ସଭାପତି ସୁବାସ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ମହିଳାଙ୍କ ରାଲି ପରେ ମଦବେପାରୀ ଛାନିଆଁ

କୋକସରା,୧୦।୧୦(ସମିସ):

କୋକସରା ବ୍ଲକ ଅନ୍ତର୍ଗତ ଡାଲଗୁମା ଗ୍ରାମରେ ବେଆଇନ ମଦ କାରବାର ବିରୋଧରେ ଆନ୍ଦୋଳନ ତେଜିବାରେ ଲାଗିଛି। ଗ୍ରାମକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ଲକ୍ଷ୍ୟରେ ଶନିବାର ଶତାଧିକ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏକଜୁଟ ହୋଇ ଏକ ବିଶାଳ ରାଲିରେ ନଗର ପରିକ୍ରମା କରିଛନ୍ତି। ହାତରେ ଠେଙ୍ଗା ଧରି ମଦ ବିରୋଧୀ ବିଭିନ୍ନ ନାରା ଦେଇ ମହିଳାମାନେ ରାସ୍ତାକୁ ଓହ୍ଲାଇବା ସହ ବେଆଇନ ମଦ ବେପାରୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଗତକାଲି ଡାଲଗୁମା ଗ୍ରାମର ଶତାଧିକ ମହିଳା, ପୁରୁଷ ଓ ଏସ୍‌ଏଚଜି ମହିଳାମାନେ କୋକସରା ଥାନାରେ ପହଞ୍ଚି ଗାଁରେ ଚାଲିଥିବା ବେଆଇନ ମଦ କାରବାର ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଆଜି ମହିଳାମାନେ ଗାଁରେ ଶୋଭାଯାତ୍ରା କରି ଗର୍ଜିଥିଲେ। ମହିଳାଙ୍କ ଏଭଳି ଦୃଢ଼ ଆନ୍ଦୋଳନ ଦେଖି ଗ୍ରାମରେ ବେଆଇନ ମଦ ବିକ୍ରି କରୁଥିବା ଅସାଧୁ ବେପାରୀ ଛାନିଆଁ ହୋଇପଡ଼ିଛନ୍ତି।

ଡାଲଗୁମାରେ ତେଜୁଛି ମଦ ବିରୋଧୀ ଆନ୍ଦୋଳନ

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଡାଲଗୁମା ଗ୍ରାମରେ ଦୀର୍ଘ ଦିନରୁ ବେଆଇନ ଭାବରେ ମଦ ବିକ୍ରି ହୋଇଆସୁଛି। ଏହାର କୁପ୍ରଭାବରେ ଗ୍ରାମର ସାମାଜିକ ପରିବେଶ ଦିନକୁ ଦିନ ଅବକ୍ଷୟ ଆଡ଼କୁ ଗତି କରୁଛି। ଗ୍ରାମରେ ଆଉ ମଦ ବିକ୍ରିକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ତୁରନ୍ତ ଏ ଦିଗରେ କଠୋର ପଦକ୍ଷେପ ଗ୍ରହଣ କରି ବେଆଇନ ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପୁଲିସ ଓ ଅବକାରୀ ବିଭାଗକୁ ଗ୍ରାମବାସୀ ଦୃଢ଼ ଦାବି ଜଣାଇଛନ୍ତି।

ଦେଶୀମଦ ଜବତ; ମହିଳା ଗିରଫ

ନୂଆପଡ଼ା,୧୦।୧୦(ସମିସ): ନୂଆପଡା ଜିଲ୍ଲା ବୋଡେନ ଥାନା ବାଗବାହାଲ ଗ୍ରାମରେ ସିନାପାଲି ଅବକାରୀ ବିଭାଗ ଚଢଉ କରି ବିପୁଳ ପରିମାଣର ରନ୍ଧା ଦେଶୀମଦ ଜବତ କରି ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ବାଗବାହାଲ ଗ୍ରାମର ଉର୍ଲାବାସୀ ମାଝି (୫୦)। ଶୁକ୍ରବାର ସିନାପାଲି ଅବକାରୀ ଥାନାଧିକାରୀ ମଙ୍ଗଲ ଛତ୍ରିଆଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ସନ୍ତୋଷ କୁମାର ସେଠିଙ୍କ ନେତୃତ୍ୱରେ ଚଢ଼ଉ କରାଯାଇ ଉର୍ଲାବାସୀଙ୍କ ନିକଟରୁ ୧୫ଲିଟର ହାତରନ୍ଧା ଦେଶୀମଦ ସମେତ ବିଭିନ୍ନ ସାମଗ୍ରୀ ଜବତ କରି ତାଙ୍କୁ ଗିରଫ କରାଯାଇଥିଲା।

ସମଲେଶ୍ୱରୀଙ୍କ ଦର୍ଶନ କଲେ ରାଜ୍ୟପାଳ

ସମ୍ବଲପୁର, ୧୦।୧୦ (ସମିସ): ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓ ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଆଜି ସମ୍ବଲପୁରଠାରେ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଛନ୍ତି। ଉଭୟ ଓଡ଼ିଶାବାସୀଙ୍କ ସମୃଦ୍ଧି ଓ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି। ମହାଳୟା ଅବସରରେ ମା' ସମଲେଶ୍ୱରୀଙ୍କୁ 'ଧବଳମୁଖୀ' ବେଶରେ ସଜ୍ଜିତ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ଆଧ୍ୟାତ୍ମିକ କେନ୍ଦ୍ର ଭାବେ ବିବେଚିତ ଏହି ମନ୍ଦିରକୁ ଆଜି ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସିଥିଲେ। ଏହାପୂର୍ବରୁ, ରାଜ୍ୟପାଳ ଡକ୍ଟର କମ୍ଭମପାଟି ହୀରାକୁଦ ନଦୀବନ୍ଧ ଓ ବିସ୍ତୀର୍ଣ୍ଣ ଜଳଭଣ୍ଡାର ପରିଦର୍ଶନ କରିଥିଲେ।

'ଧବଳମୁଖୀ' ବେଶରେ ଦର୍ଶନ ଦେଲେ ସମଲେଶ୍ୱରୀ

ସମ୍ବଲପୁର, ୧୦।୧୦ (ସମିସ)

ପିତୃପକ୍ଷର ଶେଷଦିନ ଆଜି ପବିତ୍ର ମହାଳୟା ଅବସରରେ ମା' ସମଲେଶ୍ୱରୀ ଶ୍ରଦ୍ଧାଳୁଙ୍କୁ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଏହି ବେଶରେ ମା' ସୋମବାର ଅପରାହ୍ଣ ପର୍ଯ୍ୟନ୍ତ ଦର୍ଶନ ଦେବେ। ବର୍ଷତମାମ ମା' ସମଲେଶ୍ୱରୀ 'ସିନ୍ଦୁରମୁଖୀ' ଭାବରେ ଦର୍ଶନ ଦେଉଥିବାବେଳେ ମହାଳୟା ଦିନ ଶୁଭ୍ର ବେଶ ଧାରଣ କରିଥାନ୍ତି। ଏହି ବେଶରେ ମା'ଙ୍କ ଦର୍ଶନ କଲେ ଗଙ୍ଗା ଦର୍ଶନର କୋଟି ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଆଜି ଭୋରରୁ ଦିନତମାମ ସମଲେଶ୍ୱରୀ ପୀଠରେ ହଜାର ହଜାର ଭକ୍ତଙ୍କ ଗହଳି ଲାଗି ରହିଥିଲା।

ଆଜି ଭୋର ୪ଟାରେ ସମଲେଶ୍ୱରୀ ମନ୍ଦିର ଖୋଲିବା ପରେ ପୂଜକମାନେ ମହାନଦୀରୁ ଜଳ ଆଣି ମା'ଙ୍କ ସ୍ନାନ କରାଇଥିଲେ। ମା' ସମଲେଶ୍ୱରୀ ଓ ପାର୍ଶ୍ୱ ଦେବାଦେବୀଙ୍କୁ ସ୍ନାନାଦି ପରେ ବେଶ କରାଯାଇଥିଲା। ମା'ଙ୍କୁ ଧଳା ପାଟବସ୍ତ୍ର ଓ ଧଳା ଫୁଲରେ ମଣ୍ଡିତ କରାଯାଇଥିଲା। ମଙ୍ଗଳ ଆଳତୀ ଓ ପୂଜାର୍ଚ୍ଚନା ପରେ ପ୍ରାୟ ସାଢ଼େ ୫ଟାବେଳେ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲିଥିଲା। ରାତି ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ମଝିରେ ଭୋଗ ଓ ଆଳତୀ ପାଇଁ ଦର୍ଶନ ବନ୍ଦ ରହିଥିଲା। ଶ୍ରୀ ଶ୍ରୀ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ସୂଚନା ଅନୁଯାୟୀ,

ଧବଳମୁଖୀ ବେଶରେ ମା' ସମଲେଶ୍ୱରୀ ଅଢ଼େଇ ଦିନ ଦର୍ଶନ ଦେବେ। ଶୃଙ୍ଖଳିତ ଦର୍ଶନ ସକାଶେ ଭକ୍ତମାନେ କେବଳ ୪ ନମ୍ବର ଦ୍ୱାର (ଗୋପାଳଜୀ ମଠ ପାର୍ଶ୍ୱସ୍ଥ ଦ୍ୱାର) ଦେଇ ପ୍ରବେଶ କରିପାରିବେ। ପ୍ରଥମଦିନ ମା'ଙ୍କ ଦର୍ଶନ ସକାଶେ ଭିଡ଼ ଅତ୍ୟଧିକ ରହୁଥିବାରୁ ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା, ଦିବ୍ୟାଙ୍ଗ ଓ ଶିଶୁମାନଙ୍କୁ ଦ୍ୱିତୀୟ ଦିନ ଆସିବାକୁ ଅନୁରୋଧ କରାଯାଇଛି। ଶୃଙ୍ଖଳିତ ଦର୍ଶନ ସକାଶେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି, ବର୍ଷତମାମ ଶ୍ରଦ୍ଧାଳୁ ମା'ଙ୍କ ଧବଳମୁଖୀ ବେଶ ଦର୍ଶନ ପାଇଁ ଅପେକ୍ଷା କରି ରହିଥାନ୍ତି ଓ ଏହି ବେଶରେ ଦର୍ଶନ କଲେ ବହୁ ପୁଣ୍ୟ ମିଳିଥାଏ। ସୋମବାର ଅପରାହ୍ଣ ପର୍ଯ୍ୟନ୍ତ ମା' ଏହି ବେଶରେ ଦର୍ଶନ ଦେବାପରେ, ପୁଣି ସିନ୍ଦୂରମୁଖୀ ବେଶ କରାଯିବ ବୋଲି ମୁଖ୍ୟପୂଜକ ସୂଚନା ଦେଇଛନ୍ତି।

ଫଟୋ ଉଠାରେ ସୀମିତ ନ ରହୁ ସ୍ୱଚ୍ଛତା ଅଭିଯାନ : ରୋହିତ

ସମ୍ବଲପୁର, ୧୦।୧୦ (ସମିସ) : ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆଜି 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ଏଥିରେ ବିଜେପିର ଆଗଧାଡ଼ିର ନେତାମାନେ ଯୋଗଦେଇଥିଲେ। କିନ୍ତୁ ସମ୍ବଲପୁର ସହରର ବାସ୍ତବ ସ୍ଥିତିକୁ ଦେଖିଲେ ସ୍ୱଚ୍ଛତା ଅଭିଯାନର ସଫଳତାକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ସହରର ବିଭିନ୍ନ ଗଳିକନ୍ଦି, ରାସ୍ତାକଡ଼ ଓ ଡ୍ରେନ୍‌ରେ ଜମି ରହୁଥିବା ଅଳିଆ ଆବର୍ଜନା ଏବଂ ଅପରିଷ୍କାର ପରିବେଶ ସହରର ପରିମଳ ବ୍ୟବସ୍ଥାର ବାସ୍ତବ ଚିତ୍ରକୁ ପ୍ରତିଫଳିତ କରୁଛି। କେବଳ କାର୍ଯ୍ୟକ୍ରମ ଆୟୋଜନ, ଫଟୋ ଉଠାଇବା ଓ ପ୍ରଚାରରେ ସ୍ୱଚ୍ଛତା ସୀମିତ ନ ରହି ସହରର ପ୍ରତ୍ୟେକ ଅଞ୍ଚଳରେ ଏହାର ସୁଫଳ ଦୃଶ୍ୟମାନ ହେବା ଆବଶ୍ୟକ ବୋଲି ବିଜୁ ଜନତା ଦଳର ସମ୍ବଲପୁର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ କହିଛନ୍ତି।

ଇଂ ପୂଜାରୀ କହିଛନ୍ତି ଯେ ସହରର ବିଭିନ୍ନ ଅଞ୍ଚଳରେ ଡ୍ରେନ୍‌ରେ ଆବର୍ଜନା ଜମି ରହିବା, ରାସ୍ତାକଡ଼ରେ ଅଳିଆ ପଡ଼ି ରହିବା ଏବଂ ନିୟମିତ ସଫେଇ ନ ହେବା ଭଳି ସମସ୍ୟାର ସମାଧାନ ପାଇଁ ମହାନଗର ନିଗମ ତୁରନ୍ତ ପଦକ୍ଷେପ ନେବା ଉଚିତ। ଆବର୍ଜନା ଠିକ୍ ସମୟରେ ସଂଗ୍ରହ କରିବା, ଡ୍ରେନ୍‌ଗୁଡ଼ିକୁ ନିୟମିତ ସଫା କରିବା, ସଫେଇ କର୍ମଚାରୀଙ୍କ କାର୍ଯ୍ୟର ତଦାରଖ କରିବା ଏବଂ ପ୍ରତ୍ୟେକ ୱାର୍ଡରେ ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ମହାନଗର ନିଗମର ମୌଳିକ ଦାୟିତ୍ୱ। ଏଥିସହ ନାଗରିକଙ୍କ ଅଭିଯୋଗ ଶୁଣି ତାହାର ତ୍ୱରିତ ସମାଧାନ କରିବା ମଧ୍ୟ ଆବଶ୍ୟକ। ସମ୍ବଲପୁର ଏକ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ସହର। ଏହାର ପରିଚୟ ଓ ମର୍ଯ୍ୟାଦା ସହିତ ସହରବାସୀଙ୍କ ସ୍ୱାସ୍ଥ୍ୟ ଓ ଜୀବନଧାରଣର ମାନ ଜଡ଼ିତ। ସହରରେ ଅଳିଆ ଆବର୍ଜନା ଜମି ରହିବା ଦ୍ୱାରା ଦୁର୍ଗନ୍ଧ, ମଶାମାଛିଙ୍କ ପ୍ରାଦୁର୍ଭାବ ଓ ରୋଗ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ସ୍ୱଚ୍ଛତାକୁ କେବଳ ଏକ ଦିନର କାର୍ଯ୍ୟକ୍ରମ ଭାବେ ନ ଦେଖି ଏହାକୁ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଂଶ କରାଯିବା ଆବଶ୍ୟକ।

ସ୍ୱଚ୍ଛତା ଅଭିଯାନର ସଫଳତା ଫଟୋ କିମ୍ବା ପ୍ରଚାରରେ ନୁହେଁ, ବରଂ ସହରର ରାସ୍ତା, ଡ୍ରେନ୍ ଓ ଗଳିକନ୍ଦି କେତେ ପରିଷ୍କାର ରହୁଛି, ତାହା ଉପରେ ନିର୍ଭର କରେ। ସମ୍ବଲପୁରବାସୀ ନିଜ ଅଞ୍ଚଳରେ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଆଶା କରୁଛନ୍ତି। ତେଣୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନକୁ କେବଳ ପ୍ରଚାରରେ ସୀମିତ ନ ରଖି ସହରର ପରିମଳ ବ୍ୟବସ୍ଥାରେ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ସହିତ ମହାନଗର ନିଗମ, ପ୍ରଶାସନ ଏବଂ ବିଜେପି ସରକାର ନିଜ ଦାୟିତ୍ୱ ପାଳନ କରନ୍ତୁ ବୋଲି ବିଜେଡି ଜିଲ୍ଲା ସଭାପତି ଇଂ. ପୂଜାରୀ ଦାବି କରିଛନ୍ତି।

ଜୁଆ ଆଡ୍ଡାରେ ଚଢ଼ଉ, ୧୫ ଅଟକ

ସମ୍ବଲପୁର, ୧୦।୧୦ (ସମିସ) : ହୀରାକୁଦ ଥାନା ଅନ୍ତର୍ଗତ ଲରପଙ୍କ, ଖରିଆପଡ଼ାରେ ଗତକାଲି ବିଳମ୍ବିତ ରାତି ସାଢ଼େ ୧୨ଟା ସମୟରେ ଖବରପାଇ ପୁଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରିଥିଲା। ଜୁଆ ଖେଳ ଚାଲିଥିବା ସମୟରେ ପୁଲିସ ଚଢ଼ଉ କରି ୨, ୭୨, ୪୬୦ ନଗଦ ଟଙ୍କା, ତିନି ପ୍ୟାକେଟ୍ ତାସ ଓ ୧୪ଟି ମୋବାଇଲ ଫୋନ ସମେତ ୮ଟି ଦି'ଚକିଆ ଆକ୍ଟିଭା / ବାଇକ୍ ଏବଂ ୩ଟି କାର୍ ଜବତ କରିଛି। ହୀରାକୁଦ ଥାନା ପୁଲିସ କେସ୍ ନଂ. ୨୧୩, ତା. ୧୦.୧୦.୨୦୨୫, ୩ ଓପିଜି ଆକ୍ଟରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହି ମାମଲାରେ ପୁଲିସ ୧୫ ଜଣଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

ରେଢ଼ାଖୋଲରେ ସଫେଇ ଓ ଚାରାରୋପଣ

ରେଢ଼ାଖୋଲ, ୧୦।୧୦(ସମିସ): ରେଢ଼ାଖୋଲ ବ୍ଲକର ୧୪ ପଞ୍ଚାୟତର ୪୨ ସ୍ଥାନ ଓ ଏନଏସିର ୪ଟି ସ୍ଥାନରେ ସଫେଇ ଏବଂ ଚାରାରୋପଣ କରାଯାଇଛି। ଚାରମାଳ ପଞ୍ଚାୟତ ଖୁବେଲ ମନ୍ଦିର ନିକଟରେ ଏହି ଅଭିଯାନରେ ରେଢ଼ାଖୋଲ ଉପଜିଲ୍ଲାପାଳ ପଵନ କୁମାର, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି, ବ୍ଲକ ଉପାଧ୍ୟକ୍ଷା ଚିନ୍ମୟୀ ତ୍ରିପାଠୀ, ରେଢ଼ାଖୋଲ ବନଖଣ୍ଡ ଏସିଏଫ୍ ଅର୍ଣ୍ଣବ ସାମନ୍ତରାୟ ପ୍ରମୁଖ ସାମିଲ ରହିଥିଲେ। ସେହିପରି ରେଢ଼ାଖୋଲ ସହରର କଦମ୍ବ ପଡ଼ିଆ, ରାଣୀବନ୍ଧ, ଶିବ ମନ୍ଦିର ଓ ଫରେଷ୍ଟ ପାର୍କ ଆଦି ସ୍ଥାନରେ ସଫେଇ କାର୍ଯ୍ୟ କରାଯାଇଥିଲା। ଏଥିରେ ପ୍ରଶାସନିକ ଅଧିକାରୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ସଫେଇ କର୍ମଚାରୀ, ଅଞ୍ଚଳର ବିଭିନ୍ନ ସଂଗଠନ, ମହିଳା, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ରେଢ଼ାଖୋଲ ଏନ୍‌ଏସି ପକ୍ଷରୁ କାର୍ଯ୍ୟ ନିର୍ବାହ ଅଧିକାରୀ ରଞ୍ଜନ ମାର୍ଥାଙ୍କ ନେତୃତ୍ୱରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଜମନକିରାରେ ସଫେଇ କାର୍ଯ୍ୟକ୍ରମ

ଜମନକିରା, ୧୦।୧୦(ସମିସ): ଜମନକିରା ବସଷ୍ଟାଣ୍ଡ, ସାପ୍ତାହିକ ବଜାର ଓ ଅମୃତ ସରୋବର ଗଣ ସଫେଇ କରାଯାଇଛି। ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠୀଙ୍କ ନେତୃତ୍ୱରେ ସମ୍ବଲପୁର ସାଂସଦଙ୍କ ନୋମିନି ରମେଶ ସାହୁ, ଏବିଡ଼ିଓ ମହିମା ସାହୁ, ଏବିଇଓ ଦେବକୀ ନାଏକ, ଜଳନ୍ଧର ପରିଡ଼ା, ଜମନକିରା ସରପଞ୍ଚ ଯଜ୍ଞସେନୀ ନାଏକ, ସମିତି ସଭ୍ୟା ମିତା ମାଝୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହିମାଂଶୁ ପଟେଲ, ସୌରଭ ପଟ୍ଟନାୟକ, ଶୁଭମ ପ୍ରଧାନ, ଶ୍ରୀପତି ଦେହୁରୀ, କଦଳୀମୁଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମ ଚନ୍ଦ୍ର ସିଂ, ନାଏବ ସରପଞ୍ଚ କଲ୍ୟାଣୀ ସାହୁ, ତ୍ରିଲୋକ ପ୍ରଧାନ, ଅଡିଇଓ ପ୍ରଣୟ ପ୍ରଧାନ, ମଳୟ ଦେହୁରୀ, ନଗେନ୍ଦ୍ର କିସାନ, ଅମରଜିତ ସେଠ୍, ଜିତୁ ମହାକୁଲ, ଜମନକିରା କଲେଜର ଅଜୟ କିସାନଙ୍କ ସମେତ ଏମ୍‌ବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ, ଲେଡି ସୁପର ଭାଇଜର, କୃଷି ମିତ୍ର, ପ୍ରାଣୀମିତ୍ର, ସ୍ୱେଚ୍ଛାସେବୀ, ଏନଜିଓ, ଜନସାଧାରଣ, ସ୍ଥାନୀୟ ବ୍ୟକ୍ତି, ବ୍ୟବସାୟି ସାମିଲ ହୋଇ ଥିଲେ। ସେହିପରି ଜମନକିରା ବ୍ଲକର ୨୧ ପଞ୍ଚାୟତର ୬୩ ସ୍ଥାନରେ ଗଣ ସଫେଇ କରା ଯାଇଥିଲା।

ସମସ୍ତ କମ୍ପାନୀ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରିବାକୁ ଧର୍ମେନ୍ଦ୍ରଙ୍କ ପରାମର୍ଶ

ସମ୍ବଲପୁର, ୧୦।୧୦(ସମିସ): ସମ୍ବଲପୁର ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଖଣିଗୁଡ଼ିକର କାର୍ଯ୍ୟକାରିତା ଏବଂ ସେମାନଙ୍କର ଇଣ୍ଡଷ୍ଟ୍ରିଆଲ୍ ଓ ମାଇନିଂ ଆକ୍ଟିଭିଟିଜ୍‌କୁ ନେଇ ଶନିବାର ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ କମ୍ପାନୀଗୁଡ଼ିକ ପକ୍ଷରୁ ସେମାନଙ୍କର ବାର୍ଷିକ ସି.ଏସ୍.ଆର୍. ପାଣ୍ଠିର ହିସାବ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରାଯାଇଥିଲା। କମ୍ପାନୀଗୁଡ଼ିକ ଅଧିକ ଲୋକାଭିମୁଖୀ ହୋଇ, ସ୍ଥାନୀୟ ଗ୍ରାମବାସୀଙ୍କ ସାଙ୍ଗରେ ମିଶି ଏବଂ ସେମାନଙ୍କର ଆଶା-ଆକାଂକ୍ଷାକୁ ଧ୍ୟାନରେ ରଖି ଜିଲ୍ଲା ପ୍ରଶାସନର ଅନୁମତି କ୍ରମେ ସମସ୍ତ ବିକାଶମୂଳକ କାମ କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷ କରି ଏ ଅଞ୍ଚଳରେ ରୋଜଗାର ସୃଜନ, ମହିଳାମାନଙ୍କ ପାଇଁ କର୍ମସଂସ୍ଥାନ, ଗୁଣାତ୍ମକ ଶିକ୍ଷା ପାଇଁ ଏମ୍ପ୍ଲୋୟେବିଲିଟି ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି ବୋଲି ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜ୍ୟ ରାଜପଥ-୧୦ ଉପରେ ବୃଦ୍ଧି ପାଉଥିବା ଭାରୀ ଯାନବାହନ ଓ ବିଭିନ୍ନ ପାୱାର ପ୍ଲାଣ୍ଟର ଲୋଡ୍ ଏବଂ ପରିବହନ ବ୍ୟବସ୍ଥା ନେଇ ସବିଶେଷ ଆଲୋଚନା ହୋଇଥିଲା। ଆର୍ଯ୍ୟନ୍, ଶ୍ୟାମ ମେଟାଲିକ୍ସ, ଆଦିତ୍ୟ ଆଲୁମିନିୟମ୍, ଜେଏସ୍‌ଡବ୍ଲ୍ୟୁ ତଥା ନେଇଭାଲି କୋଲିୟରି ସମେତ ବେଦାନ୍ତ, ଇଣ୍ଡ ଭାରତ ଓ ଓପିଜିସିର ପାୱାର ପ୍ଲାଣ୍ଟଗୁଡ଼ିକର ପରିବହନ ଚାପ ଏହି ରାସ୍ତା ଉପରେ ପଡୁଥିବାରୁ ଏହାର ଏକ ଦୂରଦର୍ଶୀ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଏକ ପବ୍ଲିକ୍ ରୋଡ୍ ହୋଇଥିବାରୁ, ଇଣ୍ଡଷ୍ଟ୍ରିଗୁଡ଼ିକ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରନ୍ତୁ ବୋଲି ସାଂସଦ ପରାମର୍ଶ ଦେଇଛନ୍ତି। ଯାହାଫଳରେ ଗାଡ଼ିଗୁଡ଼ିକର ଧୂଳି ଓ ଅସୁବିଧାରୁ ସାଧାରଣ ଲୋକେ ମୁକ୍ତି ପାଇବେ। ରେଙ୍ଗାଲି ବ୍ଲକର ନୂଆ ବସ୍‌ଷ୍ଟାଣ୍ଡରୁ ଖେରୁଆଲ ବ୍ରିଜ୍ ପର୍ଯ୍ୟନ୍ତ ୧୫ କିଲୋମିଟର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ସେଠାରେ ଆଲୋକ ବ୍ୟବସ୍ଥା କରିବା, ରାସ୍ତାକୁ ଠିକରେ ପାଣି ପକାଇ ମେଣ୍ଟେନ୍ କରିବା ଏବଂ ପିଡବ୍ଲ୍ୟୁଡି ତଥା ଏଲ୍‌ଏଣ୍ଡଟି ସହ ଆଲୋଚନା କରି ରାସ୍ତାକୁ ଆବଶ୍ୟକତା ଅନୁଯାୟୀ ଅଧିକ ଚଉଡ଼ା କରାଯିବ। ଷ୍ଟେଟ ହାଇୱେର ପ୍ରାୟ ୧୫ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ସମ୍ପୃକ୍ତ କମ୍ପାନୀଗୁଡ଼ିକ ରାଜ୍ୟ ସରକାର ଓ ପିଡବ୍ଲ୍ୟୁଡି ବିଭାଗ ସହ ଆଲୋଚନା କରି ଏକ ବିଶେଷ ଅନୁଦାନ ଓ ଦାୟିତ୍ୱ ଗ୍ରହଣ କରନ୍ତୁ। ଧୂଳି ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କମ୍ପାନୀଗୁଡ଼ିକ ନିୟମିତ ଜଳ ସିଞ୍ଚନ ଏବଂ ପରିବେଶ ସହଯୋଗୀ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ବୈଠକରେ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ କଳକାରଖାନା ଓ ଖଣି ଖଦାନ ହେଉ, କିନ୍ତୁ ପରିବେଶ, ପର୍ଯ୍ୟାବରଣ ଏବଂ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସର୍ବଦା ଆମର ସବୁଠୁ ବଡ଼ ପ୍ରାଥମିକତା ଅଟେ। ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସହଯୋଗରେ ଏହି ସମସ୍ତ କାର୍ଯ୍ୟଗୁଡ଼ିକୁ ସଫଳତାପୂର୍ବକ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀ ପ୍ରଧାନ ଆଶାପ୍ରକାଶ କରିଛନ୍ତି। ଏହି ବୈଠକରେ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

ସ୍ୱଚ୍ଛତାକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

ସମ୍ବଲପୁର, ୧୦।୧୦(ସମିସ): ସ୍ୱଚ୍ଛତା କେବଳ ଏକ କାର୍ଯ୍ୟ ନୁହେଁ, ଏହା ହେଉଛି ଆମର ନୈତିକ ସଂସ୍କାର। ସୁସ୍ଥ ରହିବା ପାଇଁ ହେଲେ ପରିବେଶକୁ ସ୍ୱଚ୍ଛ ରଖିବାକୁ ପଡ଼ିବ। ତେଣୁ ଏହାକୁ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା ସହ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ପବିତ୍ର 'ମହାଳୟା' ଅବସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଆଜି ସମ୍ବଲପୁର ଜିଲ୍ଲାରେ ଜିଲ୍ଲାବ୍ୟାପୀ 'ମେଗା ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ।

ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଯୁବସାଥୀ, ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସ୍ଥାନୀୟ ନାଗରିକଙ୍କ ସହ ଅଂଶଗ୍ରହଣ କରି ସମ୍ବଲପୁରରେ ସଫେଇ କାର୍ଯ୍ୟ କରିବା ସହ ଅନ୍ୟମାନଙ୍କୁ ସଫେଇ କାର୍ଯ୍ୟ କରିବା ପାଇଁ ସଚେତନ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଆଜି ସମ୍ବଲପୁର ଜିଲ୍ଲା ପ୍ରଶାସନ ତରଫରୁ ଏବଂ ସମ୍ବଲପୁର ମ୍ୟୁନିସିପାଲ୍ କର୍ପୋରେସନ୍ ତରଫରୁ ମହାତ୍ମା ଗାନ୍ଧୀଙ୍କ ସ୍ମୃତିରେ ଏକ ଜନ ଆନ୍ଦୋଳନ ତଥା ସ୍ୱଚ୍ଛତା ପର୍ବ ଆରମ୍ଭ କରାଯାଇଛି। ପ୍ରଶାସନର ଯୋଜନା ଅନୁଯାୟୀ ଆଜି ସମ୍ବଲପୁର ଜିଲ୍ଲାରେ ପାଖାପାଖି ଏକ ଲକ୍ଷ ଲୋକ ନିଜ ନିଜ ପରିସରରେ, ଆଖପାଖ ଓ ଘର ବାହାରକୁ ଯାଇ ସ୍ୱଚ୍ଛତା କାମରେ ଲାଗିଛନ୍ତି। ଆଜି ପବିତ୍ର ମହାଳୟା ଏବଂ ନବରାତ୍ରିର ପୂର୍ବରୁ ସମ୍ବଲପୁର ଦେଶ ପାଇଁ ଏକ ନୂଆ ଉଦାହରଣ ତିଆରି କରିଛି। ସ୍ୱଚ୍ଛତା ଦ୍ୱାରା ସହର ସୁସ୍ଥ ରହିବ, ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବ ଏବଂ ସମସ୍ତଙ୍କର ବିକାଶ ହେବ। ସେ ଆହୁରି କହିଛନ୍ତି ଯେ ସ୍ୱଚ୍ଛତା ହିଁ ସେବା- ଏହା ହେଉଛି ଆମ ସମାଜର ମୂଳ ମନ୍ତ୍ର। ପୂଜ୍ୟ ବାପୁ (ମହାତ୍ମା ଗାନ୍ଧୀ) କହୁଥିଲେ ଯେ ସ୍ୱଚ୍ଛତା ହେଉଛି ସ୍ୱାଧୀନତାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ। ସେହି ମହାନ ଚିନ୍ତାଧାରାକୁ ଆପଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସ୍ୱଚ୍ଛତା ହିଁ ସେବା' ମାଧ୍ୟମରେ ଏହାକୁ ଏକ ବିଶାଳ ଜନ-ଆନ୍ଦୋଳନରେ ପରିଣତ କରିଛନ୍ତି। ସ୍ୱଚ୍ଛତାକୁ ଜୀବନର ଚରିତ୍ର ଏବଂ ସ୍ୱଭାବ ବନେଇବାକୁ ପଡ଼ିବ। ଘର ଭିତରକୁ ଆମେ ନିଜେ ସଫା କରୁଛେ, କିନ୍ତୁ ଘର ବାହାରକୁ ସମସ୍ତେ ମିଶି ସମାଜକୁ ସଫା କରିବାକୁ ପଡ଼ିବ। 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ସମସ୍ତେ ନିଜ ପରିବେଶକୁ ଆବର୍ଜନାମୁକ୍ତ ରଖିବା, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବା ଏବଂ ସ୍ୱଚ୍ଛତାକୁ ନିଜ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ କରିବା। ନିଜ ଆଖପାଖ ପରିବେଶ, ଗ୍ରାମ ଓ ସହରକୁ ସବୁବେଳେ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ସମ୍ବଲପୁର ଜିଲ୍ଲାକୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଜିଲ୍ଲା ଭାବେ ଗଢ଼ିବା ପାଇଁ ଆମେ ନିରନ୍ତର ପ୍ରୟାସ କରିବା ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଉଲ୍ଲେଖନୀୟ, 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ସମ୍ବଲପୁର ମ୍ୟୁନିସିପାଲ୍ କର୍ପୋରେସନ୍‌ର ମିଳିତ ସହଯୋଗରେ ଆଜି ଜିଲ୍ଲାର ୫୦୦ରୁ ଅଧିକ ସ୍ଥାନରେ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ୧ ଲକ୍ଷରୁ ଅଧିକ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଏଥିରେ ଅଂଶ ଗ୍ରହଣ କରିଥିବା ସମସ୍ତଙ୍କୁ ଶ୍ରୀ ପ୍ରଧାନ ସ୍ୱଚ୍ଛତାର ଶପଥ ପାଠ କରାଇବା ସହ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଆଇଜି ଚରଣ ସିଂ ମୀନା, ଜିଲ୍ଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ୍ ଖେତ୍ରି ସାମିଲ ହୋଇ ସଫେଇ କାର୍ଯ୍ୟ କରିଥିଲେ। ବାମରା ବ୍ଲକରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମଧ୍ୟ ଉପସ୍ଥିତ ରହି ଏହି ଅଭିଯାନରେ ଭାଗ ନେଇଥିଲେ।

ନିଶାଦ୍ରବ୍ୟ ଚାଲାଣକାରୀକୁ ୩ ବର୍ଷ ଜେଲ

ସମ୍ବଲପୁର, ୯।୧୦ (ସମିସ) : ମଦ ଚାଲାଣ ମାମଲାର ବିଚାର କରି ସମ୍ବଲପୁରର ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବ୍ରଜେଶ ମିଶ୍ର ଅଭିଯୁକ୍ତ କରୁଣା ମିର୍ଦ୍ଧାଙ୍କୁ ୩ ବର୍ଷ ସାଧାରଣ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତ ଆଉ ୩ ମାସ ଅଧିକ କାରାଦଣ୍ଡ ଭୋଗିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ମାମଲାର ତଥ୍ୟ ବିବରଣୀ ଅନୁଯାୟୀ, ୨୮.୯.୨୦୨୪ ତାରିଖ ସମ୍ବଲପୁର ଜିଲ୍ଲା ଅବକାରୀ ମୋବାଇଲ ଟିମ୍ ପାଟ୍ରୋଲିଂ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ସମ୍ବଲପୁର ବୁର୍ଲା ଥାନା ଅର୍ନ୍ତଗତ ଏନ୍‌ଏଚ୍-୫୩ର ପିସି ବ୍ରିଜ୍ ନିକଟରେ ଚଢ଼ାଉ କରି ବୁର୍ଲାର କରୁଣା ମିର୍ଦ୍ଧାକୁ ଧରିଥିଲେ। ତା' ପାଖରୁ ଏକ ଧଳା ରଙ୍ଗର ପଲିଥିନରେ ରଖାଯାଇଥିବା ୩୦ ଲିଟର ମଦ ଏବଂ ହୋଣ୍ଡା ଏକ୍ଟିଭା ଗାଡ଼ି ଜବତ କରାଯାଇଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ନମ୍ବର ୨୮୭/୨୦୨୪-୨୫ ଅବକାରୀ ଆଇନରେ ମାମଲା ରୁଜୁ କରାଯାଇଥିଲା। ଆଜି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବ୍ରଜେଶ ମିଶ୍ର ଏହି ମାମଲାର ଶୁଣାଣି କରି ସାକ୍ଷ୍ୟ ଓ ତଥ୍ୟ ପ୍ରମାଣ ଆଧାରରେ କରୁଣା ମିର୍ଦ୍ଧାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଓଡ଼ିଶା ଅବକାରୀ ଆଇନ, ୨୦୦୮ର ଦଫା ୫୨(କ) ଆଧାରରେ ଅଭିଯୁକ୍ତ କରୁଣା ମିର୍ଦ୍ଧାଙ୍କୁ ୩ ବର୍ଷ ପାଇଁ ସରଳ କାରାଦଣ୍ଡ ଏବଂ ଜରିମାନା ୧୦ ହଜାର ଟଙ୍କା କରାଯାଇଛି, ଜରିମାନା ଅନାଦେୟ ହେଲେ ଆଉ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ଟିକେଶ୍ୱର ପ୍ରଧାନ, ଏପିପି ଶୁଭମ ଅଗ୍ରୱାଲ ଏବଂ ଏପିପି ମହେଶ ମୁନ୍‌ସି ମାମଲା ପରିଚାଳନା କରୁଥିଲେ।

ହୀରାକୁଦ ଡ୍ୟାମ୍ ଜଳସ୍ତର ୬୨୯.୭୯ ଫୁଟ୍

ସମ୍ବଲପୁର, ୧୦।୧୦ (ସମିସ) : ଉପରମୁଣ୍ଡରେ ବର୍ଷା ଏବଂ ହୀରାକୁଦକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇବା ପରେ ହୀରାକୁଦ ଡ୍ୟାମ୍‌ର ସମସ୍ତ ସ୍ଲୁଇସ୍ ଗେଟ୍ ବନ୍ଦ ରହିଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସ୍ଥିତି ଉପରେ ନଜର ରଖିବା ସହ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ବଜାୟ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି। ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୭୯ ଫୁଟ୍ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨୧, ୩୪୭ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୪, ୦୫୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ଆଦୌ ଜଳ ପ୍ରବାହିତ ହେଉ ନ ଥିବାବେଳେ ପାୱାର ଚ୍ୟାନେଲ ଦେଇ ୨୮ ୯୧୪ କ୍ୟୁସେକ୍, ଜଳସେଚନ ସକାଶେ ୨୩୭ କ୍ୟୁସେକ୍ ଓ କେନାଲ ପାଇଁ ୪୯୦୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିବା ନଦୀବନ୍ଧ କର୍ତ୍ତୃପକ୍ଷ ସୂତ୍ରରୁ ପ୍ରକାଶ।

ମା' ଦୁର୍ଗାଙ୍କ ବେଲବରଣ ପୂଜା

ରେଢ଼ାଖୋଲ, ୧୦।୧୦ (ସମିସ): ସ୍ଥାନୀୟ ଦୁର୍ଗା ମଣ୍ଡପରେ ଶନିବାର ବେଲବରଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ଲକ୍ଷ୍ମଣ ପ୍ରଧାନ ଦାୟିତ୍ୱ ନିର୍ବାହ କରିଛନ୍ତି। ମୁଖ୍ୟ ପୂଜକ ଭାବେ କୁମୁଦ ପଣ୍ଡା ଓ ବିଶ୍ୱାମିତ୍ର ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। କମିଟି ସଭାପତି ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଅନ୍ୟମାନେ ସହଯୋଗ କରିଥିଲେ।

ଭତରା ମହାନଦୀ ଘାଟରେ ମହାଳୟା ଶ୍ରାଦ୍ଧ

ସମ୍ବଲପୁର, ୧୦।୧୦ (ସମିସ) : ବିମଳେଶ୍ୱର ବାବା ଆଞ୍ଚଳିକ ସେବା ସଂଗଠନ, ଧନୁପାଲି ପକ୍ଷରୁ ଆଜି ପିତୃପକ୍ଷର ଶେଷ ଦିବସ ତଥା ମହାଳୟା ଅମାବାସ୍ୟା ଅବସରରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଭତରା ଶଙ୍କରମଠ ନିକଟସ୍ଥ ମହାନଦୀ ଘାଟରେ ପଣ୍ଡିତ ସୁବ୍ରତ ପୁରୋହିତଙ୍କ ପୌରୋହିତ୍ୟରେ ସାମୂହିକ ତିଳତର୍ପଣ ତଥା ମହାଳୟା ଶ୍ରାଦ୍ଧ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି କମଳ ଲୋଚନ ପଣ୍ଡାଙ୍କ ଆବାହନ କ୍ରମେ ସମ୍ପାଦକ ସନତ କୁମାର ପଣ୍ଡା ଓ କୋଷାଧ୍ୟକ୍ଷ ମନୋରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଉପସ୍ଥିତ ସଦସ୍ୟବୃନ୍ଦ ରାଜେନ୍ଦ୍ର ମହାପାତ୍ର, କାହ୍ନୁଚରଣ ଦାଶ, ଗୋପ ପତି, ସତ୍ୟ ନାରାୟଣ ବେହେରା, ବସୁଦେବ ପଣ୍ଡା, ସତ୍ୟ ନାରାୟଣ ବିଶି ପ୍ରମୁଖ ଯୋଗଦାନ କରି ନିଜ ନିଜ ପିତୃପୁରୁଷଙ୍କୁ ତିଳତର୍ପଣ ପ୍ରଦାନ କରିଥିଲେ।

ଏନ୍‌ଏସ୍‌ସିବି କଲେଜ: ନିର୍ବାଚନରେ ପକ୍ଷପାତିତା ଅଭିଯୋଗ କଲା ଛାତ୍ର ବିଜେଡି

ସମ୍ବଲପୁର, ୧୦।୧୦ (ସମିସ)

ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ନିର୍ଦ୍ଦିଷ୍ଟ ଛାତ୍ର ସଂଗଠନକୁ ସମର୍ଥନ କରି ପକ୍ଷପାତିତା କରୁଥିବା ଛାତ୍ର ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଆଜି ପୂର୍ବାହ୍ଣରେ ମହାବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇବାସହ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରତିବାଦ ସମୟରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଏବଂ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀ ଉପସ୍ଥିତ ଥିଲେ। ସେମାନେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶାସକ ଦଳକୁ ସମାଲୋଚନା କରିବାସହ ଲିଙ୍ଗଡୋ କମିଟି ଓ ଉଚ୍ଚଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁସାରେ ସମସ୍ତ ଯୋଗ୍ୟତା ପୂରଣ କରିଥିବା ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ନାମାଙ୍କନକୁ ବିଭିନ୍ନ ଆଳ ଦେଖାଇ ନାକଚ କରାଯାଇଥିବା ଅଭିଯୋଗ କରିଛନ୍ତି। ଶାସକ ଦଳର ଚାପରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରସଂସଦ ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା କରିଥିବା ଅଭିଯୋଗ ହୋଇଛି।

ଏନଏସ୍‌ସିବି କଲେଜରେ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ ବାତିଲ କରିବାକୁ ବିସିଜେଡି ଛାତ୍ର ନେତା ତଥା ବିଜେଡି ନେତାମାନେ ଦାବି ଜଣାଇଛନ୍ତି।

ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଗତକାଲି ୯ ତାରିଖ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଛାତ୍ରସଂସଦର ବିଭିନ୍ନ ପଦପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ଏହାପରେ ଅପରାହ୍ଣରେ ନାମାଙ୍କନ ଯାଞ୍ଚ ପରେ ଯୋଗ୍ୟ ତାଲିକା ପ୍ରକାଶ ପାଇଥିଲା। ସମ୍ବଲପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜରେ ଗତକାଲି ନାମାଙ୍କନ ଦାଖଲ ପରେ ଯାଞ୍ଚ (ସ୍କୃଟିନି) ହୋଇ ଯୋଗ୍ୟ ତାଲିକା ପ୍ରକାଶିତ ହୋଇଥିଲା। ଏଥିରେ ଛାତ୍ରସଂସଦ ସଭାପତି, ସାଧାରଣ ସମ୍ପାଦକ ଓ ସହକାରୀ ସାଧାରଣ ସମ୍ପାଦକ ପଦ ପାଇଁ ଗୋଟିଏ ଲେଖାଏ ନାମ ବୈଧ ଘୋଷଣା କରାଯାଇଛି। ଏହି ନାମ ତାଲିକାକୁ ନେଇ ଆଜି ପୂର୍ବାହ୍ଣରେ ଏନ୍‌ଏସ୍‌ସିବି କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।

ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ ହରିପାଲ କହିଛନ୍ତି, ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ଛାତ୍ରସଂସଦ ନିର୍ବାଚନ ସକାଶେ ନାମାଙ୍କନ ଗୁଡ଼ିକର ଯାଞ୍ଚ କରାଯାଇଛି। ଏହା ନିୟମ ଅନୁଯାୟୀ ହୋଇଥିବାରୁ କୌଣସି ପ୍ରକାର ଅନିୟମିତତା ହୋଇନାହିଁ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟରେ ନାମାଙ୍କନ ପ୍ରତ୍ୟାହାର ନାହିଁ

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟରେ ଆଜି ନିର୍ଦ୍ଧାରିତ ସମୟ ମଧ୍ୟରେ କେହିହେଲେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନଥିବା ସୂଚନା ମିଳିଛି। ଗତକାଲି ପ୍ରକାଶିତ ବୈଧ ତାଲିକା ପୂର୍ବପରି ରହିବ। ତଦନୁଯାୟୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ସଭାପତି ପଦ ପାଇଁ କରନ୍‌ମୟ ସାହୁ, ପ୍ରିୟବ୍ରତ ଏସ୍ ପୃଷ୍ଟି ଓ ସ୍ୱାଧୀନ କୁମାର ଆଚାର୍ଯ୍ୟ ପ୍ରାର୍ଥୀ ଥିବାବେଳେ ଉପସଭାପତି ପଦ ପାଇଁ ସଂକେତ ସାହୁ, ପ୍ରତ୍ୟାଶା ଧର ଓ ଯୋଗେନ୍ଦ୍ର କୁମାର ମଲ୍ଲିକ ପ୍ରାର୍ଥୀ ରହିଛନ୍ତି। ସାଧାରଣ ସମ୍ପାଦକ ପଦ ପାଇଁ ରାହୁଲ ମେହେର, ନିଖିଳ ଅଗ୍ରୱାଲ ଓ କିସ୍‌ମତ୍ ପାଣ୍ଡେ ପ୍ରାର୍ଥୀ ରହିଛନ୍ତି। ସହକାରୀ ସାଧାରଣ ସମ୍ପାଦକ ପଦ ପାଇଁ କେବଳ ବୀଣାପାଣୀ ମହାପାତ୍ର ନାମାଙ୍କନ ଦାଖଲ କରିଛନ୍ତି। ଜିଏମ୍‌ୟୁରେ ନିର୍ବାଚନ ନୁହେଁ, ସିଲେକ୍ସନ ଭିତ୍ତିରେ ଛାତ୍ର ପରିଷଦ ଗଠନ ହେବ।

ଅନ୍ୟପକ୍ଷରେ, ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରସଂସଦର ସଭାନେତ୍ରୀ ଓ ସାଧାରଣ ସମ୍ପାଦିକା ପଦ ସକାଶେ ତ୍ରିମୁଖୀ ଲଢ଼େଇ ହେବ। ସଭାନେତ୍ରୀ ପଦ ପାଇଁ ଆକାଂକ୍ଷା ଅଗରାଜ ଭୋଇ, ଆୟୁଷୀ ମିଶ୍ର ଓ ସୁଗ୍ୟାନି ମହାକୁଡ଼ ପ୍ରାର୍ଥୀ ଥିବାବେଳେ ସାଧାରଣ ସମ୍ପାଦିକା ପଦ ପାଇଁ ଭୂମିକା ଗହିର, ପାୟଲ ଧଳ ଓ ସପ୍ନା ସାହୁ ପ୍ରାର୍ଥୀ ହୋଇଛନ୍ତି। ଉପସଭାନେତ୍ରୀ ପଦରେ କେବଳ ଭାନୁପ୍ରିୟା ରଣା ଏବଂ ସହକାରୀ ସାଧାରଣ ସମ୍ପାଦିକା ପଦରେ କେବଳ ସୁକିର୍ତ୍ତୀ ପୁରୋହିତ ନାମାଙ୍କନ ଦାଖଲ କରିଛନ୍ତି। ଆସନ୍ତା ୧୪ ତାରିଖରେ 'ହ୍ୱାଏ ଆଇ ଷ୍ଟାଣ୍ଡ ଫର୍' ଥିବାବେଳେ ୧୫ ତାରିଖରେ ନିର୍ବାଚନ ରହିଛି।

ବୁର୍ଲାରେ ସ୍ୱଚ୍ଛତା ଅଭିଯାନ

ସମ୍ବଲପୁର, ୧୦।୧୦ (ସମିସ): ସ୍ୱଚ୍ଛତା ଅଭିଯାନରେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତି, ବୁର୍ଲା ପକ୍ଷରୁ ନେତାଜୀ ଛକରୁ ପିଜି ଛକ ପର୍ଯ୍ୟନ୍ତ ଏକ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ସମ୍ବଲପୁରରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମ ଉଦଘାଟିତ କରିବା ପରେ ବୁର୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ମୃତି ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ମହିଳା ଏସ ଏସ ଜି, ଭୀମସାର ବୁର୍ଲାର ନିର୍ଦ୍ଦେଶକ ପ୍ରଫେସର ଲାଲମୋହନ ନାୟକ, ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ ମହାନ୍ତିଙ୍କ, ସୁପେରିଟେଣ୍ଡେଣ୍ଟ ଡ. ଦୁଲାଲ ସୋରେନ, ହସପିଟାଲ ମ୍ୟାନେଜର ଡ୍ୟାନିଏଲ ସମନ୍ତରାୟ ସମେତ ଅନେକ ଡାକ୍ତରୀ ଛାତ୍ର ଛାତ୍ରୀ, ଏନ ସି ସି ଛାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସ୍ମୃତି ସମିତିର ମୁଖ୍ୟ ଉପଦେଷ୍ଟା ତରଣୀ ସେନ ଚାନ୍ଦ, ଦେବାଶିଷ ନନ୍ଦ, ସଭାପତି ରମାକାନ୍ତ ସାହୁ, ସମ୍ପାଦକ ବସନ୍ତ ମେହେର, ଜଗଜିତ ସିଂ, ତ୍ରିଲୋଚନ ସିଂ କୌର, ରୋହନ ମିଶ୍ର, ନଗୀ ମହାନନ୍ଦ, ଜିତୁ ଲାମା, କୁନମୁନ ମହାନ୍ତି, ଶାନ୍ତି ମହାନ୍ତି, ଆରତୀ ରାଉତ, ଲକ୍ଷ୍ମୀ ରାୟ, ସୀତା ପ୍ରଧାନ, ରାଜକୁମାରୀ ନିହାଲ, ଲକ୍ଷ୍ମୀ ମେହେର, ମଞ୍ଜୁ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅପରିଚିତା

ଛନ୍ଦା ମିଶ୍ର

"ସାର୍‌, କିଛି ନ ଭାବିବେ ଯଦି, ମତେ ତିନି ଶହ ଟଙ୍କା ଧାର୍‌ ଦେବେ କି?" ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁଲି ଝିଅଟିକୁ। ଚିହ୍ନା ନାହିଁ ଜଣା ନାହିଁ, ଜଣେ ଏମିତି ହଠାତ୍‌ କାହାକୁ କ'ଣ ମୁହଁ ଖୋଲି ଟଙ୍କା ମାଗି ଦେଇ ପାରେ!

ମୁଁ ଟିକେ ଦୋଦୋପାଞ୍ଚ ହୋଇ କହିଲି, "ଟଙ୍କା...କିନ୍ତୁ...ମୁଁ ତୁମକୁ..."

"ନାଇଁ, ଆପଣ ମତେ ଜାଣି ନାହାଁନ୍ତି, ସତ କହିଲେ ମୁଁ ବି ଆପଣଙ୍କୁ ଭଲ କରି ଜାଣିନି। କିନ୍ତୁ ଆଜି ମୋର ଅଫିସ୍‌ରେ ପ୍ରଥମ ଦିନ ଆଉ ମୁଁ ଜଏନ୍‌ କରିବାର ସମୟ ଗଡ଼ି ଯାଉଛି, ତେଣୁ ବସ୍‌କୁ ଅପେକ୍ଷା ନ କରି କ୍ୟାବ୍‌ଟିଏ ଭଡ଼ା କରି ଚାଲିଯିବି ବୋଲି ଭାବିଲା ବେଳକୁ, କ'ଣ ହୋଇଛି କେଜାଣି ମୋ' ଫୋନ୍‌-ପେ ବି କାମ କରୁନାହିଁ। ଆଉ ମୋ' ପାଖରେ ଏତେ ସମୟ ବି ନାହିଁ ଯେ ଘର କୁ ଯାଇ ପଇସା ଆଣିବି। ତେଣୁ..."

ମୁଁ କିଛି ଭାବିବା ପୂର୍ବରୁ ମୋ' ହାତ ଆପେ ପ୍ୟାଣ୍ଟ ପଛ ପକେଟରେ ଥିବା ପର୍ସଟିକୁ କାଢ଼ି ସାରିଥିଲା। ତିନି ଶହ ଟଙ୍କା କାଢ଼ି ଝିଅଟିର ହାତରେ ଧରାଇ ଦେଲି। ସେ ଧନ୍ୟବାଦ ଦେଇ ଚାଲିଗଲା। ହେଲେ ପାଖରେ ଛିଡ଼ା ହୋଇ ମୋ' ପରି ବସ୍‌କୁ ଅପେକ୍ଷା କରିଥିବା ମହାନ୍ତି ବାବୁ, ଆରମ୍ଭ କଲେ, "ବୁଝିଲେ ଆଜ୍ଞା, ଆପଣଙ୍କୁ ଚୂନ ଲଗାଇ ଦେଲା। ଦିନ ବେଳଟାରେ ତିନି ଶହ ଟଙ୍କା ଠକି ନେଲା। ଆପଣ ଏପରି ଭୋଳା ଲୋକ ବୋଲି ମୁଁ ଜାଣି ନଥିଲି।"

"ନାଇଁ ମ, ଠକିବ କାହିଁକି! ପ୍ରକୃତରେ ଦରକାର ପଡ଼ିଥିବ ତାକୁ, ନହେଲେ କିଏ କ'ଣ କାହାକୁ ଏମିତି ହାତ ପତେଇ ଦେଇ ପାରେ! ଅବଶ୍ୟ ମୁଁ ଏ ଅଞ୍ଚଳରେ ନୂଆ, ଆପଣ ମୋଠାରୁ ଅଧିକ ଜାଣିଥିବେ, କିନ୍ତୁ ଏଇ କିଛି ଦିନ ଏଇ ଛକରୁ ବସ୍‌ ଧରିବା ଭିତରେ, କେତେ ଥର ମୁଁ ଏ ଝିଅଟିକୁ ଦେଖିଛି। ଏଇ ପାଖରେ ବୋଧେ କୋଉଠି ରହୁଛି..."

ମୋ ପାଟିରୁ କଥା ଛଡ଼ାଇ ନେଇ ମହାନ୍ତି ବାବୁ କହିଲେ, "ହଁ ମ...ସେଇ ବୁଢ଼ା ବରଗଛ ପାଖ ଗଳିରେ, ତା' ବାପା ଗୋଟେ ପାନ ଦୋକାନ କରିଛି। ଏଇ ଛୋଟ ଲୋକଗୁଡ଼ାକଙ୍କର ଏଇ ହେଉଛି ଖୋଇ। ଅଭାବେ ସ୍ୱଭାବ ନଷ୍ଟ ବୋଲି କ'ଣ ଖାଲିଟାରେ କୁହାଯାଇଛି! ଚିହ୍ନା ନାହିଁ ଜଣା ନାହିଁ, ତୁ ଝିଅ ଛୁଆଟା, ଏମିତି ଆସି ତିନି ଶହ ଟଙ୍କା ମାଗି ନେଲୁ! ଦେଖିବେ ସେ ଆଉ ଟଙ୍କା ଫେରାଇବ ନାହିଁ।"

"ଆପଣ ସେମିତି କାହିଁକି ଭାବୁ ଛନ୍ତି ଯେ..."

ବସ୍‌ ଆସିଗଲା। କଥା ସେଇଠି ରଖି ଆମେ ବସ୍‌ରେ ଚଢ଼ିଲୁ।

ତେବେ ପରଦିନ ପରଦିନ କରି ତିନି ଦିନ ଧରି ସେ ଝିଅଟିର ଦେଖା ମିଳିଲା ନାହିଁ। କିନ୍ତୁ କାହିଁକି କେଜାଣି ମତେ ଲାଗୁଥିଲା, ଝିଅଟି ନିଶ୍ଚୟ ଆସିବ, ଟଙ୍କା ଫେରାଇବାକୁ। ହେଲେ ପାଞ୍ଚ ଦିନ ହେଇଗଲା ଯେତେବେଳେ, ମୁଁ ଆଶ୍ଚର୍ଯ୍ୟ ହେଲି, ବୋଧେ ମହାନ୍ତି ବାବୁଙ୍କ କଥା ସତ ହେବାକୁ ଯାଉଛି ପରି ମତେ ଲାଗିଲା । ନିଜେ ହିଁ ତ ବାହାଦୁରି ଦେଖାଇ ଟଙ୍କା ବଢ଼େଇ ଦେଇଚି, କହିବି କାହାକୁ! ମହାନ୍ତି ବାବୁଙ୍କୁ ଦେଖି ନ ଦେଖିବା ପରି ରହିବାରୁ ସେ ହିଁ ପାଖକୁ ଆସି କଥା ଆରମ୍ଭ କଲେ, "କ'ଣ ଆପଣଙ୍କୁ ଟଙ୍କା ମିଳିଲା?"

କହିଲି, "ନା ବୋଧେ ଆପଣଙ୍କ କଥା ସତ ହେବ କି କ'ଣ!"

"ନିହାତି ହେବ। ଖାଲିଟାରେ ଏ ମୁଣ୍ଡ ଉପରେ ବାଳ ଧଳା ହୋଇନି ମ ଆଜ୍ଞା। ଲୋକକୁ ଦେଖି ତା'ର ପ୍ରକୃତି କିପରି ତା' ମୁଁ କହି ଦେଇପାରେ। ଆଉ ରହିଲା ପଇସା ଦେବା କଥା, ଏ ଦୁନିଆ ଖୁବ୍‌ ଅଦ୍ଭୁତ ଆଜ୍ଞା। ଏଠି ପଇସା ଦେବାକୁ, କାମ କରିବାକୁ ଆଉ ମରିବାକୁ କେହି ଭଲ ପାଆନ୍ତି ନାହିଁ। ଏଠି ଆଜ୍ଞା ଧାର୍‌ ମାଗିବାକୁ ସମସ୍ତେ ଆଗଭର ମାତ୍ର ଧାର ଶୁଝିବାକୁ କେହି ଆସିବେ ନାହିଁ, ଓଲଟି ଆପଣଙ୍କ ନିଜ ଟଙ୍କା ଆପଣ ନିଜେ ମାଗିଲେ ଅପଦସ୍ତ ହେବାଟା ସାର। ପ୍ରଥମ ଲୋକ ଦେଖିଲି ଆପଣ ଯିଏ ମୁହଁରୁ ବାହାରୁ ବାହାରୁ ଟଙ୍କା କାଢ଼ି ଧରେଇ ଦେଲେ।"

"ମୁଁ ଭାବିଲି, ମୋ ଝିଅ ବୟସର ଝିଅଟା, ଅସୁବିଧାରେ ପଡ଼ି ମାଗୁଛି ଯେତେବେଳେ..."

ମୋ କଥା ସରିନାହିଁ, ଆଉ ଶୁଭିଲା, "ସାର୍‌!" ବୁଲି ଚାହିଁଲି। ସେ ଝିଅଟି ତରବର ହୋଇ ପାଖକୁ ଆସି, ଧଇଁସଇଁ ହୋଇ କହିଲା, "କ୍ଷମା ଚାହୁଁଚି ସାର୍‌, ଟିକେ ଡେରି ହୋଇଗଲା। ଏଇ ନିଅନ୍ତୁ ଆପଣଙ୍କ ଟଙ୍କା। ସେଦିନ ମୁଁ ଅଫିସ୍‌ ଯାଇ ଫେରିଲା ପରେ ବାପାଙ୍କର ହଠାତ୍‌ ଦେହ ଖରାପ ହେବାରୁ ତାଙ୍କୁ ନେଇ ଡାକ୍ତରଖାନା ଯିବାକୁ ପଡ଼ିଲା। ସେଠି ତିନିଦିନ ରହିବାକୁ ହେଲା, ଯେଉଁଥିପାଇଁ ମୁଁ ଚାହିଁ କରି ବି ଆପଣଙ୍କ ପାଖକୁ ଆସି ପାରିଲି ନାହିଁ। ସରି ସାର୍‌..."

ପଚାରିଲି, "ଏବେ ବାପା କେମିତି ଅଛନ୍ତି?"

"ଏବେ ଟିକେ ଭଲ ଅଛନ୍ତି ସାର୍‌।" ଉଭୟେ ଉଭୟଙ୍କୁ ଚାହିଁ ହସିଲୁ।

ବସ୍‌ ଆସିଗଲା, ଆମେ ବସ୍‌ରେ ଚଢ଼ିଲୁ। କିଛି ସମୟ ପୂର୍ବରୁ ଖୁବ୍‌ ଲମ୍ବା ଭାଷଣ ଦେଇଥିବା ମହାନ୍ତି ବାବୁ ଚୁପ୍‌ ଚାପ୍‌ ନିଜ ମୋବାଇଲ୍‌ ଦେଖୁଥିଲେ। ଆଉ ବାହାରକୁ ଚାହିଁ ମୁଁ ଭାବୁଥିଲି, ସମସ୍ତଙ୍କୁ ସମାନ ମାପ କାଠିରେ ମାପି ଆମେ କେତେ ଭ୍ରମରେ ରହେ ସତେ! ତେବେ ଝିଅଟି ଆଉ ମୋର ଅପରିଚିତା ନଥିଲା, ମୋ ପରିଚିତ ଭଲ ଲୋକଙ୍କ ତାଲିକାରେ ମୁଁ ତା'ର ନାଁ ଚଢ଼େଇ ସାରିଥିଲି। ସବୁଠାରୁ ଅଧିକ ସାନ୍ତ୍ୱନା ମତେ ମିଳିଥିଲା ଏୟା ଭାବି ଯେ, ଏତେ ଲୋକ ଥାଉ ଥାଉ ଝିଅଟି ମତେ ନ ଚିହ୍ନି ବି ଟଙ୍କା ମାଗିବା ପାଇଁ ଭରସା କରି ପାରିଥିଲା। ■

ମୋ: ୯୪୩୭୪୫୩୬୧୦

ପଡ଼ିଛି ପଥର ହୋଇ

ସତ୍ୟନାରାୟଣ ଗନ୍ତାୟତ

ତୁଠରେ ବଡୁରେ
ଆତୁର ହୋଇ
ଅଳତା ମଖା ପାଦର
ମାଜଣା ଟିକିଏ ପାଇଁ
ମନ୍ଦିର ଗାତ୍ରରେ
ଅଧୀର ହୋଇ
ଜୀବନ ସଙ୍ଗୀତ
ମନେ ମନେ ଯାଏ ଗାଇ !

ପଡ଼ିଛି ଏମିତି
ଏଠି ମୁଁ ପଥର ହୋଇ
ତୁମରି ଦୁଃଖରେ
ମୋ ଲୁହର ସୁଅ
ଛାତି ଫାଟି ଯାଏ ବୋହି ! ■

'ସୁହାସିତମ୍‌', କସ୍ତୁରୀ ନଗର
ରାୟଗଡ଼ା : ୭୬୫୦୦୧
ମୋ: ୯୪୩୭ ୯୦୯୬୭୫

ପାପ ପୁଣ୍ୟ

ସୁଶୀଲ କୁମାର ପାଣିଗ୍ରାହୀ

ମାଂସ ଦୋକାନରେ
ଗୋଟିଏ ଗୋଟିଏ ଚିତ୍କାର
ଗୋଟିଏ ଗୋଟିଏ ପ୍ରାର୍ଥନା

ପହଞ୍ଚି ପାରେନି କେଉଁଠି

ଧୂପକାଠିର ସୁଗନ୍ଧ
ବିସରିତ ସବୁ କୋଣ
ସବୁ କ୍ଷଣ
କଟା ମାଂସ ଓ ରକ୍ତର
ଗନ୍ଧ ଭିତରେ
ଘୋଳି ହେଇଯାଏ

ଧୂପର ସୁଗନ୍ଧରେ
ଲୁଚି ଯାଏନି
କଟା ମାଂସ ଓ ରକ୍ତର ଗନ୍ଧ

ଯେତେ ଗାଢ଼ ହେଉ
ସୁଗନ୍ଧ
ଲୁଚାଇ ପାରେନି...

ଜୀବନ ଖାତାରେ
ହିସାବ ଜଳ ଜଳ। ■

କଲ୍ୟାଣୀ ରେସିଡେନ୍ସି
ଫ୍ଲାଟ୍‌ -୨୦୩
ସମ୍ବଲପୁର -୨
ମୋ: ୯୪୩୭୮୦୫୯୬୧

ପୁସ୍ତକ ପରିଚୟ

ସର୍ବନାମ

ବଂଶୀଧର ଷଡ଼ଙ୍ଗୀ



ଟାଇମ୍‌ ପାସ୍‌
ନୀଳକଣ୍ଠେଶ୍ୱର ମାର୍ଗ, ବରମୁଣ୍ଡା
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୧୯୫ ଟଙ୍କା ମାତ୍ର

"ବେଳେବେଳେ ମିଛଟିଏ ମଧ୍ୟ/ ସତରେ ପରିଣତ ହୋଇ ଯାଇପାରେ ।/ ତେଣୁ ମିଛ ସତର/ ସୀମା ନିର୍ଦ୍ଧାରଣ କରିବା ସହଜ ନୁହେଁ ।/ ଆପଣ ମିଛ ନା ସତ; ନା ଉଭୟ?" (ପୃଷ୍ଠା:୫୪) ଏହା ହିଁ ଜୀବନର ବାସ୍ତବତା। ଏ ବିଶ୍ୱ ବ୍ରହ୍ମାଣ୍ଡରେ କାହାର ସ୍ଥିତିକୁ ଅସ୍ୱୀକାର କରାଯାଇପରେ ନାହିଁ। ଏଭଳି ବାସ୍ତବ ଜୀବନ ଓ ଆଧ୍ୟାତ୍ମିକ ଉତ୍ତରଣର ଚିତ୍ର ପ୍ରତିଫଳିତ ହୋଇଛି କବି ବଂଶୀଧର ଷଡ଼ଙ୍ଗୀଙ୍କ 'ସର୍ବନାମ' ପୁସ୍ତକର ଅନେକ କବିତାରେ। ଏହି ପୁସ୍ତକର 'ଚିତ୍ର', 'ମାୟା', 'ଚଲାବାଟ', 'ଚିତ୍ର ପ୍ରତିମା', 'କିଏ କହିବ', 'ତୁମକୁ ଅପେକ୍ଷା', 'ଏଣୁତେଣୁ', 'କବାଟ', 'କାହାକୁ ଜଣା', 'ତୁମକୁ ଅପେକ୍ଷା', 'ନଈ', 'ପାରୁଛ ଯଦି' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଅନେକ କବିତା ଏକ ସ୍ଥୂଳ ଜଗତରୁ ସୂକ୍ଷ୍ମ ସତ୍ତା ଆଡ଼କୁ ପାଠକକୁ ଉତ୍ତୋଳିତ କରିନିଏ। ଜୀବନର ସତ୍ୟ ଓ ଅସ୍ତିତ୍ୱକୁ ନିବିଡ଼ ଭାବରେ ଅନୁଭବ କରିହୁଏ କବିଙ୍କ କାବ୍ୟ ଚେତନାରେ। ଚିତ୍ରକଳ୍ପ, ପ୍ରତୀକ, ବିମ୍ବ ଆଦିର ପ୍ରୟୋଗ ଯୋଗୁଁ ଏହି ପୁସ୍ତକର କବିତାଗୁଡ଼ିକ ଅଧିକ ପ୍ରାଣସ୍ପର୍ଶୀ ହୋଇଛି। 'ସର୍ବନାମ'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

କିସ ପୁଣି ଦେଖା ନ ଯାଏ

ପୀତବାସ ରାଉତରାୟ

ଜଗନ୍ନାଥ ରଥ
ବିନୋଦ ବିହାରୀ, କଟକ-୨
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୩୧୦ ଟଙ୍କା ମାତ୍ର

ହାସ୍ୟ-ବ୍ୟଙ୍ଗ ରଚନା ଭିତରେ ପ୍ରତିଫଳିତ ହୋଇଥାଏ ଏକ ସାମାଜିକ ସଚେତନତାର ବାର୍ତ୍ତା। ନିକଟରେ ପ୍ରକାଶ ପାଇଛି ପୀତବାସ ରାଉତରାୟଙ୍କ ହାସ୍ୟବ୍ୟଙ୍ଗ ଗଳ୍ପଗୁଚ୍ଛ 'କିସ ପୁଣି ଦେଖା ନ ଯାଏ'। ଏହି ପୁସ୍ତକରେ ସାମାଜିକ, ପାରିବାରିକ, ଆଧ୍ୟାତ୍ମିକ, ସାହିତ୍ୟିକ, ରାଜନୈତିକ ବ୍ୟଙ୍ଗ ଗଳ୍ପଗୁଡ଼ିକ ସଂକଳିତ ହୋଇଛି। ପ୍ରତିଦିନ ସମାଜରେ ଘଟୁଥିବା ବିଭିନ୍ନ ଘଟଣା, ପ୍ରସଙ୍ଗକୁ ନେଇ ଅତି ଚମତ୍କାର ଭାବେ ତେରଛା ଦୃଷ୍ଟିକୋଣ ନେଇ ଲେଖକ ହାସ୍ୟବ୍ୟଙ୍ଗର କାହାଣୀ ଗଢ଼ିଛନ୍ତି । 'ଗରଳେ କଲୁ ଅଧିକାରୀ', 'ଓଡ଼ିଆ ଅସ୍ମିତା ଓ ପେଟପୂଜା ଡଟ୍‌ କମ୍‌', 'କିସ ପୁଣି ଦେଖା ନ ଯାଏ', 'ମୋ ପତ୍ନୀ ଅଭିଯାନ', 'ଘରକୁ ସୁନ୍ଦର ଦିଶେ ଘରଣୀ ଥିଲେ', 'ଜୀବନ ଧନ ମୋର ପଖାଳ କଂସା', 'ବନ୍ଦେ ଉତ୍କଳଟ ଜନନୀ', 'ଅକ୍ଷରେ ଅକ୍ଷରେ ରାଜନୀତି' ପ୍ରଭୃତି ଗଳ୍ପଗୁଡ଼ିକ ହସର ଖୋରାକ ଯୋଗାଇବା ସହିତ ସାଂପ୍ରତିକ ସମାଜର ବାସ୍ତବତା ସଂପର୍କରେ ଚିନ୍ତା କରିବା ପାଇଁ ସୁଯୋଗ ସୃଷ୍ଟି କରିବ। ପ୍ରତି ଗଳ୍ପରେ ହାସ୍ୟ ସହିତ ସମାଜ ସଂସ୍କାର ଓ ସଚେତନତାଧର୍ମୀ ମହତ ବାର୍ତ୍ତା ରହିଛି। 'କିସ ପୁଣି ଦେଖା ନ ଯାଏ'ର ବ୍ୟଙ୍ଗ ଗପଗୁଡ଼ିକ ପାଠକଙ୍କ ମନକୁ ଛୁଇଁ ପାରିବ ବୋଲି କରାଯାଏ। ■

ଲୋକକଥାରେ ଲୋକଦେବତା

ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଛି



କାବ୍ୟଲୋକ
ଗ୍ୟାରେଜ ଛକ, ଲୁଇସ୍‌ରୋଡ୍‌
ଭୁବନେଶ୍ୱର-୨
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ : ୩୫୦ ଟଙ୍କା ମାତ୍ର

ବିଭିନ୍ନ ଦେବଦେବୀଙ୍କୁ ନେଇ ରହିଛି ଅନେକ ଲୋକକଥା, କାହାଣୀ, କିମ୍ବଦନ୍ତୀ। ଯାହା ଶୁଣିଲେ ମଣିଷ ମନ ଭିତରେ ଦେବଦେବୀଙ୍କ ପ୍ରତି ଗଭୀର ଭକ୍ତି ଭାବ ସୃଷ୍ଟି ହୋଇଥାଏ। ସେଭଳି କିଛି ଦେବଦେବୀଙ୍କ ଅଲୌକିକ କାହାଣୀକୁ ନେଇ ପ୍ରକାଶ ପାଇଛି ମାଣିଆବନ୍ଧ ସ୍ୱପ୍ନେଶ୍ୱର ଗୋଛିଙ୍କ 'ଲୋକକଥାରେ ଲୋକଦେବତା' ପୁସ୍ତକର ପ୍ରଥମ ଭାଗ। ଏହି ପୁସ୍ତକର 'ଅଧାଗଢ଼ା ମୂର୍ତ୍ତି', 'ସୁଭଦ୍ରାଙ୍କ ବ୍ରହ୍ମାସ୍ୱରୂପ ଦର୍ଶନ, 'ସିଂହଦ୍ୱାର ଗୁମୁଟର ପତିତପାବନ', 'ବାଇଶି ପାହାଚରେ କାଶୀ ବିଶ୍ୱନାଥ', 'ଶ୍ରୀକ୍ଷେତ୍ରେ କପାଳମୋଚନ', 'ଶ୍ରୀକ୍ଷେତ୍ରେ ଶ୍ରୀଲୋକନାଥ', 'ମନ୍ଦିର ବେଢ଼ାରେ ଭଣ୍ଡ ଗଣେଶ', 'ଶ୍ରୀକ୍ଷେତ୍ରେ ଶ୍ରୀହନୁମାନ ବିଜେ, 'ଶ୍ରୀମନ୍ଦିର ପରିସରରେ ଭୁବନେଶ୍ୱରୀ', 'ଭିତର ବେଢ଼ାରେ ସାକ୍ଷୀଗୋପାଳ' ଆଦି ଆଲେଖ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀମନ୍ଦିର ଭିତର ବେଢ଼ା ଦେବଦେବୀଙ୍କ ମହାତ୍ମ୍ୟ, ବିଭିନ୍ନ ଲୋକକଥାକୁ ଅତି ଚମତ୍କାର ଭାବେ ଲେଖକ ବର୍ଣ୍ଣନା କରିଛନ୍ତି। ଦେବଦେବୀଙ୍କ ସଂପର୍କରେ ତଥ୍ୟ ଭିତ୍ତିକ ଲେଖା, କିମ୍ବଦନ୍ତୀ, ଆଧ୍ୟାତ୍ମିକ ଭାବନା ପାଠକମାନଙ୍କ ଭିତରେ ଭକ୍ତିଭାବ ସୃଷ୍ଟି କରିବ ନିଶ୍ଚୟ। 'ଲୋକକଥାରେ ଲୋକଦେବତା' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

ସୁନ୍ଦର ତୃପ୍ତିର ଅବସାଦ ନାହିଁ...

ଅକ୍ଷୟ କୁମାର ରାଉତ

ସୁଖଦୁଃଖର ମିଳିତ ସମାହାର ଏ ମଣିଷ ଜୀବନ। କେଉଁଠି ହାହାକାର ତ କେଉଁଠି ସୁଖ ଆନନ୍ଦର ଜୁଆର। କାହା ଜୀବନ ରଙ୍ଗମଞ୍ଚରେ ଭୂକମ୍ପ ତ, କାହାର ଜୀବନରେ ଆନନ୍ଦର ବନ୍ୟା। ଦୁଃଖ, ବିଷାଦ, ନିରାନନ୍ଦ, ବେଦନା, ଅବସାଦକୁ କବିବର ରାଧାନାଥ ରାୟ ନିଜ ଜୀବନରେ ଭୋଗ କରିଛନ୍ତି। ତଥାପି ସେ ନିଜ କାବ୍ୟଗୁଡ଼ିକରେ ସୌନ୍ଦର୍ଯ୍ୟର ବର୍ଣ୍ଣନା ଅତି ଚମତ୍କାର ଭାବରେ କରିଛନ୍ତି। 'ଚିଲିକା' ହେଉଛି କବିବର ରାଧାନାଥ ରାୟଙ୍କ ଏକ ହୃଦୟସ୍ପର୍ଶୀ ଖଣ୍ଡକାବ୍ୟ। କବିବର ଥିଲେ ସୌନ୍ଦର୍ଯ୍ୟର ମୁଗ୍ଧ ଉପାସକ। ମନୋରମ ଚିଲିକାର ଅପୂର୍ବ ଶୋଭା ବର୍ଣ୍ଣନାରେ କବିଙ୍କ ଲେଖନୀ ଚଳଚଞ୍ଚଳ ହୋଇଉଠିଛି। ସୌନ୍ଦର୍ଯ୍ୟର ପୂଜାରୀ କବି ରାଧାନାଥ 'ଚିଲିକା'କୁ ଯେଉଁ ମଧୁମୟ ରମ୍ୟଶୋଭାର ଗନ୍ତାଘର ଭାବରେ ଅନୁଭବ କରିଛନ୍ତି ତା'ର ପଟ୍ଟାନ୍ତର ନାହିଁ। କବିଙ୍କ ଭାଷାରେ ଚିଲିକା ହେଉଛି ଉତ୍କଳର ସକଳ ସୌନ୍ଦର୍ଯ୍ୟର ଗନ୍ତାଘର।

ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ-ମାଳିନୀ ନୀଳାମ୍ବୁ ଚିଲିକା।

ଚିଲିକାର ନୀଳ ନିର୍ମଳ ତରଙ୍ଗାୟିତ ଜଳରାଶି, ନାନାଜାତିର ବିହଙ୍ଗମାନଙ୍କ କଳରବ, ପାହାଡ଼ ପର୍ବତର ମନୋରମ ଦୃଶ୍ୟ। ମହିମାମଣ୍ଡିତ ଉତ୍କଳର ଶୋଭାଭଣ୍ଡାର ଚିଲିକା ପ୍ରତି କବିଙ୍କର ଆକର୍ଷଣ ଅନନ୍ୟ। ଚିଲିକାର ପ୍ରାକୃତିକ ସୁଷମା ରାଜିରେ କବି ଅଭିଭୂତ ହୋଇଛନ୍ତି। ଦିନେ ଯେଉଁ ପ୍ରକୃତି ଅପହଞ୍ଚ ଥିଲା, କବିଙ୍କ ଦୃଷ୍ଟିରେ ତାହା ନିକଟତର ହେଲା। ନିଶ୍ଚଳ ପ୍ରକୃତି ରାଧାନାଥଙ୍କ ସାହିତ୍ୟରେ ଚଳଚଞ୍ଚଳ ଓ ସୁଷମାରାଜିରେ ଚମତ୍କାର ହୋଇଉଠିଲା। ଚିଲିକାର ରମଣୀୟ ଛବି ରାଧାନାଥଙ୍କ ମନରେ ଯେଉଁ ଅମୃତର ପ୍ଳାବନ ଭରିଦେଲା, ତାହାର ରୂପରେ ମୁଗ୍ଧ ହୋଇ କବି ଗାଇ ଉଠିଲେ-

ଚାରୁଛବି ତୋର ସେହି ବିଭୀଷିକା
ତଡ଼ିଦେଲା ମନୁ ନିମିଷେ ଚିଲିକା।

ସାରା ଭାରତବର୍ଷର ପ୍ରାକୃତିକ ଶୋଭାର ଦିବ୍ୟ ଅନୁଭୂତି ସାଂସାରିକ ଜୀବନର ସୁଖ-ଦୁଃଖର ଦାର୍ଶନିକ ତତ୍ତ୍ୱକୁ ନେଇ ଯେଉଁ ଅମୃତମୟ ପଦ ପଙ୍‌କ୍ତି କବି ପ୍ରକାଶ କରିଛନ୍ତି, ତାହାର ପ୍ରାକୃତିକ ସୌନ୍ଦର୍ଯ୍ୟ କବିଙ୍କ ମନ ମନ୍ଦିରରେ ଘର କରି ରହିଅଛି। ଏତେ ଦୁଃଖ ଭିତରେ କବି ସମସ୍ତ ସମ୍ପଦରେ ପରିପୂର୍ଣ୍ଣ ଉତ୍କଳର ଆଗାମୀ ଭବିଷ୍ୟତ ଦେଖି ପାରୁଛନ୍ତି। ସେ ଆଶାବାଦୀ ହୋଇ ଚିଲିକାର ରମ୍ୟଶୋଭାର ଯୋଗ୍ୟସ୍ଥଳ ମନେ କରି ଗାଇଛନ୍ତି-

ପାହିଲାଣି ଘୋର ତାମସୀ ଯାମିନୀ
ଫୁଟିବ ଉତ୍କଳ ଭାଷା କମଳିନୀ
X X X X
ବାଣୀ ଆବିର୍ଭାବ ଯୋଗ୍ୟସ୍ଥଳ ଜାଣି
ଆଶ୍ରିବେ ତୋ ତୀର ବୁଧ, କବି, ଜ୍ଞାନୀ।

ପ୍ରକୃତିର ଉପାସକ କବିବର ଚିଲିକା କାବ୍ୟରେ ଯେଉଁ ଜୀବନ ଦର୍ଶନ ଅତି ଚମତ୍କାର ଭାବରେ ପ୍ରକାଶ କରିଛନ୍ତି, ଏଥିରେ ଆନନ୍ଦ-ବିଷାଦ, ଆଶା-ନୈରାଶ୍ୟର ଭାବକୁ ବୁଝିପାରି କବି ଏକ ଜାତିର ସମୃଦ୍ଧି ଭବିଷ୍ୟତ ଦେଖି ପାରିଛନ୍ତି। ସୌନ୍ଦର୍ଯ୍ୟ ମାଧ୍ୟମରେ ଜୀବନ ଜଗତର କଳାତ୍ମକ ଅନୁଭୂତିର ଅବର୍ଣ୍ଣନୀୟ ସତ୍ୟକୁ କବି ଗ୍ରହଣ କରି ମୁଗ୍ଧ ହୋଇଛନ୍ତି। ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାକୁ ସ୍ଥୂଳ ଦୃଷ୍ଟିରେ ନ ଦେଖି ସୂକ୍ଷ୍ମଦୃଷ୍ଟିରେ ଦେଖିଛନ୍ତି। କବିଙ୍କ ଦୃଷ୍ଟିରେ ଏକ ଅସାଧାରଣ ସ୍ୱାତନ୍ତ୍ର୍ୟ 'ଚିଲିକା' କାବ୍ୟରେ ପ୍ରତିଫଳିତ ହୋଇଛି। ଚିଲିକାର ନୀଳ ଜଳରାଶି, ସବୁଜ ପର୍ବତମାଳା, ବୃକ୍ଷଲତା, କୁରଙ୍ଗ, କୁରଙ୍ଗୀ, ରଙ୍ଗ ବେରଙ୍ଗର ପକ୍ଷୀ, ଛୋଟ ଛୋଟ ପାହାଡ଼ର ଦ୍ୱୀପମାଳା କବି କଳ୍ପନାରେ, ପ୍ରକୃତି ତା'ର ସମସ୍ତ ସୌନ୍ଦର୍ଯ୍ୟକୁ ଏହିଠାରେ ଠୁଳ କରିଛି। ସୁଶୋଭିତ ଚିଲିକାର ସୌନ୍ଦର୍ଯ୍ୟକୁ କବି ବା ଭାବୁକଟିଏ ଯେତେ ଦେଖିଲେ ବି ତାକୁ ପୁଣି ଦେଖିବାକୁ ଇଚ୍ଛା ହୁଏ। ନୂଆ ରୂପରେ, ନୂଆ ଢଙ୍ଗରେ ଖଣ୍ଡାହଣା ପର୍ବତ, ଗଉଣିଆ ପର୍ବତ, ମୈନାକ ଶିଖରୀ ଆଦି ପର୍ବତଗୁଡ଼ିକ ଚିଲିକାର ପରିବେଶକୁ ବେଶ୍‌ ସୌନ୍ଦର୍ଯ୍ୟମୟ କରିଛି। ଚିଲିକାର ସୌନ୍ଦର୍ଯ୍ୟ କବିଙ୍କ କଳ୍ପନାର ବାହାରେ। ସେଥିପାଇଁ କବି ଭାବପୂର୍ଣ୍ଣ ଆବେଗରେ ଗାଇଛନ୍ତି:-

ସୁନ୍ଦର ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେ ନୂଆ ଦିଶୁଥାଇ।



ସ୍ୱଭାବେ ଉତ୍କଳ ସୁନ୍ଦର। ଆହୁରି ସୁନ୍ଦର କରିଛି ଚିଲିକା, ତା'ର ଶୁଭ୍ରତା, ସୌନ୍ଦର୍ଯ୍ୟ, ପବିତ୍ରତାର ଶ୍ୟାମଳ ତୀର। ଅସ୍ତକାଳୀନ ସୂର୍ଯ୍ୟର ଅଙ୍ଗଶୋଭା ଚନ୍ଦ୍ରିକା ଚର୍ଚ୍ଚିତ ଆକାଶର ପ୍ରତିବିମ୍ବ ରୂପ ଚିଲିକାର ଜଳ ରାଶି କବିଙ୍କୁ କରିଛି ଆନମନା। ସେଥିପାଇଁ ରାଧାନାଥଙ୍କ ଦୃଷ୍ଟିରେ ଚିଲିକା ହେଉଛି ସତ୍ୟ-ଶିବ-ସୁନ୍ଦରର ପ୍ରତୀକ। କବି ତାଙ୍କ କୁଶଳତା ଦ୍ୱାରା ଚିଲିକାର ଯେଉଁ ଜୀବନ୍ତ ସୌନ୍ଦର୍ଯ୍ୟ ପ୍ରଦାନ କରିଛନ୍ତି ତାହା ଅନନ୍ୟ-ଅସାଧାରଣ। ଏହି କାରଣରୁ ଚିଲିକା ହୋଇପାରିଛି ଉତ୍କଳର ଚାରୁ ଅଳଙ୍କାର, ଯାହାର ଶୋଭା ଭାବୁକମାନଙ୍କୁ କରିଛି ମୋହିତ। ଚିଲିକାର ମଧୁର ରୂପ ମଣିଷ ମନରୁ ସଂକୀର୍ଣ୍ଣତା ଦୂର କରି ଏକ ପ୍ରାକୃତିକ ଚେତନାରେ ଅଭିଭୂତ କରିଛି। ପ୍ରକୃତି ରୂପୀ ଚିଲିକା ତା'ର ମଧୁର ସୌନ୍ଦର୍ଯ୍ୟରେ ଉତ୍କଳୀୟମାନଙ୍କୁ ଯେଉଁ ସୁନ୍ଦର ଉପଭୋଗ ଦେଇଛି ତାହା ଅବର୍ଣ୍ଣନୀୟ। ଏହି ସୌନ୍ଦର୍ଯ୍ୟର ସ୍ୱରୂପ ଆକଳନ ଅସମ୍ଭବକୁ କବି ଅବେଗପୂର୍ଣ୍ଣ ଭାବରେ ତାଙ୍କ କାବ୍ୟରେ ସମଗ୍ର ଉତ୍କଳୀୟ ମଧ୍ୟରେ ପରିବେଷଣ କରିଛନ୍ତି। ■

ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତସିଂହପୁର
ମୋ: ୯୯୩୭୬୯୧୪୭୫

ବିଜେଡିର ଅଭିଯୋଗ

ଛାତ୍ର ସଂସଦ ନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର କରୁଛି

ଭୁବନେଶ୍ୱର,୧୦।୧୦(ସମିସ): ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ କରିବାକୁ ବିଜେପି ହୀନ ପ୍ରୟାସ ଜାରି ରଖିଛି। ନିର୍ବାଚନ ପାଇଁ ଥିବା ନୀତି ନିୟମକୁ ଜଳାଞ୍ଜଳି ଦେଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ବିଜେପି ସରକାର ହାଇଜାକ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଥିବା ଅଭିଯୋଗ କରି କଡା ନିନ୍ଦା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ. ବ୍ୟୋମକେଶ ରାୟ, ବିଧାୟକ ସାରଦା ପ୍ରସନ୍ନ ଜେନା ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ବିଜେପି ସରକାର ଉପରେ ବର୍ଷିଛନ୍ତି।

ଡ. ବ୍ୟୋମକେଶ ରାୟ କହିଥିଲେ ଯେ ବିଜେଡି ପକ୍ଷରୁ ଯାହା ସନ୍ଦେହ କରାଯାଉଥିଲା ତାହା ସତ୍ୟ ହୋଇଛି। ଛାତ୍ର ସଂସଦ ନିର୍ବାଚନକୁ ବିଜେପି ସପକ୍ଷରେ କରିବା ପାଇଁ ରାଜ୍ୟ ସରକାର ନିର୍ବାଚନ ନୀତି ନିୟମର ଧଜିଆ ଉଡାଇ ଦେଇଛନ୍ତି। କିପରି ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହେବ, ସେନେଇ ବିଜେପି କାର୍ଯ୍ୟ କରୁଛି। ଲିଙ୍ଗଡୋ କମିଶନ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ ହେଉଛି। ରାଜ୍ୟର ୫୦ରୁ ଉର୍ଦ୍ଧ୍ୱ କଲେଜରେ ବିଜେଡି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ଥିବାବେଳେ ସେଠାରେ ରାଜ୍ୟ ସରକାର ନିର୍ବାଚନ ବାତିଲ କରିବା ସହ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ କରିଦେଇଛନ୍ତି। ନୟାଗଡ କଲେଜ ମଧ୍ୟକୁ ବାହାର ପିଲା ଅନଧିକୃତ ଭାବେ ପ୍ରବେଶ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାତି ଅଧିଆ ଅନଧିକୃତ ଭାବେ ପ୍ରବେଶ କରି ଦାଣ୍ଡିଆ ନାଇଟ ପାଳନ କରିଥିଲେ। ବିଜେଡି ପ୍ରାର୍ଥୀମାନଙ୍କୁ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବା ପାଇଁ ବିଜେପିର ମନ୍ତ୍ରୀ ଓ ବିଧାୟକ ଚାପ ପକାଉଛନ୍ତି। ବିଜେଡି ଶାସନ କାଳରେ ଏମିତି କେବେ ହୋଇନଥିଲା। ସରକାରୀ କଳର ଅପବ୍ୟବହାର କରି ନିର୍ବାଚନ ଜିତିବାକୁ ବିଜେପି ପ୍ରୟାସ କରୁଛି। ରାଜନୀତିର ପଶା ପାଲିରେ ଛାତ୍ରଛାତ୍ରୀଙ୍କ

ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରୁଛି ବିଜେପି। ବିଜେପି ସରକାରକୁ ଜେନ ଜି ଭୟ ଘାରିଛି। ବିଜେପିର ଏହି ଅରାଜକତାକୁ ରୋକିବା ପାଇଁ ବିଜେଡି ଲଢେଇ ଜୋରଦାର କରିବ।

ସାରଦା ପ୍ରସନ୍ନ ଜେନା କହିଥିଲେ ଯେ ଛାତ୍ର ସଂସଦ ନିର୍ବାଚନରେ ବିଜେପି ସରକାର ପକ୍ଷପାତିତା କରୁଛନ୍ତି। ଯେଣତେଣ ପ୍ରକାରେ ନିଜ ସପକ୍ଷରେ ନିର୍ବାଚନ ଫଳାଫଳ କରିବା ପାଇଁ ବିଜେପି ଉଦ୍ୟମ କରୁଛି। ଯେଉଁଠି ଏବିଭିପି ପ୍ରାର୍ଥୀଙ୍କ ବିଜୟର ସମ୍ଭାବନା ନାହିଁ, ସେଠାରେ ଉଦ୍ଦେଶ୍ୟମୂଳକ ଭାବେ ନିର୍ବାଚନ ବାତିଲ କରାଯାଉଛି। ରାଜ୍ୟର ୨୦୬ଟି କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ରାଜ୍ୟ ସରକାର ବାତିଲ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନରେ ବିଜେପିର ମନ୍ତ୍ରୀ ଓ ବିଧାୟକ ପ୍ରତ୍ୟକ୍ଷ ଭାବେ ଜଡିତ ହେଉଥିବା ବେଳେ ନିର୍ବାଚନ ନିରପେକ୍ଷତା ନେଇ

- ଲିଙ୍ଗଡୋ କମିଶନ ନିୟମର ଖୁଲମଖୁଲା ଉଲ୍ଲଙ୍ଘନ କରୁଛନ୍ତି ରାଜ୍ୟ ସରକାର
- ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଛି
- ବିଜେଡି ପ୍ରାର୍ଥୀଙ୍କୁ ନାମାଙ୍କନ ପ୍ରତ୍ୟାହାର ପାଇଁ ଚାପ ପକାଉଛନ୍ତି ବିଜେପି ମନ୍ତ୍ରୀ ଓ ବିଧାୟକ

ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ବାଚନ ଫଳାଫଳ ନିଜ ସପକ୍ଷରେ କରିବା ପାଇଁ ରାଜ୍ୟ ସରକାର ତଞ୍ଚକତା କରି ତରବରିଆ ଭାବେ ନିର୍ବାଚନ ଘୋଷଣା କରିଛନ୍ତି। ସରକାରୀ କଳ ବଳ ଲଗାଇ ନିର୍ବାଚନ ଜିତିବାକୁ ଲାଗି ପଡିଛନ୍ତି। ଜେନ ଜି ମାନଙ୍କ ଭବିଷ୍ୟତ ସହ ସରକାର ଖେଳୁଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ଇପ୍ସିତା ସାହୁ କହିଥିଲେ ଯେ ବିସିଜେଡି ପିଲା ଶାନ୍ତି ଶୃଙ୍ଖଳା ମଧ୍ୟରେ ନିର୍ବାଚନ କରିବାରେ ଲାଗିଛନ୍ତି। ରାଜ୍ୟର ୧୦୦ରୁ ଉର୍ଦ୍ଧ୍ୱ କ୍ୟାମ୍ପସରେ ବିସିଜେଡି ପ୍ରାର୍ଥୀ ମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ମନ୍ତ୍ରୀଙ୍କ ଚାପ ସତ୍ତ୍ୱେ ଅନେକ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ବିସିଜେଡି ପ୍ରାର୍ଥୀ ପ୍ୟାନେଲ ସହ ବିଜୟ ହୋଇଛନ୍ତି। ଏମିତି କି ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ ବିସିଜେଡିର ୪ ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ଯେଉଁଠି ଏବିଭିପି ହାରିବା ଭୟ ରହିଛି ସେଠାରେ ବିଜେପି ସରକାର ନିର୍ବାଚନକୁ ବାତିଲ କରାଉଛନ୍ତି। ନୟାଗଡ କଲେଜରେ ବିସିଜେଡି ପ୍ୟାନେଲ ସହ ବିଜୟ ହେବାର ସମ୍ଭାବନା ଥିବାରୁ ସେଠାରେ ସରକାର ନିର୍ବାଚନ ବାତିଲ କରିଦେଲେ। ବିଜେପି ସରକାରକୁ ଛାତ୍ର ସଂସଦ ନିର୍ବାଚନ ହାରିବାର ଭୟ ଘାରିଛି। ନାମାଙ୍କନ ପତ୍ର ଯାଞ୍ଚ ପରେ ସନ୍ଧ୍ୟା ୫ଟା ପରେ ତାଲିକ ପ୍ରକାଶ ପାଇବାର ଥିଲା, କିନ୍ତୁ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଜାଣି ଶୁଣି ରାତି ୯ଟା ପରେ ତାଲିକା ପ୍ରକାଶ ପାଇଥିଲା। ଏବିଭିପି ପ୍ରାର୍ଥୀ ମାନଙ୍କ ଉପସ୍ଥାନ କମ୍ ଥିବାରୁ ସେମାନେ ପ୍ରାର୍ଥୀପତ୍ର ନାକଚ ହୋଇଥାନ୍ତା, କିନ୍ତୁ ତାହାକୁ ସଠିକ୍ କରିବା ପାଇଁ ମନ୍ତ୍ରୀ ଫୋନ କରିଥିଲେ। ଯାହାକୁ ନେଇ ତାଲିକା ପ୍ରକାଶ ପାଇବାରେ ବିଳମ୍ବ ହୋଇଥିଲା। ବିଜେପିର ହୀନ ପ୍ରୟାସ କେବେ ସଫଳ ହେବ ନାହିଁ। ସାରା ରାଜ୍ୟରେ ବିସିଜେଡି ପ୍ରାର୍ଥୀ ବିଜୟ ଲାଭ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. MCSW-Deep-Clean-26-27-16

କାର୍ଯ୍ୟର ନାମ : 18 (ଅଠର) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଳବାଇ BG କୋଚ୍‌ଗୁଡ଼ିକର ଗହନ ସଫେଇ (Deep Cleaning) ।

ବିଜ୍ଞାପିତ ମୂଲ୍ୟ : ₹ 44,99,149.00, EMD : ₹ 90,000/-, ଶେଷ ହେବା ଅବଧି : 18 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.10.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.10.2026ରିଖ 1500 ଘଣ୍ଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର (POH-II), CRW/ମଞ୍ଚେଶ୍ୱର

PR-489/R/26-27

AFFIDAVIT

By virtue of an affidavit in the court of Executive Magistrate, Jharsuguda, I **Vidhi Sakunia** W/o: Subham Kedia, residing at Marwadipada, PO/PS/Dist.: Jharsuguda, Odisha, Adhaar No.: 503371099794, declare that, Both Vidhi Sakunia Kedia and **Vidhi Sakunia** are one and same person.

AFFIDAVIT

I, **Chhayakanta Meher**, S/o- Dasaratha Meher, R/o/Vill/ Po- Sukha, Ps- Dunguripali Dist- Subarnapur, Odisha Aadhaar No- 7938 5146 1555 declare by this affidavit No. 210 dtd.- 23/09/2025 that my name wrongly mention as **Ghanashyam Das** in my Aadhaar card. No- 7938 5146 1555, now onwards I shall be known as **Chhayakanta Meher,** S/o- Dasaratha Meher, R/o/Vill/ Po- Sukha, Ps- Dunguripali Dist- Subarnapur, Odisha Aadhaar No- 7938 5146 1555 for all future purposes.

AFFIDAVIT

I, Anjali Martha, W/o Nityananda Pradhan, resident of Madhyakhanda, P.S. Dashapalla, District Nayagarh, do hereby declare that:My correct name is Anjali Martha. However, in my Anganwadi Helper Appointment Order dated 20.08.2019, my name has been wrongly mentioned as "Anjali Pradhan".I declare that Anjali Martha and Anjali Pradhan, W/o Nityananda Pradhan, are one and the same person. I therefore request the competent authority to correct my name as Anjali Martha in the appointment order and official records.

Deponent: Anjali Martha

ସାପ ସହ ରିଲ୍ସ ମହଙ୍ଗା ପଡ଼ିଲା

ନାଗ ଦଂଶନରେ ଯୁବକ ମୃତ

ପୁରୀ,୧୦।୧୦(ସମିସ): ସୋସିଆଲ ମିଡିଆରେ ରିଲ୍ସ କରିବାର ନିଶା ଶେଷରେ ଜଣେ ଯୁବକଙ୍କ ଜୀବନ ନେଇଛି। ପୁରୀ ସଦର ଥାନା ଅନ୍ତର୍ଗତ କଣ୍ଟପୁର ଗ୍ରାମରେ ବିଷଧର ସାପ ସହ ଭିଡିଓ କରୁଥିବାବେଳେ ସାପ କାମୁଡ଼ାରେ ତପନ କୁମାର ପ୍ରଧାନ (୨୮)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣ ପ୍ରାୟ ୨ଟା ସମୟରେ ତପନ ନିଜ ଘର ବାରଣ୍ଡାରେ ଏକ ନାଗସାପ ସହ ରିଲ୍ସ କରିବା ସହ ଫଟୋ ଉଠାଉଥିଲେ। ଏହି ସମୟରେ ସାପଟି ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ତପନ ପୂର୍ବରୁ ଅନେକ ସାପ ଧରିଥିବାବେଳେ ଅଞ୍ଚଳରେ ଘରେ ପଶିଥିବା ସାପକୁ ଉଦ୍ଧାର କରିବା ପାଇଁ ତାଙ୍କୁ ଡକାଯାଉଥିଲା। ସୋସିଆଲ ମିଡିଆରେ ମଧ୍ୟ ସାପ ସମ୍ବନ୍ଧୀୟ ଭିଡିଓ ପୋଷ୍ଟ କରୁଥିଲେ। ତେବେ ଏହି ଘଟଣା ତାଙ୍କ ପାଇଁ ଶେଷ ହୋଇଛି। ଘଟଣାକୁ ନେଇ ପୁରୀ ସଦର ଥାନା ପୁଲିସ ତଦନ୍ତ ଜାରି ରଖିଛି। ସାପ ପରି ବିଷଧର ଜୀବ ସହ ଅସାବଧାନତାରେ ଭିଡିଓ କରିବା କେତେ ବିପଜ୍ଜନକ, ଏହି ଘଟଣା ତାହା ମନେ ପକାଇ ଦେଇଛି।

- ଛାତ୍ର ସଂସଦ ନିର୍ବାଚନକୁ ନେଇ ଡିଜିପିଙ୍କ ଆଭାସୀ ବୈଠକ

ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ

ଭୁବନେଶ୍ୱର,୧୦।୧୦(ସମିସ): ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ କଲେଜ ନିର୍ବାଚନ ସମ୍ପର୍କିତ ସୁରକ୍ଷା ବ୍ୟବସ୍ଥା ଓ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜି ଓ ଡିଆଇଜିଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନରେ କଲେଜ ପରିସରରେ ହିଂସା ରୋକିବା, ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ନିର୍ବାଚନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା, ନିର୍ବାଚନ ପରବର୍ତ୍ତୀ ହିଂସା ରୋକିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। କଲେଜରେ କୌଣସି ହିଂସାତ୍ମକ ଘଟଣା ଘଟିବା ପରେ ପଦକ୍ଷେପ ନେବା ଅପେକ୍ଷା ଆଗୁଆ ସତର୍କତା ଅବଲମ୍ବନ କରି ହିଂସାକୁ ରୋକିବା ଉପରେ ପୁଲିସ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଡିଜିପି କହିଥିଲେ। ଏଥିପାଇଁ ପୁଲିସ ଅଧିକାରୀମାନେ କଲେଜ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଯୋଗାଯୋଗ ରଖିବା ସହ ଉତ୍ତେଜନାର ସମ୍ଭାବନା ଥିବା ସ୍ଥାନ ଓ ପରିସ୍ଥିତି ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଗୁରୁତ୍ୱ ଦେଇଥିଲେ। ଆବଶ୍ୟକସ୍ଥଳେ ତୁରନ୍ତ ହସ୍ତକ୍ଷେପ କରି ହିଂସା ରୋକିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କଲେଜ ନିର୍ବାଚନ ସମୟରେ ସମ୍ବେଦନଶୀଳ ପରିସ୍ଥିତିକୁ ଆକଳନ କରି ଆବଶ୍ୟକ ଅନୁଯାୟୀ ପୁଲିସ ଫୋର୍ସ ମୁତୟନ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଡିଜିପି ପରାମର୍ଶ ଦେଇଥିଲେ। ବୈଠକରେ, ନିର୍ଦ୍ଦେଶକ(ଗୁଇନ୍ଦା) ଆରପି କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ ପ୍ରମୁଖ ଯୋଗଦେଇଥିଲେ।

କନ୍ୟା ଦିବସ ଅବସରରେ ଆକାଶ ବାଣୀ କଟକ କେନ୍ଦ୍ରର ନାଟକ

ଭୁବନେଶ୍ୱର,୧୦।୧୦(ସମିସ): ୧୧ଅକ୍ଟୋବର ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ଆକାଶ ବାଣୀ କଟକ କେନ୍ଦ୍ର ପକ୍ଷରୁ ଏକ ସ୍ୱତନ୍ତ୍ର ନାଟକ ' ମୋତେ ବଞ୍ଚିବାକୁ ଦିଅ ' ପ୍ରସ୍ତୁତ କରାଯାଇଛି। ନାଟକ ଟିକୁ ରଚନା କରିଛନ୍ତି ସୁପ୍ରଭା ଦାଶ। ପ୍ରଯୋଜନା କରିଛନ୍ତି ବିନୟ କୁମାର ସାମନ୍ତରାୟ ଏବଂ ସହଯୋଗିତା କରିଛନ୍ତି ମୃତ୍ୟୁଞ୍ଜୟ ବିଶ୍ୱାଳ। ବ୍ରଜ ମୋହନ ସାହୁ, ସୋନାଲି ମାଦେଳି, ସୁରେନ୍ଦ୍ରନାଥ ସାମଲ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ନାଟକ ଟି ୧୧ ଅକ୍ଟୋବର ଅପରାହ୍ଣ ଘ ୩.୩୦ ମିନିଟ୍ ରେ ୩୦୮.୬ ମିଟର ତଥା ୯୭୨ କିଲୋହର୍ଜ୍ ଯୋଗେ ପ୍ରସାରିତ ହେବ।

ଅବଶିଷ୍ଟାଂଶ...

ଅଦମନୀୟ କକ୍ରୋଚ୍...

ଖବର ମିଳିଛି। କେଜ୍ରିୱାଲଙ୍କ ଭାଷାରେ ରାଜଧାନୀରେ ଏମରଜେନ୍ସି ଠାରୁ ବି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆନ୍ଦୋଳନକୁ ଦମନ କରିବା ଲାଗି ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ରେଳ ଷ୍ଟେସନ ସହିତ ୪୫ଟି ମେଟ୍ରୋ ଷ୍ଟେସନକୁ ବନ୍ଦ କରିଦିଆଯାଇଛି। ଦିଲ୍ଲୀରେ ୩୦ ହଜାର ପୁଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ବାରିକେଡରେ ଭର୍ତ୍ତି ହୋଇଯାଇଛି ରାଜଧାନୀ। ବ୍ୟାପକ ପୁଲିସ ଫୋର୍ସର ଉପସ୍ଥିତି ଏବଂ କଠୋର କଟକଣା ଯୋଗୁଁ ଅଣନିଶ୍ୱାସୀ ହୋଇପଡ଼ିଥିବା ଦିଲ୍ଲୀରେ ଏଭଳି ପରିସ୍ଥିତି ନିକଟରେ କେବେ ଦେଖିବାକୁ ମିଳିନଥିଲା। ସୁପ୍ରିମକୋର୍ଟ ସାମନାରେ ବିକ୍ଷୋଭ ବେଳେ ୬୦ ଜଣ ଆଇନଜୀବୀଙ୍କୁ ପୁଲିସ ଉଠାଇନେଇଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତଙ୍କ ହସ୍ତକ୍ଷେପ ପରେ ସେମାନଙ୍କୁ ମୁକ୍ତ କରିଦେଇଛି।

ଦିଲ୍ଲୀ ଆସୁଥିବା ଆନ୍ଦୋଳନକାରୀଙ୍କୁ ଅଟକାଇବା ଲାଗି କେନ୍ଦ୍ର ଗୃହ ବିଭାଗ ଗତକାଲି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ନି।ର୍ଦ୍ଦେଶ ଦେଇଥିଲେ। ଏହାପରେ ସମସ୍ତ ରାଜ୍ୟ ସରକାର ତତ୍ପର ହୋଇ ଉଠିଥିଲେ। ଦିଲ୍ଲୀ ଆସୁଥିବା ଆନ୍ଦୋଳନକାରୀଙ୍କୁ ଅଟକାଇବା ଆରମ୍ଭ କରିଥିଲେ। ବସ ଓ ଟ୍ରେନ ଭିତରେ ପଶି ଆନ୍ଦୋଳନକାରୀଙ୍କୁ ଟାଣି ବାହାର କରାଯାଇଥିଲା। କକ୍ରୋଚ ପାର୍ଟି ଦାବି କରିଛି ଯେ ଗତକାଲି ସନ୍ଧ୍ୟା ସୁଦ୍ଧା ଏଭଳି ୧୦ ହଜାରରୁ ଅଧିକ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିଲା।

ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ଏଭଳି ଦମନଲୀଳାକୁ ବିରୋଧୀ ଦଳ ଓ ବିଭିନ୍ନ ସଂଗଠନ ଘୋର ନିନ୍ଦା କରିଛନ୍ତି। ଅଟକ ଆନ୍ଦୋଳନକାରୀଙ୍କୁ ତୁରନ୍ତ ଖଲାସ ନକଲେ ଆମରଣ ଅନଶନ କରିବାକୁ ଧମକ ଦେଇଛନ୍ତି ବିଶିଷ୍ଟ ସାମାଜିକ କର୍ମୀ ତଥା ଶିକ୍ଷାବିତ ସୋନମ ୱାଙ୍ଗଚୁକ୍। ବିରୋଧୀ ଦଳଙ୍କୁ ନେଇ ଗଠିତ ଇଣ୍ଡିଆ ମେଣ୍ଟ ମଧ୍ୟ ଆସନ୍ତା ସୋମବାର ଦିନ ଦିଲ୍ଲୀରେ ବଡ଼ ଧରଣର ପ୍ରତିବାଦ ଆନ୍ଦୋଳନ କରିବାକୁ ଘୋଷଣା କରିଛି। ଡିଏମ୍‌କେ ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ବେଳେ ସଂଜୟ ମଞ୍ଜରେକରଙ୍କ ଭଳି କ୍ରିଡାବିତ ଓ ଇମ୍ରାନ ଖାନଙ୍କ ଭଳି ଅନେକ ସିନେମା କଳାକାର ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ନକରିବାକୁ ସତର୍କ କରାଇଛନ୍ତି। ତେବେ ଏଭଳି ଦମନଲୀଳା ସତ୍ତ୍ୱେ ଜ୍ଞାନେଶ କୁମାର ଇସ୍ତଫା ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କକ୍ରୋଚ ପାର୍ଟି ଘୋଷଣା କରିଛି।

ଆଜି ପ୍ରଥମ ନାଟକୀୟ ଘଟଣା ଦେଖିବାକୁ ମିଳିଥିଲା ଦିଲ୍ଲୀ ବିମାନବନ୍ଦରରେ। ଏୟାର ଇଣ୍ଡିଆ ବିମାନ ଯୋଗେ ଦୀପକେ ଓ ତାଙ୍କର ଦୁଇ ସହଯୋଗୀ ସୌରଭ ଏବଂ ଆଶୁତୋଷ ଯନ୍ତରମନ୍ତରଠାରେ ପ୍ରସ୍ତାବିତ ଆନ୍ଦୋଳନରେ ଯୋଗଦେବା ଲାଗି ଆସିଥିଲେ। ବିମାନ ଓହ୍ଲାଇବା ମାତ୍ରେ ବିମାନ ଭିତରକୁ ମହିଳା ପୁଲିସ ଲଗାଇ ସେମାନଙ୍କୁ ଉଠାଇ ନେଇଥିଲା ଦିଲ୍ଲୀ ପୁଲିସ। ବିମାନ ଭିତରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଯୁକ୍ତିତର୍କ ହୋଇଥିଲା। ଏହାପରେ ସେମାନଙ୍କୁ ପୃଥକ ଭାବେ ଅଜ୍ଞାତ ସ୍ଥାନକୁ ନିଆଯାଇଥିଲା।

ଦିଲ୍ଲୀରେ ସନ୍ଧ୍ୟା ସୁଦ୍ଧା ୪ ହଜାର ଲୋକଙ୍କୁ ଅଟକ ରଖାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଥିବା ବେଳେ ଏହି ସଂଖ୍ୟା ୧୦ ହଜାରରୁ ଅଧିକ ହେବ ବୋଲି ବିରାଧୀ ଦାବି କରିଛନ୍ତି। ସେହିଭଳି ବିଭିନ୍ନ ରାଜ୍ୟରେ ହଜାର ହଜାର ଆନ୍ଦୋଳନକାରୀଙ୍କୁ ଅଟକ ରଖାଯାଇଥିବା ବେଳେ ଏସଂପର୍କରେ ରାଜ୍ୟ ପୁଲିସ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଉନାହିଁ। ଏହି ସଂଖ୍ୟା ୩୦/୪୦ ହଜାର ବୋଲି ବରୋଧୀ କହୁଛନ୍ତି। ଏହାକୁ ନେଇ ଦିଲ୍ଲୀରେ ଅଶାନ୍ତ ପରିବେଶ ଲାଗି ରହିଥିବା ବେଳେ କକ୍ରୋଚ୍ ନେତାମାନଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ଦାବି କରିଛନ୍ତି। ଏଥିପାଇଁ ସରକାରଙ୍କୁ ୨୪ ଘଣ୍ଟା ମହଲତ ଦେଇ ସେ କହିଛନ୍ତି ଯେ ଏହି ସମୟ ମଧ୍ୟରେ ସେମାନେ ମୁକ୍ତ ନହେଲେ ପଦଯାତ୍ରା ସହିତ ସେ ଅନଶନ କରିବେ। ଏହାକୁ ନେଇ ଦିଲ୍ଲୀରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ସିଜେପି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି ଯେ ଆସନ୍ତା ୧୨ ତାରିଖ ସୋମବାର ଦିନ ଇଣ୍ଡିଆ ମେଣ୍ଟ ପକ୍ଷରୁ ବଡ଼ ଧରଣର ପ୍ରତିବାଦ ଆନ୍ଦୋଳନ କରାଯିବ। ଦିଲ୍ଲୀରେ ୫୦ ହଜାର ପୁଲିସ ମୁତୟନ ହେଲେ ମଧ୍ୟ ସେମାନଙ୍କୁ କେହି ଅଟକାଇପାରିବ ନାହିଁ। ସାହାସ ଥିଲେ ସରକାର ସମସ୍ତ ନେତା ଓ ଯୁବ ଆନ୍ଦୋଳନକାରୀଙ୍କୁ ଗିରଫ କରନ୍ତୁ ବୋଲି ସେ ଆହ୍ୱାନ ଜଣାଇଛନ୍ତି।

ଆମ ନେତାଙ୍କୁ ଅପହରଣ...

ଦମନଲୀଳା ଆମକୁ ଅଟକାଇ ପାରିବ ନାହିଁ। ସମସ୍ତ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆସନ୍ତାକାଲି ରବିବାର ପୁଣି ଯନ୍ତରମନ୍ତର କୁ ମାର୍ଚ୍ଚ କରାଯିବ ବୋଲି ସେ ଘୋଷଣା କରିଛନ୍ତି। କ୍ଷମତା ଚାଲିଯିବା ଭୟରେ ସରକାର ଆମର ଆନ୍ଦୋଳନକୁ ଦମନ କରୁଛନ୍ତି। କିନ୍ତୁ ଏଥିରେ ପ୍ରଧାନମନ୍ତ୍ରୀଙ୍କୁ ସଫଳ ମିଳିବ ନାହିଁ ବୋଲି ସେ କହିଛନ୍ତି।

ସରକାରୀ କଳର...

ଓ ବାହାର ଲୋକମାନେ କାହିଁକି ପ୍ରବେଶ କରୁଛନ୍ତି? ମହିଳା କଲେଜର ଗେଟ୍ ଭାଙ୍ଗି ଗୁଣ୍ଡାମାନେ ଭିତରକୁ କେମିତି ପଶିଲେ? ଆମ ଛାତ୍ରମାନଙ୍କୁ କାହିଁକି ଧମକ ଦିଆଯାଉଛି, ପୁଲିସ ବିଜୁ ଛାତ୍ର ଜନତା ଦଳକୁ କାହିଁକି ଡରାଉଛି? କଲେଜ ପ୍ରଶାସନ ବିଜୁ ଛାତ୍ର ଜନତା ଦଳର ଛାତ୍ରନେତାମାନଙ୍କୁ କାହିଁକି ଧମକ ଦେଉଛନ୍ତି? ସୁଜାତା ଏହାକୁ ଦୃଢ଼ଭାବେ ନିନ୍ଦା କରିବା ସହ କ୍ଷୋଭୋକ୍ତି ପ୍ରକାଶ କରି କହିଛନ୍ତି ଯେ ଏଥିରେ ଆମ କଲେଜ କ୍ୟାମ୍ପସ୍‌ର ଶାନ୍ତିପୂର୍ଣ୍ଣ ଶିକ୍ଷାନୁକୂଳ ପରିବେଶକୁ ନଷ୍ଟ କରି ଦିଆଯାଉଛି। ଧମକଚମକ ଓ ଗୁଣ୍ଡାଗର୍ଦ୍ଦି କରି ଆମ ଛାତ୍ର ସମାଜକୁ କେଉଁ ବାର୍ତ୍ତା ଦିଆଯାଉଛି ଏବଂ ଆମର ଭବିଷ୍ୟତ ପିଢ଼ିକୁ କ'ଣ ଶିକ୍ଷା ଦେଉଛନ୍ତି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଆମ କଲେଜ କ୍ୟାମ୍ପସ୍‌ରେ ଶାନ୍ତିପୂର୍ଣ୍ଣ ପରିବେଶ ସୁନିଶ୍ଚିତକୁ କରିବା ଏବଂ ଯେପରି ଆମ ପିଲାମାନେ ଭୟମୁକ୍ତ ହୋଇ ଶିକ୍ଷା ଗ୍ରହଣ କରିପାରିବେ, ତାହା ହିଁ ହେଉଛି ବିଜେପି ସରକାରର ପ୍ରଥମ ଦାୟିତ୍ୱ। କିନ୍ତୁ କଲେଜ କ୍ୟାମ୍ପସ୍‌ର ପରିବେଶ ନଷ୍ଟ କରି ଆମ ପିଲାମାନଙ୍କ ଭବିଷ୍ୟତ ସହିତ ଖେଳିବାର ଉଦ୍ୟମକୁ ବିଜେଡି କଦାପି ବରଦାସ୍ତ କରିବ ନାହିଁ ବୋଲି ସୁଜାତା ଚେତାଇ ଦେବା ସହ ସୁସ୍ଥ ଓ ଗଣତାନ୍ତ୍ରିକ ଧାରାରେ ଛାତ୍ର ରାଜନୀତି ହେଉ ଏବଂ କ୍ୟାମ୍ପସରେ ଶାନ୍ତି ବଜାୟ ରହୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ବସ୍ ଧକ୍କାରେ...

ଅଭିମୁଖେ ଯାଉଥିଲେ। ଏହି ଦୁର୍ଘଟଣା ପରେ ସାଲେପୁର ପୁଲିସ ଉଭୟ ବସ୍ ଓ ମୋଟରସାଇକଲ୍‌କୁ ଜବତ କରିବା ସହ ଶବ ୨ଟିକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ଯାତ୍ରୀବାହୀ ବସ୍‌ଗୁଡିକ ବିଭିନ୍ନ ଷ୍ଟପେଜ୍‌ରୁ ପାସେଞ୍ଜର ଉଠାଇବା ପାଇଁ ଦ୍ରୁତଗତିରେ ଗାଡି ଚଳାଉଥିବାରୁ ବାରମ୍ବାର ଏହି ରାସ୍ତାରେ ଦୁର୍ଘଟଣା ଘଟି ବହୁ ଜୀବନ ହାନି ଘଟୁଛି। ପରିବହନ ବିଭାଗ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

ଭୋଟର ହେବାକୁ...

ଘର ପରିଦର୍ଶନ କାର୍ଯ୍ୟ ଜାରି ରହିବ। ଏହି ଅବଧି ମଧ୍ୟରେ ବିଏଲଓମାନେ ଘରକୁ ଘର ଯାଇ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ନାମ ସାମିଲ ଏବଂ ଆବଶ୍ୟକ ସଂଶୋଧନ ସମ୍ପର୍କରେ ସଚେତନ କରିବା ସହ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ କରିବେ। ବିଶେଷକରି ଏସଆଇଆର ସମୟରେ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନଥିବା ଯୋଗ୍ୟ ନାଗରିକ ଏବଂ ନୂତନ ଭାବେ ଭୋଟର ହେବାକୁ ଯୋଗ୍ୟ ଯୁବକଯୁବତୀମାନଙ୍କୁ ଫର୍ମ-୬ ମାଧ୍ୟମରେ ଆବେଦନ କରିବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ।

ଶାସକ-ବିରୋଧୀ...

ହୀନ ଆଚରଣରୁ ବିରତ ନରହିଲେ, ରାଜ୍ୟବ୍ୟାପୀ ଏହାର ତୀବ୍ର ବିରୋଧ କରାଯିବ ବୋଲି ବିରୋଧୀ ଦଳ ସମେତ ଛାତ୍ର ସଂଗଠନଗୁଡ଼ିକ ଚରମବାଣୀ ଶୁଣାଇଛନ୍ତି।

ଛାତ୍ର ସଂସଦ ନିର୍ବାଚନ ନେଇ ତାରିଖ ଘୋଷଣା ହେବା ପରଠାରୁ ପ୍ରତ୍ୟେକ ଦିନ ସରକାରୀ ଦଳର ବିଧାୟକ, ମନ୍ତ୍ରୀ, ନେତାଙ୍କ ବିରୋଧରେ ମାଳମାଳ ଅଭିଯୋଗ ଆସୁଛି। ଶନିବାର ମଧ୍ୟ ରାଜ୍ୟର ବିଭିନ୍ନ କଲେଜରୁ ବିରୋଧୀ ଦଳ ଛାତ୍ରଙ୍କ ବିରୋଧରେ କଲେଜ, ପୁଲିସ ପ୍ରଶାସନର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ଏକାଧିକ ଅଭିଯୋଗ ହସ୍ତଗତ ହୋଇଛି।

ରାଜ୍ୟର ଅନ୍ୟତମ ନାମୀ ବିଶ୍ୱ ବିଦ୍ୟାଳୟରେ ସଭାପତି ପଦବୀ ପାଇଁ ମୈଦାନକୁ ଓହ୍ଲାଇଥିବା ଜଣେ ଛାତ୍ରୀଙ୍କ ନାମ କାଟିବାକୁ ଯେପରି ଷଡ଼ଯନ୍ତ୍ର ହୋଇଥିଲା, ତାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବୁଦ୍ଧିଜୀବି ମହଲ। ସୂଚନା ଅନୁଯାୟୀ ନାମାଙ୍କନ ପରେ ଗତ ୯ ତାରିଖରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିବା ବେଳେ ସେଥିରୁ ଜାଣିଶୁଣି ସଭାପତି ପ୍ରାର୍ଥୀ ସ୍ୱପ୍ନାରାଣୀ ପ୍ରଧାନଙ୍କ ନାମ କାଟି ଦିଆଯାଇଥିଲା। ତେବେ ତାଙ୍କ ସମର୍ଥନକମାନେ ଏପରି ଅଗଣତାନ୍ତ୍ରିକ ନିଷ୍ପତ୍ତିର ଦୃଢ଼ ପ୍ରତିବାଦ କରିବା ପରେ ଆଜି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ପୁନଃ ସାମିଲ କରିବାକୁ ବାଧ ହୋଇଛନ୍ତି। ସାରା କଟକ ସହରରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସେହିପରି ବିଜେଡିର ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁକେ ମହାବୀର ମହାବିଦ୍ୟାଳୟର ବିସିଜେଡି ପ୍ରାର୍ଥୀଙ୍କୁ ରାଜନଗରର ବିଜେପି ବିଧାୟକ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ଜୋରଜବରଦସ୍ତି ଅପହରଣ କରି ନେଇ ନାମାଙ୍କନ ପ୍ରତ୍ୟାହାର କରିବାକୁ ବାଧ କରିଥିଲେ। ଏପରିକି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କଥା ଏଇଠି ସରିନାହିଁ। ହସ୍ପିଟାଲ ପରିସରରେ ମଧ୍ୟ ଶାସକ ଦଳର ସମର୍ଥକମାନେ ବିଜେଡି ସମର୍ଥକଙ୍କ ସହ ପାଟିତୁଣ୍ଡ କରିଥିବା ସୂଚନା ପ୍ରାପ୍ତ ହୋଇଛି।

ସେହିପରି ବାଲେଶ୍ୱରରେ ବେଆଇନ ଭାବରେ ବିସିଜେଡି ଜିଲ୍ଲା ସଭାପତି ହରେକୃଷ୍ଣ ପ୍ରଧାନଙ୍କୁ ପୁଲିସ ଅଟକ ରଖିଥିବା ବେଳେ ଏହାକୁ ନେଇ ଦଳ ପକ୍ଷରୁ ଧାରଣା ଦିଆଯାଇଛି। ସିମୁଳିଆ କଲେଜ ଅଧ୍ୟକ୍ଷଙ୍କୁ ହତ୍ୟା ଧମକ ଦିଆଯିବା କାରଣରୁ ଶନିବାର ସେଠାରେ ଛାତ୍ର ସଂସଦ ନିର୍ବାଚନ ବାତିଲ୍ ହୋଇଛି। କ୍ୟାମ୍ପସରେ ଉତ୍ତେଜନା ଯୋଗୁଁ ଦେବଗଡ଼ ଓ ପୁରୀ ଜିଲ୍ଲାର ଗୋପ କଲେଜରେ ସାଇନ-ଏ-ଡାଏ ଘୋଷଣା କରାଯାଇଛି। ଏଠାରେ ମଧ୍ୟ ନିର୍ବାନଚ ବନ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି କଳାହାଣ୍ଡି କେସିଙ୍ଗା କଲେଜରେ ବିସିଜେଡି ସଭାପତି ପ୍ରାର୍ଥୀଙ୍କ ନାମରେ ନାମାଙ୍କନ ପତ୍ରର ଦାଖଲ ପୂର୍ବରୁ ଜାଣିଶୁଣି ମାମଲା ରୁଜୁ କରାଯାଇ ତାଙ୍କ ପ୍ରାର୍ଥିପତ୍ର ନାକଚ କରାଯାଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। କଳାହାଣ୍ଡି ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ବିସିଜେଡି ସମର୍ଥିକ କେତେକ ପ୍ରାର୍ଥୀଙ୍କ ନାମ ଉଦ୍ଦେଶ୍ୟମୂଳକ ଭାବେ କଲେଜ କର୍ତ୍ତୃପକ୍ଷ କାଟି ଦେଇଥିଲେ। ତେବେ ଏନେଇ ସଂଗଠନ ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସେମାନଙ୍କ ନାମ ତାଲିକାରେ ପୁନଃ ଯୋଡ଼ା ଯାଇଛି। କେବଳ ଏତିକି ନୁହେଁ; ରାଜ୍ୟର ବହୁ କଲେଜରେ ଶାସକ ଦଳ ଆସନ୍ନ ପରାଜୟ ଆଶଙ୍କାରେ କଲେଜ କର୍ତ୍ତୃପକ୍ଷଙ୍କୁ ହାତ କରି ନିର୍ବାଚନ ବାତିଲ କରି ଦେଇଥିବା ନେଇ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ପ୍ରକାଶ ପାଇଛି। ଯେଉଁଠି ଏବିଭିପି ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ନାହିଁ, ସେଠାରେ ବିଜେପି ସରକାର ନିର୍ବାଚନ ବାତିଲ କରୁଛନ୍ତି। ଅଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ଜିତିବାକୁ ସରକାର ଲାଗି ପଡିଛନ୍ତି। ଆଗାମୀ ଦିନରେ ସରକାରଙ୍କୁ ଜେନ-ଜି ଉଚିତ୍ ଜବାବ ଦେବେ ବୋଲି ବିରୋଧୀ ଦଳ ସମର୍ଥିତ ଛାତ୍ର ସଂଗଠନମାନେ ଦୃଢ଼ୋକ୍ତି ପ୍ରକାଶ କହିଛନ୍ତି।

ବାଙ୍କୀ କଲେଜ ଅଧ୍ୟକ୍ଷଙ୍କ...

ପରିସରରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଏପରିକି ମହିଳା ହଷ୍ଟେଲ ମଧ୍ୟ ଦୁର୍ବୃତ୍ତଙ୍କ ଆକ୍ରମଣରୁ ବର୍ତ୍ତି ନଥିବା ଅଭିଯୋଗ ହୋଇଛି। ଶିକ୍ଷାନୁଷ୍ଠାନରେ ନିର୍ବାଚନୀ ଗଣ୍ଡଗୋଳ ଏବେ ହିଂସାର ରୂପ ନେଇଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।

ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନରେ ବିଭିନ୍ନ ପଦପଦବି ପାଇଁ ମୋଟ ୫୭ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ପ୍ରକ୍ରିୟାରେ ୧୯ ଜଣଙ୍କ ନାମାଙ୍କନପତ୍ର ନାକଚ ହେବା ପରେ ଛାତ୍ର ଅସନ୍ତୋଷ ତୀବ୍ର ହୋଇଥିଲା। ଏକ ନିର୍ଦ୍ଦିଷ୍ଟ ଛାତ୍ର ସଂଗଠନକୁ ସୁହାଇବା ପାଇଁ ଜାଣିଶୁଣି ନାମାଙ୍କନ ନାକଚ କରାଯାଇଥିବା ଅଭିଯୋଗ ଆଣି ଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ଏହି ଅଭିଯୋଗର ସ୍ୱାଧୀନ ଭାବେ ଯାଞ୍ଚ ହେବା ଆବଶ୍ୟକ। ନାମାଙ୍କନପତ୍ର ଯାଞ୍ଚକୁ ପୁନର୍ବିଚାର କରିବା ଦାବିରେ ଛାତ୍ରମାନେ ଅଡ଼ି ବସିଥିବା ବେଳେ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ପରେ ମୋଟ ୩୪ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ କ୍ୟାମ୍ପସରେ ଉତ୍ତେଜନା ଆହୁରି ବଢ଼ିଥିଲା। ସନ୍ଧ୍ୟାରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଆନ୍‌ଦୋଳନରତ ଛାତ୍ର, କଲେଜ ଅଧ୍ୟକ୍ଷ ଓ ପୋଲିସଙ୍କ ଉପସ୍ଥିତିରେ ଆଲୋଚନା ଚାଲିଥିବା ବେଳେ କ୍ୟାମ୍ପସରେ ବୋମାମାଡ଼ ହୋଇଥିବା ସୂଚନା ମିଳିଛି। ଆଲୋଚନା ଟେବୁଲରେ ସମାଧାନର ବାଟ ଖୋଜା ଚାଲିଥିବା ବେଳେ କ୍ୟାମ୍ପସରେ ବିସ୍ଫୋରଣ କିଏ ଘଟାଇଲା, ତାହା ଏବେ ବଡ଼ ପ୍ରଶ୍ନ। ମହିଳା ହଷ୍ଟେଲକୁ ମଧ୍ୟ ଟାର୍ଗେଟ୍ କରାଯାଇଥିବା ଅଭିଯୋଗ ଘଟଣାକୁ ଆହୁରି ସମ୍ବେଦନଶୀଳ କରିଛି। ଘଟଣା ପରେ କଲେଜ ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବୋମାମାଡ଼ରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ସହ ଘଟଣାର ତଦନ୍ତ ଚାଲିଥିବା ଜଣାପଡ଼ିଛି। ଛାତ୍ର ସଂସଦ ନିର୍ବାଚନକୁ ନେଇ ଏକ ଶିକ୍ଷାନୁଷ୍ଠାନରେ ବୋମାମାଡ଼ ଭଳି ଘଟଣା ଘଟିବା କ୍ୟାମ୍ପସର ସୁରକ୍ଷା ବ୍ୟବସ୍ଥା ଓ ଆଇନଶୃଙ୍ଖଳାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ନିର୍ବାଚନ ପୂର୍ବରୁ ବାଙ୍କୀ କଲେଜରେ ଏହି ହିଂସାକାଣ୍ଡ ଆଗକୁ କେଉଁ ରୂପ ନେବ, ତାହାକୁ ନେଇ ଆଶଙ୍କା ବଢ଼ିଛି।

AFFIDAVIT

By virtue of an affidavit before the Executive Magistrate, Sinapali, dtd. 30.09.2026, I, CHERU MEHER, S/o- Khedanga Meher, At/Po-Sinapali, Dist.-Nuapada, Odisha, hereby declare that my minor son's former name MAYA MEHER has been changed to JAYA MEHER. Henceforth, he shall be known as JAYA MEHER for all purposes. Maya Meher and Jaya Meher are one and the same person.

Sd/- Cheru Meher

AFFIDAVIT

By virtue of an affidavit no 10465 sworn before the executive Magistrate Jajpur on dtd 27/10/2025. I Chintamani Dikshit, aged - 41years, S/o-Damodar Dikshit, permanent resident of Vill-Sribachhapur, Po-Rambag, P.s/Dist-Jajpur, Odisha, Pin-755014 declared that I have changed my minor son's name from SAI SAMARTHA DIKSHIT(Old Name) to SAI PRATIK DIKSHIT (New Name) Henceforth he shall be known as **SAI PRATIK DIKSHIT** for all future purposes.

SD/-Chintamani Dikshit

AFFIDAVIT

By virtue of an affidavit before the Notary Public, Sambalpur, dtd. 05.08.2026, I, HEMLATA PATEL, Wo- Jogesh Patel, At- Farm Road, P.O. Modipara, P.S. Khetrajpur, Dist. Sambalpur hereby declare that my correct name is Hemlata Patel. In Birth Certificate of my son Darshil Patel, bearing Registration No. 6597, dated 14.10.2011, issued by SMC, Sambalpur, my name has been wrongly mentioned as Heena Patel. I hereby declare that Hemlata Patel and Heena Patel are one and the same person, i.e. myself.

Hemlata Patel

KDA

କଟକ ଉନ୍ନୟନ କର୍ତ୍ତୃପକ୍ଷ

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

13001/2140/2627

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-13 ରେ ପ୍ଲଟ୍ ନଂ-13-3E/1107 ଟିକୁ ଶ୍ରୀ ହରିହର ବେହେରା, ପିତା-ν ବୀରବର ବେହେରା, ସା-କଣ୍ଟପଡା, ପୋ-ଦୁବାଇପୁର, ଥା-ପୁରୀ ସଦର, ଜିଲ୍ଲା-ପୁରୀ, ଓଡିଶା ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ହରିହର ବେହେରା ଉକ୍ତ ପ୍ଲଟ ସହିତ ଗୃହଟିକୁ ରକ୍ତଗତ ସମ୍ପର୍କ ଆଧାରରେ ତାଙ୍କ ପୁତ୍ର ହିତେଶ କୁମାର ବେହେରା, ପିତା- ହରିହର ବେହେରା, ସା-ସାମନ୍ତ ସାହି, ନିଉ କଲୋନୀ, ପୋ-ବକ୍ସି ବଜାର, ଥା-ପୁରୀଘାଟ, ଜିଲ୍ଲା-କଟକ, ଓଡିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR- 13001/13037/1/26-27/0120 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

25001/1284/2627

e-mail ID: rw_sambalpur@yahoo.co.in
Phone No. 0663-2401850

GOVERNMENT OF ODISHA

e-Procurement Notice

No. 6193 Bid Identification No. TENDER ONLINE SBPR- 11 OF 2026-27 Date 3.10.26

1.	Name of the work	:	Building Works as per DTCN available in the website. (www.tendersorissa.gov.in)
2.	Total No. of Work	:	08 (Eight) Nos.
3.	Estimated Cost	:	Rs. 54.61 lakhs to 54.62 lakhs
4.	Period of Completion	:	09 (Nine) calendar months
5.	Period and time of availability of bid document in the portal for bidding	:	13.10.2026 at 11.00 A.M. to 02.11.2026 up to 5.00 P.M.
6.	Date and time of opening of Tender	:	a) Technical Bid dt. 03.11.2026 at 11.00 A.M. b) Financial Bid will be intimated later.
7.	Name and address of the officer inviting bid	:	S.E., R.W. Divn., Sambalpur

(1) Other details can be seen from detailed notice inviting tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd/-
Superintending Engineer
Rural Works Division, Sambalpur

OIPR-25001/25076/1/26-27/0012

ମାସେ ପରେ ଗାତରୁ ଶବ ଜବତ

ହତ୍ୟା ଅଭିଯୋଗ ଆଣିଲେ ପରିବାର

ସୋହେଲା, ୧୦।୧୦(ସମିସ)

ସୋହେଲା ଥାନା ଅନ୍ତର୍ଗତ ରାଜ୍ୟ ସୀମାନ୍ତରେ ସ୍ଥିତ ପଣ୍ଡକିପାଲି ଗ୍ରାମରେ ଗତ ମାସ ୮ ତାରିଖ ଦିନ ଅମୃତ ବର୍ଗେ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଗତକାଲି ମୃତକ ଅମୃତ ବର୍ଗେଙ୍କ ପରିବାର ଲୋକେ ସୋହେଲା ଥାନାକୁ ଆସି ଅମୃତଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ କ୍ରମେ ସୋହେଲା ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଆଜି ସକାଳେ ପଣ୍ଡକିପାଲି ଗ୍ରାମକୁ ଯାଇ ପୋତା ହୋଇଥିବା ମୃତଦେହକୁ ଖୋଳି ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ମିଳିଥିବା ସୂଚନା ଅନୁସାରେ, ଅମୃତ ବର୍ଗେଙ୍କ ପତ୍ନୀ ବିଦେଶିନୀ ତାଙ୍କ ସ୍ୱାମୀ ଅମୃତଙ୍କୁ ହତ୍ୟା କରାଯାଇ ଥିବା ନେଇ ଶନିବାର ସୋହେଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହତ୍ୟା ଦିନ ସେହି ଗ୍ରାମର ରଜନୀ ସାହୁ ତାଙ୍କ କ୍ଷେତରେ କାମ କରିବାକୁ ଅମୃତଙ୍କୁ ଗାଡିରେ ବସେଇ ନେଇଥିଲେ। ଏହାର କିଛି ସମୟ ପରେ ରଜନୀ ତାଙ୍କ ଘରକୁ ଆସି ଅମୃତ ବେହୋସ ହୋଇଯାଇଛି ବୋଲି କହି ବିଦେଶିନୀ (ଅମୃତଙ୍କ ପତ୍ନୀ) ଓ ସୁମିତ୍ରା ବର୍ଗେଙ୍କୁ ତାଙ୍କ ଗାଡିରେ ବସାଇ ନେଇଥିଲେ। ସେଠାରେ ଅମୃତଙ୍କ ମୁଣ୍ଡ ଫାଟି ରକ୍ତ ଜୁଡୁବୁଡୁ ହୋଇ ତଳେ ମୃତ ପ୍ରାୟ ପଡ଼ି ରହିଥିଲା। ଅମୃତଙ୍କ ଅବସ୍ଥା ନେଇ ସେ ରଜନୀ ସାହୁଙ୍କୁ ପଚାରିବାରୁ ଅମୃତ ବେହୋସ ହୋଇଯାଇଛି ବୋଲି କହିଥିଲେ। ସେଠାରେ ଥିବା ରଜନୀ ସାହୁଙ୍କ ପୁଅ ଦିନେଶ,

ଭାଇ ବୁଲୁ ଓ ପାଖରେ ଥିବା ଟହଲୁ ପ୍ରଧାନ ଓ ବିଦେଶିନୀ ମିଶି ଅମୃତଙ୍କୁ ଏକ ଅଟୋରେ ଲୁହୁରାଚଟିର ଏକ ଘରୋଇ ଚିକିତ୍ସକଙ୍କ ପାଖକୁ ନେଇଥିଲେ। ପରେ ସୋହେଲା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତରଖାନା ବାରଣ୍ଡାରେ ଅମୃତଙ୍କୁ ତଳେ ଶୁଆଇ ରଜନୀ ସାହୁ ବିଦେଶିନୀକୁ ଡାକି ଅମୃତ ମରିଗଲାଣି ଯେତେ ଟଙ୍କା ଖର୍ଚ୍ଚ ହେବ ମୁଁ ଦେବି। ଏ କଥା କାହାକୁ କହିବୁ ନାହିଁ ଯଦି କାହା ଆଗରେ କହିବୁ ତୋତେ ଓ ତୋ ପିଲାକୁ ମାରି ଦେବି ବୋଲି ରଜନୀ ଧମକ ଦେଇଥିବା ନେଇ ବିଦେଶିନୀ ଏତଲାରେ ଉଲ୍ଲେଖ କରିଛନ୍ତି। ଏହା ପରେ ସେମାନେ ଆମ୍ବୁଲାନ୍ସ ଯୋଗେ ଅମୃତର ଶବକୁ ଗାଁକୁ ନେଇଥିଲେ। ଘରେ ଲକ୍ଷ୍ମୀକାନ୍ତ, ନନ୍ଦିନୀ ଓ ଧନମତୀ ମୃତ୍ୟୁର କାରଣ ପଚାରିବାରୁ ତାଙ୍କୁ ହାର୍ଟ ଆଟାକ ଯୋଗୁଁ ମୃତ୍ୟୁ ହୋଇଛି ବୋଲି ରଜନୀ କହିଥିଲେ। ଅନ୍ୟ ପକ୍ଷରେ ରଜନୀ ସାହୁ ତା ନିଜ ଘରକୁ ଯାଇ ଶବ ପୋଡିବା ପାଇଁ କାଠ ଓ ଅନ୍ୟାନ୍ୟ ସାମଗ୍ରୀ ଟ୍ରାକ୍ଟରରେ ଆଣି ଶୀଘ୍ର ଶବକୁ ପୋଡି ଦେବାକୁ ବାଧ କରିଥିଲେ। କିନ୍ତୁ ବଂଶୀୟ ରୀତି ଅନୁସାରେ ଶବକୁ ନିଆଁ ଦିଆଯାଏ ନାହିଁ ମାଟିତଳେ ପୋତି ଦିଆଯାଏ ବୋଲି ବିଦେଶିନୀ କହିବା ପରେ ଅମୃତର ଶବକୁ ପୋତି ଶୁଦ୍ଧିକ୍ରିୟା ପାଇଁ ରଜନୀ ୫ହଜାର ଟଙ୍କା ଦେଇଥିଲେ। କିନ୍ତୁ ଏହି ଘଟଣାର କିଛିଦିନ ପରେ ସେ ଦେଇଥିବା ୫ହଜାର ଟଙ୍କା ରଜନୀ ଫେରସ୍ତ ମାଗିଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ବିଦେଶିନୀଙ୍କ ଅଭିଯୋଗ କ୍ରମେ ସୋହେଲା ଥାନାରେ ଏକ ମାମଲା ରୁଜୁକରି ପୁଲିସ ଆଜି ଶବ ପୋତା ହୋଇଥିବା ସ୍ଥାନକୁ ଯାଇ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ବନମାଳୀ ପରିଡ଼ା, ପଦ୍ମପୁର ଏସଡିପିଓ ପାଣ୍ଡବ ଶବର, ସୋହେଲା ଥାନା ଆଇଆଇସି ହରିଶଙ୍କର ଭୋଇଙ୍କ ଉପସ୍ଥିତିରେ ବଲାଙ୍ଗୀରରୁ ଆସିଥିବା ସାଇଣ୍ଟିଫିକ ଦଳ ମାଟିତଳୁ ଶବ ବାହାର କରି ଜବତ କରି ବ୍ୟବଛେଦ ପାଇଁ ବରଗଡ଼ ପଠେଇଛନ୍ତି। ୩ଜଣଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚାଲିଛି ବୋଲି ଇନ୍ସପେକ୍ଟର ଶ୍ୟାମାନନ୍ଦ ନାଏକ ପ୍ରକାଶ କରିଛନ୍ତି।

ସମଲେଶ୍ୱରୀ ପୀଠରେ ନବଦିନାତ୍ମକ ପୂଜା ଆରମ୍ଭ

ସରିଲା ଖଣ୍ଡାଧୁଆ ନୀତି ଓ କଳସ ଆବାହନ

ବରଗଡ଼, ୧୦।୧୦ (ସମିସ): ଇଷ୍ଟଦେବୀ ମାଆ ସମଲେଶ୍ୱରୀଙ୍କ ପୀଠରେ ରବିବାର ଠାରୁ ଆରମ୍ଭ ହେବ ନବଦିନାତ୍ମକ ଶାରଦୀୟ ପୂଜା। ଶନିବାର 'ଖଣ୍ଡାଧୁଆ' ନୀତି ଏବଂ 'କଳସ ଆବାହନ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରୁ ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାରି ଜୀରା ନଦୀ କୂଳରେ ପହଞ୍ଚିଥିଲା। ସେଠାରେ

ପୂଜାର୍ଚ୍ଚନା ପରେ କଳସରେ ଜଳ ଆବାହନ କରାଯାଇ ମନ୍ଦିରକୁ ଅଣାଯାଇଥିଲା। ପଣ୍ଡିତ ଚୁଡାମଣୀ ରଥ, ପଣ୍ଡିତ ବିଘ୍ନରାଜ ଦାଶ, ପଣ୍ଡିତ ସୁଧାଂଶୁ ଦାଶ ଏବଂ ପଣ୍ଡିତ ଦେବାଶିଷ ମହାପାତ୍ର ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ନରେନ୍ଦ୍ର ଦାଶ ଦାୟିତ୍ୱ ତୁଲାଇଥିବାବେଳେ ମନ୍ଦିର ପରିଚାଳନା କମିଟି ତଥା ଶାରଦୀୟ ଦଶହରା ପୂଜା କମିଟି ସମସ୍ତ ସଦସ୍ୟ ଏବଂ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ସହଯୋଗ କରିଥିଲେ।

ଅତାବିରା ଓ ଲରମ୍ବା କଲେଜ ନିର୍ବାଚନ

୮ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ

ଅତାବିରା, ୧୦।୧୦ (ସମିସ): ଅତାବିରା ଓ ଲରମ୍ବା ମହାବିଦ୍ୟାଳୟର ବିଭିନ୍ନ ପଦବୀ ପାଇଁ ନିର୍ବାଚନ ପ୍ରକ୍ରିୟାରେ ୮ ଜଣ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ପ୍ରାର୍ଥୀମାନେ ହେଲେ ଚନ୍ଦ୍ରଶେଖର କୁମ୍ଭାର, ସଚିନ ହରିପାଳ, ଚିନ୍ମୟ କୁମାର ସାହୁ, ବିନୟ ଦୀପ, ରତନ ଭୁଏ, କୁନ୍ତୀ ଭୋସାଗର, ରିକନ ପଧାନ ଓ ସୌମ୍ୟ ରଞ୍ଜନ ପଧାନ। ନବନିର୍ବାଚିତ ପ୍ରତିନିଧିମାନଙ୍କୁ ପୂର୍ବତନ ବିଧାୟିକା ତଥା ବିଜେଡି ମହିଳା ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଶୁଭେଚ୍ଛା ଜଣାଇଛନ୍ତି।

ଅଞ୍ଚଳ କଲେଜରେ ରୋମାଞ୍ଚକର ହେଲା ନିର୍ବାଚନୀ ମଇଦାନ

ପଦ୍ମପୁର, ୧୦।୧୦ (ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ ରୋଚକ ହେଉଛି ଛାତ୍ର ସଂସଦ ନିର୍ବାଚନ। ଆଜି ମୋଟ ତିନି ଜଣ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିନେଇଛନ୍ତି। ସଭାପତି ପଦବୀ ପାଇଁ ଲଢୁଥିବା ଡୋଳାମାଣି ରୋହିଦାସ, ଉପ-ସଭାପତି ପଦବୀରୁ ସୁନୀଲ ସାହୁ ଏବଂ ସାଧାରଣ ସମ୍ପାଦକ ପଦବୀରୁ ମାନସ ବେରିଆ ନାମ ପ୍ରତ୍ୟାହାର କରିଛନ୍ତି। ଏବେ ସଭାପତି ପଦବୀ ପାଇଁ ସୌଗମ୍ ତାଣ୍ଡି, ପିୟୂଷ କୁମାର ଦାଶ ଓ ଆର୍ଯ୍ୟନ ରଣାଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ସେହିପରି ଉପ-ସଭାପତି ପଦବୀ ପାଇଁ ଧରିତ୍ରୀ ବରିହା, ଆଦିତ୍ୟ ନାରାୟଣ ସାହୁ ଓ ମୌସୁମୀ ସିଂ ବରିହା ମୈଦାନରେ ରହିଥିବାବେଳେ, ସାଧାରଣ ସମ୍ପାଦକ ପଦବୀ ପାଇଁ କୋଶଳ ପଧାନ ଓ ଯୋଗେଶ ବେହେରାଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ଅନ୍ୟପକ୍ଷରେ ସମ୍ପାଦକ, ସହକାରୀ ଯୁଗ୍ମ ସମ୍ପାଦକ ଏବଂ ଶ୍ରେଣୀ ପ୍ରତିନିଧି ପଦବୀଗୁଡ଼ିକ ପାଇଁ ପୂର୍ବଭଳି ପ୍ରାର୍ଥୀମାନେ ନିଜର ଭାଗ୍ୟ ପରୀକ୍ଷା ଜାରି ରଖିଛନ୍ତି।

ଦ୍ୱାରୀ-କାଶିପାଲି ଦୁର୍ଗାପୂଜା ଉପଲକ୍ଷେ କଳସ ଯାତ୍ରା

ଅମ୍ବାଭୋନା, ୧୦।୧୦(ସମିସ): ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଦ୍ୱାରୀ-କାଶିପାଲି ଗ୍ରାମରେ ମା' ଦୁର୍ଗାଙ୍କ ସାର୍ବଜନୀନ ପୂଜା ଅବସରରେ ମା' ଦୁର୍ଗା ମନ୍ଦିର ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ତଥା ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ମିଳିତ ସହଯୋଗରେ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ କଲମୀ ଗ୍ରାମ ପୋଖରୀରୁ ପାରମ୍ପରିକ ରୀତିନୀତି ଅନୁଯାୟୀ କଳସ ଆଣି ଏକ ଭବ୍ୟ ଶୋଭାଯାତ୍ରାରେ ଦ୍ୱାରୀ-କାଶିପାଲି ଦୁର୍ଗାମଣ୍ଡପକୁ ନିଆଯାଇଥିଲା। ଶୋଭାଯାତ୍ରାରେ ସଂକୀର୍ତ୍ତନ, କୃଷ୍ଣଗୁରୁ, ଶଙ୍ଖ ଓ ଘଣ୍ଟଧ୍ୱନି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପରେ ବିଧିବିଧାନ ଅନୁସାରେ ଦୁର୍ଗାମଣ୍ଡପରେ କଳସ ସ୍ଥାପନ କରାଯାଇ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା।

ମା' ଦୁର୍ଗା ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି କୈଳାଶ ଚନ୍ଦ୍ର ମହାପାତ୍ର, ଉପସଭାପତି ଦେବାର୍ଚ୍ଚନ ମଲ୍ଲିକ, କୋଷାଧ୍ୟକ୍ଷ ହେମସାଗର ମାଝୀ, ସମ୍ପାଦକ ଲକ୍ଷ୍ମଣ ବୈଗା ଏବଂ ସଦସ୍ୟ ଗୋବର୍ଦ୍ଧନ ନାଏକ ଓ ତୁଳସୀରାମ ଦାଶ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଳସ ଯାତ୍ରାରେ କିଶୋର ନାୟକ ଓ ଅନୁପମା ନାୟକ ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ନଅ ଯୋଡ଼ି ସପତ୍ନୀକ କର୍ତ୍ତା ଏଥିରେ ସାମିଲ ହୋଇଥିଲେ। ପଣ୍ଡିତ ଦିଲ୍ଲୀପ କୁମାର ଦାଶ ଓ ଗୌର ପଣ୍ଡା ପୂଜାର୍ଚ୍ଚନା କରିଥିଲେ।

ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ବାର୍ଷିକ ସମ୍ମିଳନୀ

ବରଗଡ଼, ୧୦।୧୦ (ସମିସ): ସାଇ କ୍ରିଷ୍ଣା ପ୍ୟାଲେସରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ତ୍ରୟୋଦଶ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦାୟୀ ସମ୍ପାଦକ ନରୋତ୍ତମ ପଣ୍ଡାଙ୍କ ଆବାହକତ୍ୱ ଓ ସଭାପତି ଅରୁଣ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ରାଜସ୍ୱ ପରିଦର୍ଶକ କ୍ଷୀରୋଦ ଚନ୍ଦ୍ର ନାଥ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ସଭାପତି ସଂଘ କିପରି ସୁଦୃଢ ହେବ ଆଲୋଚନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଜିଲ୍ଲା ର ନୂତନ କର୍ମକର୍ତ୍ତା ଚୟନ ହେଲା। ସଭାପତି - ଅଜିତ କୁମାର ପ୍ରଧାନ, ସମ୍ପାଦକ - ଗିରିଶ ଚନ୍ଦ୍ର ପଣ୍ଡା, ଉପ ସଭାପତି - ମନୋରଞ୍ଜନ ଲୁହା ଓ ଜୀବର୍ଧନ ମେହେର, ସହ ସମ୍ପାଦକ -ଅବନୀ ପରିଡ଼ା ଓ ରୋଜେଶ୍ୱରୀ ସାହୁ, କୋଷାଧକ୍ଷ - ବବିତା ସାହୁ, ସଂଗଠନ ସମ୍ପାଦକ -ଅନିଲ କୁମାର ପାଇକ ଓ ଆଦର୍ଶ ସାହୁ, ଅଫିସ ସମ୍ପାଦକ - ଟିକେଶ୍ୱର ମଲ୍ଲିକ, ମିଡ଼ିଆ ସମ୍ପାଦକ - ବିଶ୍ୱ ପ୍ରତାପ ପାଣି ଚୟନ ହୋଇଛନ୍ତି। ପଦୋନ୍ନତି ପାଇ ଥିବା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଜାମସେଠ ସାର୍ବଜନୀନ କାଳୀପୂଜା ପାଇଁ ବୈଠକ

ହେମନ୍ତ ସଭାପତି, ଅକ୍ଷୟ ସମ୍ପାଦକ

ପାଇକମାଲ, ୧୦।୧୦ (ସମିସ): ଆସନ୍ତା ନଭେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଜାମସେଠରେ ସାର୍ବଜନୀନ କାଳୀପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ପୂଜାର ସୁପରିଚାଳନା ଓ ବିଭିନ୍ନ ଆୟୋଜନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂଜା କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ କର୍ମକର୍ତ୍ତା ଓ ଉପଦେଷ୍ଟାମାନଙ୍କ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ ହେମନ୍ତ ପ୍ରଧାନ ସଭାପତି, ଅକ୍ଷୟ ପ୍ରଧାନ ସମ୍ପାଦକ ଏବଂ ସନ୍ତୋଷ ପୂଝାରୀ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ। ଚନ୍ଦ୍ରଭାନୁ ସାହୁ ସପତ୍ନୀକ ଅନୀତା ସାହୁ କର୍ତ୍ତା ଏବଂ ଗୋବର୍ଦ୍ଧନ ଦାସ ପୂଜକ ଭାବେ ରହିଛନ୍ତି।

ଲଖମରା କ୍ଲଷ୍ଟରରେ ନୂତନ ବିଇଓ

ପାଇକମାଲ, ୧୦।୧୦(ସମିସ): ପାଇକମାଲ ବ୍ଲକ ଅନ୍ତର୍ଗତ ଲଖମରା କ୍ଲଷ୍ଟର ପକ୍ଷରୁ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତିଙ୍କୁ କୁଲାଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସିଆରସିସି ବୈଷ୍ଣବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ନୂତନ ବିଇଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସିଆରସିସି ଶ୍ରୀ ପଣ୍ଡା ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ।

ଘେଁସ ଶନି ମନ୍ଦିରରେ କମ୍ବଳ ବଣ୍ଟନ

ଘେଁସ, ୧୦।୧୦(ସମିସ): ଘେଁସ ଶନି ମନ୍ଦିରରେ ପବିତ୍ର ମହାଳୟା ଅମାବାସ୍ୟା ଉପଲକ୍ଷେ ପ୍ରବଳ ଭିଡ ହୋଇଥିଲା। ମନ୍ଦିର ଅନୁଷ୍ଠାନର ମୁଖ୍ୟ ବୁଲୁ ମେହେର ୧୦୮ ଜଣ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରିବା ସହ ଶନି ମନ୍ଦିରର ଅନ୍ନଭୋଗ ପ୍ରଦାନ କରିଥିଲେ। ଆଁଖ ପାଖ ଅଞ୍ଚଳ ର ପ୍ରାୟ ପାଞ୍ଚ ହଜାର ଶ୍ରଦ୍ଧାଳୁ ଙ୍କ ଭିଡ ଦେଖିବାକୁ ମିଳି ଥିଲା।

ବ୍ଲକସ୍ତରୀୟ କବାଡ଼ି ଓ ଭଲିବଲ୍ ଚୟନ ଶିବିର

ପାଇକମାଲ, ୧୦।୧୦(ସମିସ): ପାଇକମାଲ ବ୍ଲକ ସାପଲହର ଗାୟତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କବାଡ଼ି ଓ ଭଲିବଲ୍ ଚୟନ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଦିକଟା ସରପଞ୍ଚ ସବିତା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ବିଇଓ ଶୁଭମ କୁମାର ପତି ଏବଂ ଏବିଇଓ ରାଧେଶ୍ୟାମ ମେହେର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ହୋତା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ଜ୍ୟୋତିର୍ମୟୀ ପଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଲଖମରାର ପ୍ରଧାନ ଶିକ୍ଷକ ଧୀରଜ କୁମାର ପଟ୍ଟନାୟକ ମଧ୍ୟ ଏହି କ୍ରୀଡ଼ା ଚୟନ ପ୍ରତିଯୋଗିତାରେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରଜ ଧରୁଆ, ଉପସଭାପତି କନକ ପଟେଲ ଓ ଅନ୍ୟାମାନେ ଯୋଗ ଦେଇଥିଲେ।

ସହିଦ ମାଧୋ ସିଂହ ମହାବିଦ୍ୟାଳୟରେ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ମେଲଛାମୁଣ୍ଡା, ୧୦।୧୦(ସମିସ): 'ମାଇ ଭାରତ' ବରଗଡ଼ ପକ୍ଷରୁ ଘେଁସ ସ୍ଥିତ ସହିଦ ମାଧୋ ସିଂହ ମହାବିଦ୍ୟାଳୟଠାରେ ସୋହେଲା ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଇ ଭାରତ ଜିଲ୍ଲା ଯୁବ ଅଧିକାରୀ କମଳ ସାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡ ହଲଧର ନାଗ, ମୁଖ୍ୟବକ୍ତା ଭାବେ କବି ନୀତିଶ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ସାହିତ୍ୟିକ ଅଶୋକ କୁମାର ପୂଜାହାରୀ, ଓଡ଼ିଆ ବିଭାଗ ମୁଖ୍ୟ ଜଗଦୀଶ ସାହୁ, ଅଧାପକ ଗୌତମ ସାମଲ ଓ ଅଧାପକ ଅରୁଣ ମେହେର ପ୍ରମୁଖ ଯୋଗ ଦେଇଥିଲେ। ସଚ୍ଚିନ୍ଦ୍ର ମେହେର ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ସ୍କାଉଟ, ଗାଇଡ, ଜାତୀୟ ସେବା ଯୋଜନାର ସବସ୍ୟଗଣଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କରିଥିଲେ।

ଜାରିଂ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ସମ୍ବର୍ଦ୍ଧିତ ହେଲେ ଏକାଦଶ ସ୍କୁଲର ଚେୟାରମ୍ୟାନ

ବିଜେପୁର, ୧୦।୧୦(ସମିସ): ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଜାରିଂ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଜାରିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ରାଜେଶ୍ୱର ବେହେରାଙ୍କ ଆବାହକତ୍ୱ ତଥା ପ୍ରଧାନ ଶିକ୍ଷକ ଗେହ୍ଲାମଣି ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା। ପଞ୍ଚାୟତ ପକ୍ଷରୁ ନବନିର୍ମିତ ସଭାମଣ୍ଡପକୁ ସରପଞ୍ଚ ପ୍ରଭାସିନୀ ବିଭାର ବରେଣ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶିକ୍ଷାପ୍ରେମୀ ଘନଶ୍ୟାମ ସାହୁ ବରେଣ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ କ୍ଲଷ୍ଟରର ଏକାଦଶଗୋଟି ସ୍କୁଲର ବେଣୁ ତାଣ୍ଡିଆ, ଯୋଗୀନ୍ଦ୍ର ପଧାନ, କୀରତି ଦୀପ, ନିରଞ୍ଜନ ସାହୁ, ଅରକ୍ଷିତ ଗଡ଼ତିଆ, ଆନନ୍ଦ ସାହୁ, ରବୀନ୍ଦ୍ର ସାହୁ, ଲୋକନାଥ ମଟାରୀ, ଗୋବିନ୍ଦ ସାହୁ, ବଳଦେବ ସାହୁ, ସାନନ୍ଦ ସାହୁ ପ୍ରମୁଖ ଚେୟାରମ୍ୟାନମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ସଂଘମିତ୍ରା ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ମନ୍ଦାକିନୀ ପଧାନଙ୍କ ସଂଯୋଜନାରେ ଉଦଯାପନୀ ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉଦ୍ଧବ ପଟେଲ ବରେଣ୍ୟ ଅତିଥି ଭାବେ ଯୋଗଦାନ କରି କୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ।

ନୁରାଧନ ଭୋଇଙ୍କ ପରଲୋକ

ପାଇକମାଲ, ୧୦।୧୦(ସମିସ): ପାଇକମାଲ ବ୍ଲକ ଲଖମରା ଗ୍ରାମ ପଞ୍ଚାୟତ କୁଲାଣ୍ଟି ଗ୍ରାମର ବରିଷ୍ଠ ବ୍ୟକ୍ତି ନୁରାଧନ ଭୋଇଙ୍କ

୮୦ ବର୍ଷ ବୟସରେ ଶୁକ୍ରବାର ପରଲୋକ ଘଟିଛି। ତାଙ୍କ ବିୟୋଗରେ କୁଲାଣ୍ଟି ଗ୍ରାମ ସମେତ ପଦ୍ମପୁର, ପାଇକମାଲ ଓ ଲଖମରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ନୁରାଧନ ଭୋଇଙ୍କ ପୁତ୍ର ଅକ୍ଷୟ କୁମାର ଭୋଇ, କମଳାକାନ୍ତ ଭୋଇ ଓ ଝସକେତନ ଭୋଇଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ବଡ ପୁଅ ଅକ୍ଷୟ କୁମାର ଭୋଇ ମୁଖଗ୍ନି ଦେଇଥିଲେ।

ଜଙ୍ଗଲରୁ ୪୫୦ ଲିଟର ଦେଶୀମଦ ଜବତ

ବରଗଡ଼, ୧୦।୧୦ (ସମିସ): ପଦ୍ମପୁର ଓ ପାଇକମାଳ ଅବକାରୀ ବିଭାଗ ମିଳିତ ଚଢ଼ଉ କରି ଗାଇସିଲେଟ ବ୍ଲକ ଅନ୍ତର୍ଗତ ଛିନ୍ଦ୍ରାପାଲି ସଂରକ୍ଷିତ ଜଙ୍ଗଲରୁ ୪୫୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏଥିସହିତ ୩୦୦୦ କେଜି ମହୁଲ ଫୁଲ ପୋଚ ଜବତ କରି ନଷ୍ଟ କରାଯାଇଛି। ଚଢ଼ଉରେ ପଦ୍ମପୁର ଅବକାରୀ ଓଆଇସି ମଞ୍ଜୁଲତା ଏକ୍କା ଓ ପାଇକମାଳ ଅବକାରୀ ଓଆଇସି ବଳରାମ ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ।

ବୈତାଳିରୁ ସନଦାଦର ଯାଏଁ ବିଜେଡିର ପଦଯାତ୍ରା

ସାମିଲ ହେଲେ ବର୍ଷା, ସ୍ନେହାଙ୍ଗିନୀଙ୍କ ସମେତ ବହୁ ନେତା

ଝାରବନ୍ଧ, ୧୦।୧୦(ସମିସ)

ଚାଷୀଙ୍କ ସମସ୍ୟାଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ ଓ ଗନ୍ଧମାର୍ଦ୍ଦନ ପର୍ବତ ପାଦଦେଶରେ ଜମି କିଣା ପ୍ରସଙ୍ଗ। ଏଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛି ବିଜୁ ଜନତା ଦଳ। ଏ ନେଇ ଶନିବାର ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକର ବୈତାଳିଠାରୁ ସନଦାଦର ପର୍ଯ୍ୟନ୍ତ ଦଳ ପକ୍ଷରୁ ଏକ ବିରାଟ ପଦଯାତ୍ରା ଆୟୋଜନ କରାଯାଇଥିଲା। ପଦଯାତ୍ରାରେ ଦଳର ବହୁ ବରିଷ୍ଠ ନେତା ଓ ଜନପ୍ରତିନିଧି ଚାଲିଚାଲି ଯାଇ ସାମିଲ ହୋଇଥିବାବେଳେ ସଭାରେ ସରକାରଙ୍କ ବିଭିନ୍ନ ନୀତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

ପଦଯାତ୍ରାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଯୋଗଦାନ ବିଶେଷ ଆକର୍ଷଣ ଥିଲା। ଏହା ସହ ବିଜେଡି ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ଏନ୍‌ଏସି ଅଧ୍ୟକ୍ଷା କଳ୍ପନା ମାଝୀ, ଜିଲ୍ଲା ଉପସଭାପତି ନନ୍ଦଲାଲ ମହାପାତ୍ର ଓ ଟାଇଲ ଚନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇଥିଲେ।

ଝାରବନ୍ଧ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ କୁମୁଦିନୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସୁଶୀଳ ମରେଇ, ପୂର୍ବତନ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ଚଣ୍ଡୀଭଟାର ପୂର୍ବତନ ସରପଞ୍ଚ ଜବାହରଲାଲ ସିଂ ବରିହା ଓ ଅମଠି ସରପଞ୍ଚ ଲକ୍ଷେ ସିଂ ଥପାଙ୍କ ସମେତ ଅନ୍ୟ ନେତା ଓ କର୍ମୀ ମଧ୍ୟ ପଦଯାତ୍ରାରେ ସାମିଲ ହୋଇଥିଲେ। ବ୍ଲକ ସଭାପତି ଯତୀନ୍ଦ୍ର ହାତୀ ମଞ୍ଚ ପରିଚାଳନା କରିଥିଲେ।

ସଭାରେ ବକ୍ତାମାନେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପ୍ରଦାନରେ ଅବହେଳା ହେଉଥିବା ଅଭିଯୋଗ କରିବା ସହ ଧାନ ଟୋକନ ପାଇବାରେ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉଠାଇଥିଲେ। ୮୦୦ ଟଙ୍କା ବୋନସ୍ ପ୍ରଦାନ ପ୍ରକ୍ରିୟାକୁ ନେଇ ମଧ୍ୟ ଚାଷୀଙ୍କୁ ହଇରାଣ କରାଯାଉଥିବା ସେମାନେ କହିଥିଲେ। ଚାଷୀଙ୍କୁ ଆର୍ଥିକ ସହାୟତା ଦେବା କ୍ଷେତ୍ରରେ ସରକାର ସ୍ୱଷ୍ଟ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ପୂର୍ବତନ ବିଜେଡି ସରକାରଙ୍କ ୨୪ ବର୍ଷରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ନାମ ପରିବର୍ତ୍ତନ ଓ ରଙ୍ଗ ବଦଳାଇବାରେ ସୀମିତ ରଖାଯାଉଥିବା ନେଇ ନେତାମାନେ ଅଭିଯୋଗ ଆଣିଥିଲେ। ଏମଏମଡ଼ିଆର ବିଲ, ଗନ୍ଧମାର୍ଦ୍ଦନ ପର୍ବତ ପାଦଦେଶରେ କମ୍ପାନୀ ପକ୍ଷରୁ ଶହ ଶହ ଏକର ଜମି କିଣାଯିବା ପ୍ରସଙ୍ଗ ଉଠାଇ ଏହାର ଉଦ୍ଦେଶ୍ୟ ଓ ଏ ଦିଗରେ ସରକାରଙ୍କ ଭୂମିକାକୁ ନେଇ ସେମାନେ ପ୍ରଶ୍ନ କରିଥିଲେ। ଅଞ୍ଚଳର ଜନସମସ୍ୟା, ଚାଷୀଙ୍କ ସ୍ୱାର୍ଥ ଓ ସାମାଜିକ ସୁରକ୍ଷା ଯୋଜନାର ସୁଚାରୁ କାର୍ଯ୍ୟକାରିତାକୁ ପ୍ରସଙ୍ଗ କରି ବିଜେଡି ଏହି ପଦଯାତ୍ରା ମାଧ୍ୟମରେ ନିଜର ରାଜନୈତିକ ଆଭିମୁଖ୍ୟ ସ୍ପଷ୍ଟ କରିଛି।

ଖେଳ ଦେଖିବା ବେଳେ ଛାତ୍ର ଗୁରୁତର

କଣ୍ଟାମାଳ, ୧୦।୧୦ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସାଗୋରା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଲିପୁନ ରଣାଙ୍କୁ ଖେଳ ଦେଖିବା କାଳ ହୋଇଛି। ଶିଆଳଝୁଲି ଗ୍ରାମର ସରୋଜ ରଣା ଓ ଆରତୀ ରଣାଙ୍କ ପୁଅ ଲିପୁନ ଏବେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ରହିଛି। ଚିକିତ୍ସା ପାଇଁ ଲକ୍ଷ ଲକ୍ଷ ଟଙ୍କା ଦରକାର। ଏଥିପାଇଁ ତାଙ୍କ ବାପା, ମା' ଚିନ୍ତିତ ହୋଇ ପଡ଼ିଛନ୍ତି। ସମାଜସେବୀ ସଦାଶିବ ପାଢ଼ୀ ଏ ନେଇ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଦେଇଛନ୍ତି। ସେପ୍ଟେମ୍ବର ୨୩ରେ ପଲସାଗୋରା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟଠାରୁ ପ୍ରାୟ ୧ କିମି ଦୂର ଖେଳ ପଡ଼ିଆକୁ ଖେଳ ଦେଖିବାକୁ ଯାଇଥିଲେ। ଖେଳରେ ଅଂଶ ଗ୍ରହଣ ନ କଲେ ମଧ ଦେଖି ଶିଖିବା ତଥା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ଉଚିତ ବୋଲି କହିଥିଲେ। ଏଣୁ ଅନ୍ୟ ଛାତ୍ରଛାତ୍ରୀଙ୍କ ସହ ସେ ଖେଳ ଦେଖିବାକୁ ଯାଇଥିଲା। ଡିସ୍କସ ଥ୍ରୋ ଖେଳ ଚାଲିଥାଏ। ଲିପୁନ ଠିଆ ହୋଇ ଦେଖୁଥିଲେ। ଜଣେ ପ୍ରତିଯୋଗୀ ଡିସ୍କସ ଫିଙ୍ଗିଲା ବେଳେ ତାହା ଲିପୁନଙ୍କ କପାଳରେ ବାଜିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ସୋନପୁର ଓ ପରେ ବରଗଡ଼ର ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା।

ମାହେଶ୍ୱରୀ ପୀଠରେ ଖଣ୍ଡା ଲେଉଟା ପୂଜା

ମୁରୀବାହାଲ, ୧୦।୧୦(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲର ସର୍ବ ପୁରାତନ ମାଁ ମାହେଶ୍ୱରୀ ପୀଠରେ ଖଣ୍ଡା ଲେଉଟା ପୂଜା ପାଳନ ହୋଇଯାଇଛି। ପୂଜକ ରସିକ ବିହାରୀ ଯୋଷୀ ଭୋଗ ତିଆରି କରିଥିବା ବେଳେ ଦେହେରି ତ୍ରିଶିଙ୍ଗ ବଘାର ପୂଜା କର୍ଯ୍ୟ ତୁଲାଇ ଥିଲେ। ବରୁଆ ଭକ୍ତ ବଘାରଙ୍କୁ ମାଁ ମାହେଶ୍ୱରୀ ଆବିର୍ଭାବ ହୋଇଥିଲେ। ସୁଦର୍ଶନ କର୍ମୀ, ବିରଞ୍ଚି ମେରଲି, ସୁବାଷ ବଘାର, ଦଶରଥ ପ୍ରଧାନ, ମଙ୍ଗୁଲୁ ପ୍ରଧାନ, ସୁରେଶ ଅମାତ, ଆରୁ ପ୍ରଧାନ, ମୁରଲୀ ଖମାରୀ, ପଲଟନ କର୍ମୀ, ବରୁଆ ଉମେଶ ଚନ୍ଦ୍ର ବଘାର, ବୃଷଭ ମହାନ୍ତି, ତୁଲାରାମ ମହାନ୍ତି ପ୍ରମୁଖ ମାଁଙ୍କ ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେହିପରି ପୂଜା ପରିଚାଳନା କମିଟିର ସଭାପତି ତଥା ଷାଠିଏ ଘର ଡୁମାଲ ସମାଜର ସଭାପତି ପ୍ରଫୁଲ୍ଲ ବଘାରଙ୍କ ତତ୍ତ୍ୱାବଧାନରେ କୋଷାଧ୍ୟକ୍ଷ ମକୁନ୍ଦ ପଧାନ, ଗାଁର ଗନ୍ତିଆ ଜୟକୃଷ୍ଣ ବଘାର, ବାଲଗୋପାଲ ବଘାର, କାର୍ତ୍ତିକ ବଘାର, ଭୀମ ମହାକୁର, ଦୁର୍ଯ୍ୟୋଧନ ବଘାର, ସ୍ୱାଧୀନ ବଘାର, ପୀୟୂଷ ବଘାର, ପିଙ୍କୁ ଖେତି ପିକୁନ୍ ପଧାନ, ରମାରଞ୍ଜନ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁରୀବାହାଲ ବ୍ଲକ ଅଞ୍ଚଳର ଯମୁନା, ଖରାଲୀ, ବାଗବାହାଲି, ଚାନାବାହାଲ, କୁମ୍ଭାରି, ବାରବନ୍ଧ, ଜନିପଡ଼ା, ଦନ୍ଦ୍ରାଗୁଡ଼ି, ଡାଲ ତଳ ଆଦି ପୀଠରେ ମଧ ଖଣ୍ଡା ଲେଉଟା ପୂଜା ଅନୁଷ୍ଠିତ ହୋଇଯାଇଛି।

କୁମ୍ଭାରବନ୍ଧ ସମଲେଇ ମନ୍ଦିରରେ ମହାଳୟା

ଇବଥର୍ମାଲ, ୧୦।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ କୁମ୍ଭାରବନ୍ଧ ବହୁ ପୁରାତନ ତଥା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରେ ମହାଳୟା ପୂଜା ସହ ୧୬ ପୂଜା ଶୁକ୍ରବାର ମଧରାତ୍ରି ୧୨ଠାରୁ ଆରମ୍ଭ ହୋଇଛି। ପରମ୍ପରା ଅନୁସାରେ ଦଶହରା ମହାଳୟା ପୂର୍ବ ଅର୍ଦ୍ଧରାତ୍ରିରେ ମାଁଙ୍କ ପ୍ରିୟ ପଞ୍ଚବାଦ୍ୟ ଢୋଲ୍, ନିହାର, ତାଶା, ମହୁରୀ ଆଦି ଝାଙ୍କର (ପୂଜକ) ଘରେ ଅର୍ଦ୍ଧ ରାତ୍ରିରେ ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ରାତିରେ ପୂଜାର୍ଚ୍ଚନା ପରେ ଝାଙ୍କର ଘରେ ପ୍ରଥମ କରି ଢୋଲ ବାଜିଥିଲା। ଢୋଲ, ନିଶାନ୍ତ, ତାସା, ଘଣ୍ଟ ବାଦ୍ୟର ତାଳେ ତାଳେ ଏକ ଶୋଭାଯାତ୍ରା ବାହାରି ମାଁ ସମଲେଶ୍ୱରୀଙ୍କ ମନ୍ଦିରେ ପହଞ୍ଚି ଥିଲା। ସେଠାରେ ଗୁପ୍ତ ନୀତି ଆଧାରରେ ପ୍ରଥମେ ମହାଳୟା ହେତୁ ରାତିରେ ମାଁଙ୍କ ଧବଳମୁଖୀ ବେଶ କରାଯାଇଥିଲା। ପୂଜାର୍ଚ୍ଚନା ପରେ ମାଁ ଧବଳମୁଖୀ ବେଶରେ ଦର୍ଶନ ଦେଇଥିଲେ। ପରେ ମାଁଙ୍କ ଧଳା ପୂଜା ପରିବର୍ତ୍ତନ କରାଯାଇ ମାଁଙ୍କ ତନ୍ତ୍ର ପୂଜା ହେବା ପରେ ବରୁଆ (କାଳିସୀ) ଉଠିଥିଲା। ବାଦ୍ୟର ତାଳେ ତାଳେ ମାଁ ମନ୍ଦିର ଗମ୍ଭିରାରୁ ବାହାରିବା ପରେ ଅଧିଆଁ ପଡ଼ିଥିବା ଭକ୍ତଙ୍କ ଦୁଃଖ ଶୁଣିଥିଲେ। ପରେ ମନ୍ଦିରରୁ ବାହାରି ଢୋଲ ଉପରେ ଚଢ଼ି ମାଁ ବାଉତୀ ପାଖକୁ ଆସିବା ପରେ ସେଠାରେ ଚାଚେରୀ ଖେଳି ପୁଣି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାତି ୨ଟା ସମୟରେ ଏ ସମସ୍ତ ଦେଖିବାକୁ ଭକ୍ତ ଉପସ୍ଥିତ ଥିଲେ। ଝାଙ୍କର ଈଶ୍ୱର ଅଡା ବରୁଆ କାର୍ଯ୍ୟ କରିଥିବା ବେଳେ ଝାଙ୍କର ନରେନ୍ଦ୍ର ନେଗୀ ପୂଜାର୍ଚ୍ଚନା କରିଥିଲେ। ସଭାପତି ତଥା କର୍ତ୍ତା ଉମାକାନ୍ତ ପଣ୍ଡା, ନୃସିଂହନାଥ ବଗାର, ସୁଧିର ଦେହେରୀ, ହେମନ୍ତ କାଲୋ, ରାମାଧିନ ପାଣ୍ଡେ, ଘନଶ୍ୟାମ ପାଣ୍ଡେ, ଗୌତମ ଦେହେରୀ, ମୁନୁବାବୁ ଛତ୍ରିଆ, ସୌମ୍ୟରଞ୍ଜନ ପାଣ୍ଡିଆ, ପ୍ରଶାନ୍ତ ମାଝୀ, ପ୍ରେମାନନ୍ଦ ଭୋଇ, ରାଜୁ ନାଏକ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ମାଁଙ୍କ ଚଣ୍ଡୀପାଠ ଓ ମୁଖ୍ୟ ପର୍ବ ବଏଲ ଯାତ୍ରା ଅକ୍ଟୋବର ୨୩ ତାରିଖରେ ହେବ। କୁମାର ପୂର୍ଣ୍ଣିମା ଦିନ ମାଁଙ୍କ ୧୬ ପୂଜା ସମ୍ପନ୍ନ ହେବ।

ଅସମ୍ପୂର୍ଣ୍ଣ ପୋଲ ନିର୍ମାଣ କାମ ନେଇ ଜନଅସନ୍ତୋଷ ତୀବ୍ର

କାମ ବିଳମ୍ବ ପ୍ରତିବାଦରେ ରାସ୍ତାରୋକ

କଣ୍ଟାମାଳ, ୧୦।୧୦(ସମିସ)

ବିକାଶର ନାରା ଦେଇ ସରକାର ଗ୍ରାମାଞ୍ଚଳରେ ଉନ୍ନତ ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛନ୍ତି; ହେଲେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତରେ ଏକ ଅସମ୍ପୂର୍ଣ୍ଣ ପୋଲ ନିର୍ମାଣ କାମକୁ ନେଇ ଜନଅସନ୍ତୋଷ ତୀବ୍ର ହୋଇଛି। ତିଳିକାମାଳଠାରୁ ନାରାୟଣପ୍ରସାଦ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ କାମ ଚାଲିଚି। ବିରସିଂହପୁର ଓ ବରିଗୁଭା ମଧ୍ୟରେ ନିର୍ମାଣାଧୀନ ପୋଲ ୬ ମାସରୁ ଅଧିକ ହେଲା ସମ୍ପୂର୍ଣ୍ଣ ହୋଇ ପାରୁନି। ଏଣୁ ଅଞ୍ଚଳବାସୀଙ୍କ ଧୈର୍ଯ୍ୟର ସୀମା ଟପିଛି। ଦୀର୍ଘଦିନ ଧରି ନିର୍ମାଣ କାମ ଶେଷ ନ ହେବା ଏବଂ ଯାତାୟାତରେ ବିଭିନ୍ନ ସମସ୍ୟା ଉପୁଜିବାରୁ ସ୍ଥାନୀୟ ଲୋକେ ଶେଷରେ ପ୍ରତିବାଦର ସ୍ୱର ଉଠାଇ ରାସ୍ତାରୋକ କରିଥିଲେ। ଆଜି ଗ୍ରାମବାସୀ ରାସ୍ତା ଉପରେ ହୋମ୍ ପାଇପ୍ ପକାଇ ଯାତାୟାତ ବନ୍ଦ କରିଦେବାରୁ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା। ଏହି ରାସ୍ତାରୋକ ଯୋଗୁଁ ଲକ୍ଷ୍ମୀ ବସ୍ ସମେତ ଅଟୋ ଓ ଟ୍ରକ୍ ଆଦି ଯାନବାହନ ପ୍ରାୟ ୪ ଘଣ୍ଟା ଧରି ଅଟକି ରହିଥଲା। ଏହାଫଳରେ ଯାତ୍ରୀ, ଚାଳକ ଓ ଅନ୍ୟାନ୍ୟ ପଥଚାରୀ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଶେଷକରି ଦୈନନ୍ଦିନ କାମରେ ଯାତାୟାତ କରୁଥିବା ଲୋକଙ୍କ ସହ ଜରୁରୀ କାର୍ଯ୍ୟରେ ବାହାରିଥିବା ଯାତ୍ରୀମାନଙ୍କୁ ମଧ ହଇରାଣ ହେବାକୁ ପଡ଼ିଥିଲା। ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ପୋଲ ନିର୍ମାଣ କାମ ଏତେ ଦୀର୍ଘ ସମୟ ଧରି ଅସମ୍ପୂର୍ଣ୍ଣ ରହିବା ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ଓ ପୋଲ ନିର୍ମାଣ ଭଳି ଜନସ୍ୱାର୍ଥ ସମ୍ପୃକ୍ତ କାମ ନିର୍ଦ୍ଧାରିତ ସମୟରେ ଶେଷ ହେବା ଆବଶ୍ୟକ; କିନ୍ତୁ ଏଠାରେ ଦୀର୍ଘ ମାସ ଧରି କାମ ଅଧାରେ ପଡ଼ି ରହିଥିବାରୁ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ଲୋକଙ୍କ ଦୈନନ୍ଦିନ ଜୀବନ ମଧ ପ୍ରଭାବିତ ହେଉଛି। ଏହି ଘଟଣା ପୂର୍ତ୍ତ ବିଭାଗର କାର୍ଯ୍ୟ ତଦାରଖ, ଠିକାଦାରଙ୍କ ଦାୟିତ୍ୱବୋଧ ଏବଂ ନିର୍ମାଣ କାମର ଅଗ୍ରଗତି ଉପରେ ଅନେକ ପ୍ରଶ୍ନ ଉଠାଇଛି। ଠିକାଦାର ଓ ସମ୍ପୃକ୍ତ ବିଭାଗ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରୁଥିବା ବେଳେ ଏହି ଅଭିଯୋଗର ସତ୍ୟତା ସମ୍ପର୍କରେ ସମ୍ପୃକ୍ତ ବିଭାଗର ପକ୍ଷ ଜଣାପଡ଼ିନାହିଁ। ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ କାମରେ ବିଳମ୍ବ ହେବାର ପ୍ରକୃତ କାରଣ କ'ଣ, କାମ କେବେ ଶେଷ ହେବ ଏବଂ ଏଥିପାଇଁ ଦାୟୀ କିଏ, ସେନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନ ସୃଷ୍ଟି ହୋଇଛି। ଅନ୍ୟପଟେ, ବାରମ୍ବାର ଅସୁବିଧାର ସମ୍ମୁଖୀନ ହେବା ପରେ ଲୋକେ ରାସ୍ତାରୋକ ଭଳି ପଦକ୍ଷେପ ନେବାକୁ ବାଧ ହୋଇଥିବା କହିଛନ୍ତି। ଏହି ରାସ୍ତାଟି ଅଞ୍ଚଳର ବିଭିନ୍ନ ଗ୍ରାମକୁ ଯୋଡ଼ିବା ସହ ଦୈନନ୍ଦିନ ଯାତାୟାତ ଓ ଯାନବାହନ ଚଳାଚଳ ପାଇଁ ଗୁରୁତ୍ୱ ବହନ କରୁଥିବାରୁ ଏହାର ନିର୍ମାଣ କାମକୁ ଆଉ ଅବହେଳା କରା ନ ଯାଉ ବୋଲି ଦାବି ଉଠିଛି। ପୋଲ ନିର୍ମାଣ କାମରେ ଅହେତୁକ ବିଳମ୍ବ ହେବା ଯୋଗୁଁ ଯେଉଁ ସମସ୍ୟା ଦେଖାଦେଇଛି, ତାହାର ସମାଧାନ ପାଇଁ ପୂର୍ତ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବା ସହ ନିର୍ମାଣ କାମର ସ୍ଥିତି ଯାଞ୍ଚ କରିବା, ବିଳମ୍ବର କାରଣ ସ୍ପଷ୍ଟ କରିବା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୋଲ କାମ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଲୋକଙ୍କ ଯାତାୟାତ ସୁବିଧା ଓ ସୁରକ୍ଷାକୁ ପ୍ରାଥମିକତା ଦେଇ ନିର୍ମାଣାଧୀନ ସ୍ଥାନରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବା ସହ ଯାତାୟାତରେ ଯେପରି ଅନାବଶ୍ୟକ ବାଧା ସୃଷ୍ଟି ନ ହୁଏ ସେଥିପାଇଁ ବିଭାଗ ପଦକ୍ଷେପ ନେବା ଜରୁରୀ। ନ ହେଲେ ଏଭଳି ଅବ୍ୟବସ୍ଥା ଆଗକୁ ମଧ ଜନସାଧାରଣଙ୍କୁ ହଇରାଣ କରିବା ସହ ବିଭାଗ ପ୍ରତି ଲୋକଙ୍କ ଆସ୍ଥା ହ୍ରାସ କରିବାର ଆଶଙ୍କା ରହିଛି। ତେଣୁ ଏବେ ସମସ୍ତଙ୍କ ନଜର ପୂର୍ତ୍ତ ବିଭାଗ ଓ ସମ୍ପୃକ୍ତ ଠିକାଦାରଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି। ଅସମ୍ପୂର୍ଣ୍ଣ ପୋଲ ନିର୍ମାଣ କାମ କେବେ ଶେଷ ହେବ ଏବଂ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଯାତାୟାତ ସମସ୍ୟାର କେବେ ସମାଧାନ ହେବ ତାହାକୁ ନେଇ ସ୍ଥାନୀୟ ଲୋକେ ଅପେକ୍ଷା କରିଛନ୍ତି।

ମଦଭାଟି ବିରୋଧରେ ମହିଳାଙ୍କ ବିଦ୍ରୋହ

ବୀରମହାରାଜପୁର, ୧୦।୧୦(ସମିସ): ମଦମୁକ୍ତ ଗାଁ ଗଠନ ଦାବିରେ ତେଜିଲା ଜନ ଆକ୍ରୋଶ। ମଦର କୁପ୍ରଭାବରେ ଗ୍ରାମର ସାମାଜିକ ପରିବେଶ ନଷ୍ଟ ହେଉଥିବା ଅଭିଯୋଗ କରି ଶେଷରେ ମଦଭାଟି ଉପରେ ଝାମ୍ପି ପଡ଼ିଲେ ଶତାଧିକ ମହିଳା। ଶନିବାର ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକ ଅଧୀନ ପୀତାମହୁଲ ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି। ପ୍ରତିବାଦକାରୀ ମହିଳାମାନେ ମଦଭାଟି ଭିତରେ ପଶି ବିପୁଳ ପରିମାଣର ଦେଶୀ ମଦ ଓ ମହୁଲ ପୋଚ ନଷ୍ଟ କରିବା ସହ ଭାଟିକୁ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗ୍ରାମରେ ଦେଶୀ ମଦଭାଟି ବନ୍ଦ କରିବା ଦାବିରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ମଦଭାଟି ନିକଟକୁ ଯାଇ ଏହାର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତିନି ଦିନ ମଧ୍ୟରେ ଭାଟି ବନ୍ଦ କରିବାକୁ ମଧ ଚେତାବନୀ ଦେଇଥିଲେ। ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ ଭାଟି ବନ୍ଦ ନ ହେବାରୁ ଶନିବାର ପୀତାମହୁଲ ସମେତ ଆଖପାଖ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ପ୍ରତିବାଦକୁ ତୀବ୍ର କରିଥିଲେ। ଏହି ସମୟରେ ମହିଳାମାନେ ମଦଭାଟି ଭିତରେ ପଶି ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ମହୁଲ ପୋଚ ଓ ପ୍ରସ୍ତୁତ ଦେଶୀ ମଦକୁ ନଷ୍ଟ କରିବା ସହ ଭାଟିକୁ ଭାଙ୍ଗି ଦେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ସୁବଳୟା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ତେବେ ବହୁ ସଂଖ୍ୟାରେ ମହିଳା ଓ ଗ୍ରାମବାସୀ ଏକତ୍ରିତ ହୋଇଥିବାରୁ ସ୍ଥିତି ନିୟନ୍ତ୍ରଣ କରିବା ସହଜ ହୋଇ ନ ଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ମଦକୁ କେନ୍ଦ୍ର କରି ଗତ ଦୁଇ ବର୍ଷ ମଧ୍ୟରେ ଗ୍ରାମରେ ପାଞ୍ଚଟି ହତ୍ୟାକାଣ୍ଡ ଘଟିଥିବା ବେଳେ ବାରମ୍ବାର ଗଣ୍ଡଗୋଳ ମଧ ହେଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ଅସନ୍ତୋଷ ଲାଗି ରହିଥିଲା। ଏନେଇ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ରେଳ ଧାରଣାରେ କଟି ନାବାଳକର ମୃତ୍ୟୁ

କଣ୍ଟାମାଳ, ୧୦।୧୦(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଟାଲୁପାଲି ନିକଟ ରେଳ ଧାରଣାରେ କଟି ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତକ ହେଲେ ଟାଲୁପାଲି ଗାଁର ସାଇଶ୍ରୀ ମହାନନ୍ଦିଆ ଓରଫ ରିଙ୍କୁ (୧୨)। ଖବର ପାଇ ବାଉଶୁଣି ଥାନା ଅଧିକାରୀ ମହେନ୍ଦ୍ର ବେହେରା ଟିମ୍ ସହ ପହଞ୍ଚି ଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଥିଲା। ଏ ନେଇ ବାଉଁଶୁଣି ଥାନାରେ ଏକ ମାମଲା ରୁଜୁ ହୋଇଛି।

ନାରାୟଣନଗରରେ ଦଶହରା ପୂଜା ନିମନ୍ତେ ପ୍ରସ୍ତୁତି

ଜହ୍ନାପଙ୍କ, ୧୦।୧୦(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଦଶହରା ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରମୋଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସମ୍ପାଦକ ବୈଶାଖୁ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। କମିଟିର କୋଷାଧ୍ୟକ୍ଷ ମୋତିଲାଲ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ କମିଟିର ସଦସ୍ୟ ନବ କିଶୋର ମେହେର, ପିଣ୍ଟୁ ମିର୍ଦ୍ଧା, ଦେବକିଶୋର ସାହୁ, ଉପସଭାପତି ନରୋତ୍ତମ ମେହେର ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ଦଶହରା ପୂଜା ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ। ଅଷ୍ଟମୀ ତିଥିରେ କଳସ ଯାତ୍ରା ସହ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ନବମୀ ତିଥିରେ କମିଟି କଳାକାରଙ୍କ ଦ୍ୱାରା କ୍ରିଷ୍ଣା ରେ‡ୀଙ୍କ ନିର୍ଦ୍ଦେଶନାରେ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ଓ ଦଶମୀ ତିଥିରେ 'ଆସିଛି ଏକା ମୁଁ ଯିବି ମୁଁ ଏକା' ନାଟକ ମଞ୍ଚସ୍ଥ ହେବ। ଏକାଦଶୀ ଓ ଦ୍ୱାଦଶୀ ତିଥିରେ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷରେ ସହ ସମ୍ପାଦକ ମଣ୍ଟୁ ମେହେର ଧନ୍ୟବାଦ ଦେଇଥିଲେ। ସରୋଜ ମେହେର, ରଞ୍ଜିତ ମେହେର, କୁଶ ମେହେର, ମକର ମେହେର, ସଦସ୍ୟ ପ୍ରଶାନ୍ତ ସାହୁ, ବବି ମେହେର ପ୍ରମୁଖ ଉପସ୍ଥିତ।

ନାରାୟଣପୁର କ୍ଲଷ୍ଟରସ୍ତରୀୟ ସୁରଭି

ଲଛିପୁର, ୧୦।୧୦(ସମିସ): ନାରାୟଣପୁର କ୍ଲଷ୍ଟର ସ୍ତରୀୟ ସୁରଭି-୨୦୨୬ ମାଟିକୋଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା, ନାରାୟଣପୁର ସରପଞ୍ଚ ପ୍ରମୋଦ ଧରୁଆ, ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର କିରାଣି ଅର୍ଜୁନ କୁମ୍ଭାର ଓ ମିଳନ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ସମୀର ପଣ୍ଡା ସଭାପତିତ୍ୱ କରିଥିଲେ। ବିଭିନ୍ନ ପ୍ରତିଯୋଗିତାକୁ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଂଗ୍ରାମ ମିଶ୍ର, ସୁଶାନ୍ତ ଦାଶ, ଓମପ୍ରକାଶ ପୂଜାରୀ, ବିଶ୍ୱଭୂଷଣ ନାୟକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଫୁଲଜିନିଆ ମସାତ, ହୀରାବତୀ ଝାଙ୍କର ସହଯୋଗ କରିଥିଲେ। ବିଦ୍ୟାଧର ଛତ୍ରିଆ, ଜୟନାରାୟଣ ବାବୁ ଓ ଉପସଭାପତି ପଦ୍ମନାଭ ଧରୁଆ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ତେଜନା

ଦେବଗଡ଼ ଡିଗ୍ରୀ କଲେଜ ସାଇନ-ଏ-ଡାଏ

ଦେବଗଡ଼, ୧୦।୧୦(ସମିସ): ଦେବଗଡ଼ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନରେ ଜଣେ ସଭାପତି ପଦବି ପ୍ରାର୍ଥୀଙ୍କ ପ୍ରାର୍ଥୀ ପତ୍ର ନାକଚ ପରେ ଉତ୍ତେଜନା ଦେଖା ଯାଇଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଆଜି ସନ୍ଧ୍ୟାରେ କଲେଜ କର୍ତ୍ତୃପକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଇନ ଡାଏ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଛାତ୍ର ସଂସଦ ନିର୍ବାଚନ ପ୍ରାର୍ଥୀପତ୍ର ଯାଞ୍ଚ ପରେ ସଭାପତି ପଦବୀ ପାଇଁ ସିବୁନ ଦେହୁରୀ ଓ ନୀତେଶ ସାହୁଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ଆଜି ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ଦିବସରେ ନୀତେଶ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରିବାରୁ ଏକମାତ୍ର ପ୍ରାର୍ଥୀ ଭାବେ ସିବୁନ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଏଥିସହ ଅନ୍ୟାନ୍ୟ ପଦବୀରେ ମଧ ସମସ୍ତ ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ତେବେ ନିର୍ବାଚନ ଫଳାଫଳ ଅନୁଷ୍ଠାନିକ ଭାବେ ଆସନ୍ତା ୧୫ ତାରିଖ ଦିନ ପ୍ରକାଶ କରାଯିବା ନେଇ କଲେଜ ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ପ୍ରାର୍ଥୀ ପତ୍ର ଯାଞ୍ଚ ବେଳେ ଶିବଶଙ୍କର ବେହେରା ନାମକ ଅନ୍ୟ ଜଣେ ପ୍ରାର୍ଥୀଙ୍କ ପ୍ରାର୍ଥୀ ପତ୍ର ନାକଚ ହେବାରୁ ଗତକାଲିଠାରୁ କଲେଜ ପରିସରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଆଜି ପୂର୍ବାହ୍ନରେ ଶିବଶଙ୍କରଙ୍କ ସମର୍ଥକ ମାନେ ଏକ ପଟୁଆରରେ ଆସି କଲେଜ ଫାଟକ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରାର୍ଥୀ ପତ୍ର କାୟମ କରି ନିର୍ବାଚନ କରିବା ନ ଚେତ ନିର୍ବାଚନ ବନ୍ଦ କରିବା ନେଇ ଅଡ଼ି ବସିଥିଲେ। ଏହାଫଳରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର କଳିଙ୍ଗ ଆଶିଷ ଶତପଥୀ, ଏସଡିପିଓ ରମେଶ ମାହାନାଙ୍କ ସମେତ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ପୁଲିସ ବଳ ସହ କଲେଜ କ୍ୟାମ୍ପସରେ ଉପସ୍ଥିତ ରହି ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ; ମାତ୍ର ଉତ୍ୟକ୍ତ ଛାତ୍ରଛାତ୍ରୀ ସେମାନଙ୍କ ଜିଦରେ ଅଟଳ ଥିବାରୁ କଲେଜ କ୍ୟାମ୍ପସରେ ନିର୍ବାଚନୀ ଉତ୍ତେଜନାକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ସନ୍ଧ୍ୟାରେ କଲେଜ କର୍ତ୍ତୃପକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜକୁ ସାଇନ ଡାଏ ଘୋଷଣା କରିଛନ୍ତି। ରବିବାର ସକାଳ ୮ଟା ସୁଦ୍ଧା ଛାତ୍ରାବାସ ଖାଲି କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ନୂଆ ବିଦେଶୀ ମଦ ଦୋକାନକୁ ଅହେତୁକ ଅନୁକମ୍ପା

ଟିଟିଲାଗଡ଼, ୧୦।୧୦(ସମିସ)

- ଖୋଲିଲା ଅବକାରୀ ବିଭାଗର ଭିତିରି ଗୁମର
- ୯ ନମ୍ବର ୱାର୍ଡ ବଦଳରେ ୮ ନମ୍ବର ୱାର୍ଡରେ ଅନୁମତି
- ସନ୍ଦେହ ଘେରରେ ଅବକାରୀ ବିଭାଗର କାର୍ଯ୍ୟକଳାପ
- ସବୁ ନିୟମକୁ ବେଖାତିର

ଟିଟିଲାଗଡ଼ ସହରରେ ଏକ ନୂତନ ବିଦେଶୀ ମଦ ଦୋକାନୀ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି। ଏହି ମଦ ଦୋକାନ ଲାଗି ସମସ୍ତ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଛି। ଜିଲ୍ଲା ଅବକାରୀ ବିଭାଗର ଏହି ନୀତିକୁ ନେଇ ଏବେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହାଦ୍ୱାରା ଛତିଶଗଡ଼ର ସମ୍ପୃକ୍ତ ମଦ ବେପାରୀଙ୍କ ସହିତ ଅବକାରୀ ବିଭାଗର ଭିତିରି ଡିଲ୍ ହୋଇଥିବା ଜଳ ଜଳ ଦିଶୁଛି। ଏହା ଏବେ ସମଗ୍ର ଟିଟିଲାଗଡ଼ ସହରରେ ସମସ୍ତଙ୍କୁ ଚକିତ କରିଛି। ଅବକାରୀ ବିଭାଗ ସହର ହାଇସ୍କୁଲପଡ଼ାରେ ନୂତନ ବିଦେଶୀ ଠିପି ବନ୍ଦ ମଦ ଦୋକାନ ପାଇଁ ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଜଳାଞ୍ଜଳି ଦେଇ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଛି। ତାହାର ଗୋଟିଏ ପରେ ଗୋଟିଏ କାରନାମା ପଦାକୁ ଆସିବାରେ ଲାଗିଛି। ଅଭିଯୋଗ ଅନୁଯାୟୀ ମଦ ଦୋକାନ ଖୋଲିବା ପୂର୍ବରୁ ସମ୍ପୃକ୍ତ ସ୍ଥାନ ନିର୍ଦ୍ଧାରିତ ପୌରପରିଷଦ ଅଧୀନ ୯ ନମ୍ବର ୱାର୍ଡ ଅନ୍ତର୍ଭୁକ୍ତ ରହିଛି କି ନାହିଁ, ଜମିର ଦସ୍ତାବିଜ, ଜମି କାଗଜ ପତ୍ର ସହ ଘର ବା ଦୋକାନ ମାଲିକଙ୍କ ସହିତ ସମସ୍ତ ପ୍ରକାର ଭଡା ବାବଦକୁ ଚୁକ୍ତିନାମା ହୋଇଛି ନା ନାହିଁ, ଟେଣ୍ଡର ଅନୁଯାୟୀ ପାଳନ କରାଯାଇଛି କି ନାହିଁ ଯାଞ୍ଚ କରିବା ପରେ ଦୋକାନ ଖୋଲିବାକୁ ଅନୁମତି ଦେବା ନେଇ ନିୟମ ରହିଛି। ସେହିଭଳି କେଉଁ କିସମର ଜମି ରହିଛି, ଜମିର ମାଲିକ କିଏ, ଜମିର ରାଜିନାମାରେ କ'ଣ ଉଲ୍ଲେଖ ରହିଛି, ସରକାରୀ ନିୟମ ଅନୁଯାୟୀ ଜମିର ରାଜିନାମା ରହିଛି କି ନାହିଁ, ସ୍ଥାନୀୟ ପୌରପରିଷଦ କାର୍ଯ୍ୟାଳୟରୁ ଏନଓସି ପତ୍ର ବା ଅନୁମତି ପତ୍ର ସହିତ ଟ୍ରେଡ୍ ଲାଇସେନ୍ସ ରହିଛି ନା ନାହିଁ ସେ ସବୁ ଦିଗ ଉପରେ ଅନୁଧାନ କରିବା ପରେ ବିଦେଶୀ ମଦ ଦୋକାନ ଖୋଲିବାକୁ ଅବକାରୀ ବିଭାଗ ଅନୁମତି ଦେବା ନିୟମ ରହିଛି; ହେଲେ ଟିଟିଲାଗଡ଼ ହାଇସ୍କୁଲ ପଡ଼ାରେ ଏହି ମଦ ଦୋକାନଜ ପାଇଁ ଅବକାରୀ ବିଭାଗ ସମସ୍ତ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରିଛି। ଦୋକାନ ଖୋଲିବାକୁ ତର ତର ହୋଇ କଳବଳ ପ୍ରୟୋଗ କରିଛି। ସମ୍ପୂର୍ଣ୍ଣ ସୁରକ୍ଷା ଦେଇ ଗତ ଜୁନ ମାସରେ ଦୋକାନ ଖୋଲିବା ପାଇଁ ଅନୁମତି ଦେଇଛି। ଅବକାରୀ ବିଭାଗ ଏହି ମଦ ଦୋକାନୀଙ୍କ ପ୍ରତି କେଉଁ ଭାବ ପୋଷଣ କରିଛି ତାହା ସହଜେ ଅନୁମେୟ। ତେବେ ବର୍ତ୍ତମାନ ଯେଉଁ ତଥ୍ୟ ବା ଅଭିଯୋଗ ସାମ୍ନାକୁ ଆସିଛି ତାହା ଆହୁରି ସଂଗୀନ। ଏହି ମଦ ଦୋକାନ ବା ଘରଟି ପୌରପରିଷଦ ଅଧୀନ ୮ ନମ୍ବର ୱାର୍ଡରେ ଆସୁଛି; ହେଲେ ଏହା ୯ ନମ୍ବର ୱାର୍ଡରେ ରହିଥିବା ଦର୍ଶାଇ ଅବକାରୀ ବିଭାଗ ଏହି ମଦ ଦୋକାନ ଖୋଲିବାକୁ ବ୍ୟାକୁଳ ହୋଇ ପଡ଼ିଥିଲା। ଏଣୁ ଅବକାରୀ ବିଭାଗର ମଧୁ ଚନ୍ଦ୍ରିକା ବାରି ହୋଇପଡୁଛି।

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଗଣତନ୍ତ୍ରକୁ ହତ୍ୟା: ବିଜୁ ଜନତା ଦଳର ନିନ୍ଦା

ନିର୍ବାଚିତ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇଲେ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ

ଭୁବନେଶ୍ୱର, ୧୦।୧୦(ସମିସ): ଦୀର୍ଘଦିନର ପ୍ରତୀକ୍ଷା ପରେ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ ଘୋଷଣା କରିଛନ୍ତି। ପୂର୍ବରୁ ବିଜୁ ଜନତା ଦଳ ଯାହା ଆକଳନ କରିଥିଲା ଆଜି ତାହା ସତ୍ୟରେ ପ୍ରମାଣିତ ହୋଇଛି। ସମ୍ଭାବ୍ୟ ପରାଜୟ ଭୟରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଶାସକ ଦଳର ଚାପରେ କଲେଜ କର୍ତ୍ତୃପକ୍ଷ ଅନୈତିକ ଭାବେ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କ ନାମାଙ୍କନ ପତ୍ରକୁ ଖାରଜ କରିଛନ୍ତି। ଏହାକୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଂଶୁମାନ ହୋତା ଆୟୁଷ ସ୍ୱାଇଁ, ଅର୍ପିତ ମହାପାତ୍ର, ପୃଥ୍ୱୀରାଜ ମିର୍ଦ୍ଧା, ବବୁନ ମେହେର, ଉର୍ବଶୀ ମେହେର, ଅନିମେଷ ବେହେରା, ସାହିଲ ପ୍ରଧାନ ପ୍ରମୁଖ ନିନ୍ଦା କରିଛନ୍ତି। ବିଜୁ ଛାତ୍ର ଜନତା ଜଳର ଲଡୁଆ ନେତା ପ୍ରଭାତ ଜେନା ସାଧାରଣ ସମ୍ପାଦକ ଭାବେ ଏବଂ ଡ୍ରାମାଟିକ ସମ୍ପାଦକ ଭାବେ ବିଜୁ ଛାତ୍ର ଜନତା ଦଳର ଆକାଶ ପରିଡ଼ା ଏକମାତ୍ର ପ୍ରାର୍ଥୀ ଭାବେ ମନୋନୀତ ହେବା ପରେ ପୂର୍ବତନ ବାଚସ୍ପତି ତଥା ବିଜୁ ଜନତା ଦଳର ଜିଲ୍ଲା ସଭାପତି ପ୍ରଦୀପ କୁମାର ଅମାତଙ୍କ ପାଖରେ ପହଞ୍ଚି ସାକ୍ଷାତ କରିବା ସହ ଆଶୀର୍ବାଦ କାମନା କରିଛନ୍ତି। ଉଭୟ ପ୍ରାର୍ଥୀଙ୍କୁ ବିଜୁ ଜନତା ଦଳର ନେତା ଅଶୋକ ସାହୁ, ବିଶ୍ୱଜିତ ମିଶ୍ର, ଅବକାଶ ସାହୁ ବସନ୍ତ ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

ବରଗଡ଼ ଇତିହାସ, ସଂସ୍କୃତି ଦଲିଲକରଣ ପାଇଁ ଆହ୍ୱାନ

ବରଗଡ଼, ୧୦।୧୦(ସମିସ)

ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଜାତୀୟ ଆଲୋଚନାଚକ୍ର 'ଇତିହାସ, ସଂସ୍କୃତି ଓ ବରଗଡ଼ର ପ୍ରତ୍ନତତ୍ତ୍ୱ' ଆୟୋଜିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ଗୌରବମୟ ଇତିହାସ, ସମୃଦ୍ଧ ସଂସ୍କୃତି ଓ ପ୍ରତ୍ନତାତ୍ତ୍ୱିକ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଏବଂ ଏହାର ବ୍ୟବସ୍ଥିତ ଦଲିଲୀକରଣ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଆଞ୍ଚଳିକ ଇତିହାସ, ଲୋକପରମ୍ପରା, ପ୍ରତ୍ନତାତ୍ତ୍ୱିକ ନିଦର୍ଶନ ଓ ସାଂସ୍କୃତିକ ଐତିହ୍ୟକୁ ସଂଗ୍ରହ କରି ଏକ ସମୃଦ୍ଧ ଐତିହାସିକ ଦଲିଲ ପ୍ରସ୍ତୁତ କରିବା ଏହି ଆଲୋଚନାଚକ୍ରର ପ୍ରମୁଖ ଉଦ୍ଦେଶ୍ୟ। ଇତିହାସ ବିଭାଗର ଅଧ୍ୟାପିକା ସୁଶ୍ରୀ ଅଙ୍କିତା ସାହୁ ଅତିଥି ପରିଚୟ ଦେଇଥିବାବେଳେ ମହାବିଦ୍ୟାଳୟର ଅଧକ୍ଷା ନନ୍ଦିନୀ ନିରୋଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଡ. ସତ୍ୟନାରାୟଣ ନନ୍ଦ ଆଲୋଚନାଚକ୍ରର ବିଷୟବସ୍ତୁ ଓ ଏହାର ଗୁରୁତ୍ୱ ଉପସ୍ଥାପନ କରିଥିଲେ। ବରଗଡ଼ର ଇତିହାସକୁ ସଂଗ୍ରହ, ଅନୁସନ୍ଧାନ ଓ ଲିପିବଦ୍ଧ କରିବା ପାଇଁ ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ଦୀପକ ପଣ୍ଡା ବରଗଡ଼ ଜିଲ୍ଲାର ଐତିହ୍ୟସ୍ଥଳୀଗୁଡ଼ିକର ତାଲିକା ପ୍ରସ୍ତୁତି ଓ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନକୁ ଲିପିବଦ୍ଧ କରିବାର ଆବଶ୍ୟକତା ଉପରେ ମତ ରଖିଥିଲେ। ବୈଷୟିକ ଅଧିବେଶନରେ ଡ. ସାକିର ହୁସେନ ବରଗଡ଼ର ଟେରାକୋଟା ବୃଷଭ ମୂର୍ତ୍ତି ଓ ଲୋକପରମ୍ପରାଭିତ୍ତିକ ପ୍ରତ୍ନତତ୍ତ୍ୱ ସମ୍ପର୍କରେ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ଡ. ଖିରସିନ୍ଧୁ ବାରିକ ପଶ୍ଚିମ ଓଡ଼ିଶାର ବରଗଡ଼ ଉଚ୍ଚଭୂମି ଅଞ୍ଚଳର ଶିଳାଚିତ୍ର, ଲାଲ ଗେରୁ ଓ କ୍ଷୁଦ୍ର ପ୍ରସ୍ତର ଉପକରଣ ପରମ୍ପରା ଉପରେ ନିଜର ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। କୃଷ୍ଣକାନ୍ତ ଲହଙ୍ଗୀର ପଶ୍ଚିମ ଓଡ଼ିଶାର ଆରାଧ୍ୟା ଦେବୀ ଓ ଦିବ୍ୟ ମାତୃଶକ୍ତିର ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ହୋତା ବରଗଡ଼ର ତନ୍ତ୍ର ପରମ୍ପରା ଉପରେ ଆଲୋକପାତ କରିଥିଲେ। ସାମ୍ବାଦିକ ବୀରେନ୍ଦ୍ର ପ୍ରଧାନ ସ୍ୱାଧୀନତା ପରବର୍ତ୍ତୀ ବରଗଡ଼ର ସାମାଜିକ ଓ ରାଜନୈତିକ ବିକାଶ ତଥା ରାଜନୈତିକ ପରିବର୍ତ୍ତନର ଚିତ୍ର ଉପସ୍ଥାପନ କରିଥିଲେ। ଐତିହାସିକ ଅଶୋକ ବେହେରା ବରଗଡ଼ ଧନୁଯାତ୍ରାର ସାମାଜିକ ଓ ଆର୍ଥିକ ମୂଲ୍ୟବୋଧ ଉପରେ ଆଲୋଚନା କରିଥିଲେ। ସେହିପରି ଡ. ଭାରତ ଚନ୍ଦ୍ର ସାହୁ ବରଗଡ଼ ଜିଲ୍ଲାର ମାଆ ସମଲେଇଙ୍କ ଉପରେ ଏକ ବିଷୟଭିତ୍ତିକ ଅଧ୍ୟୟନ ଉପସ୍ଥାପନ କରିଥିଲେ। ଡ. ଚୂଡ଼ାମଣି ରଣା ପ୍ରାଚୀନ ମାନବର ଜ୍ଞାନଗତ ବିକାଶର ଉତ୍ପତ୍ତି ଓ ପ୍ରକ୍ରିୟା ସମ୍ପର୍କରେ ନିଜର ଗବେଷଣାମୂଳକ ମତ ରଖିଥିଲେ। ଏହି ଆଲୋଚନାଚକ୍ର ବରଗଡ଼ର ଅନାଲୋଚିତ ଐତିହାସିକ ତଥ୍ୟ, ପ୍ରତ୍ନତାତ୍ତ୍ୱିକ ନିଦର୍ଶନ, ଦେବଦେବୀଙ୍କ ଉପାସନା ପରମ୍ପରା ଓ ସାମାଜିକ-ରାଜନୈତିକ ଇତିହାସକୁ ଏକତ୍ର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଭାବେ ବିବେଚିତ ହୋଇଛି। ଏହା ଭବିଷ୍ୟତରେ ଗବେଷକ, ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ପାଇଁ ପଶ୍ଚିମ ଓଡ଼ିଶାର ଐତିହ୍ୟକୁ ଜାଣିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି। ଶେଷରେ ଇତିହାସ ବିଭାଗର ଅଧ୍ୟାପିକା ଜ୍ୟୋତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ତୁମ୍ବାମାଲକୁ ରାସ୍ତା ନିର୍ମାଣ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ରେଢ଼ାଖୋଲ, ୧୦।୧୦(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ତ୍ରିବଣପୁର ପଞ୍ଚାୟତ ଅଧୀନ ତୁମ୍ବାମାଲ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର ଗ୍ରାମବାସୀ ରେଢ଼ାଖୋଲ ଉପଜିଲ୍ଲାପାଳ ପୱନ କୁମାରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ସାନ ରେଙ୍ଗାଲି ଗ୍ରାମରୁ ତୁମ୍ବାମାଲ ପର୍ଯ୍ୟନ୍ତ ପ୍ରାୟ ୪ କି.ମି. ରାସ୍ତା ଯାତାୟାତ କରିବା ପାଇଁ ରାସ୍ତା ଦୁର୍ଦ୍ଦିନ ଅବସ୍ଥାରେ ରହିଛି। ଏହି ରାସ୍ତା ବୌଦ୍ଧ ଜିଲ୍ଲା ଓ ରେଢ଼ାଖୋଲ ସହରକୁ ସଂଯୋଗ କରୁଥିବାରୁ ଆଖପାଖର ୫ଟି ଗାଁର ପ୍ରାୟ ୨ ହଜାର ଲୋକ ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। ଏହି ରାସ୍ତା ଦୀର୍ଘ ବର୍ଷ ହେବ ଏପରି ଦୁର୍ଦ୍ଦିନ ଅବସ୍ଥାରେ ଥିବାରୁ ଗ୍ରାମବାସୀ ମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଗ୍ରାମ୍ୟ ଉନ୍ନୟନ କିମ୍ବା ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାଟିକୁ ଯଥାଶୀଘ୍ର ନିର୍ମାଣ କରିବାକୁ ଦାବି କରିଛନ୍ତି। ଏଥିରେ ଗ୍ରାମର ବାସିନ୍ଦା ସିକୁନ ପ୍ରଧାନ, ଆସା ସ୍ୱାଇଁ, ସଞ୍ଜୟ କୁମାର ପ୍ରଧାନ, ନଳୀନି ପ୍ରଧାନ ଓ ରଜନୀ ପ୍ରଧାନ ପ୍ରମୁଖ ସମେତ ବହୁ ସଂଖ୍ୟାରେ ମହିଳା ଗ୍ରାମବାସୀ ମାନେ ସାମିଲ ରହିଥିଲେ।

ଫତିମା ଶେଖ୍ ଓ କାଂଶୀରାମଙ୍କ ପରିନିର୍ବାଣ ଦିବସ

ସମ୍ବଲପୁର, ୧୦।୧୦(ସମିସ): ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ତରଫରୁ ଫତିମା ଶେଖ୍ଙ୍କ ୧୨୬ତମ ଓ କାଂଶୀରାମ ସାହେବଙ୍କ ୨୦ତମ ମହା ପରିନିର୍ବାଣ ଦିବସ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ଭବନରେ ଅଧକ୍ଷ ନିହାଲ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ମୋମିନା ଖାତୁନ, ମୁଖ୍ୟ ବକ୍ତା ଶେଖ୍ ଇନ୍ତିଖାପ, ସମ୍ମାନୀତ ଅତିଥି ରୁପାଞ୍ଜଳି ରନବିଡ଼ା, ଭବାନୀ ସୋହେଲା, ଅମିନ ମହାନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ଧନ୍ୟବାଦ ଅର୍ପଣ ହ୍ରଦ ମଲ୍ଲିକ ଦେଇଥିବା ବେଳେ ସୁରେଶ ବାଘ, ପଦମା ମହାନନ୍ଦ, ପିଙ୍କି ଲୁହା, ରଜନୀ ମହାନନ୍ଦ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

ଇଂରାଜୀ ବିତର୍କରେ ଛାତ୍ରୀ ପ୍ରଥମ

ପଦ୍ମପୁର, ୧୦।୧୦(ସମିସ): ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ବରଗଡ଼ ଜିଲ୍ଲା ବନ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଇଂରାଜୀ ବିତର୍କ ପ୍ରତିଯୋଗିତାରେ ପଦ୍ମପୁରର ଆରାଧ୍ୟା ଦୋରା ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେ ପଦ୍ମପୁର ଜେନିଥ ଲାଏନ୍ସ ଗୁରୁକୁଳର ଅଷ୍ଟମ ଶ୍ରେଣୀ ଛାତ୍ରୀ। ବରଗଡ଼ ବିଜୁ ପଟ୍ଟନାୟକ ଟାଉନ୍ ହଲ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ପଦ୍ମପୁରର ପକ୍ଷୀ ପ୍ରେମୀ ବିଜୟ ସାହୁ ପୁରସ୍କୃତ

ବରଗଡ଼, ୧୦।୧୦(ସମିସ): ୭୨ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ ବରଗଡ଼ ଜିଲ୍ଲାସ୍ତରୀୟ ଉତ୍ସବରେ ପଦ୍ମପୁର ଉପଖଣ୍ଡର ପରିବେଶ ପ୍ରେମୀ ବରିଷ୍ଠ ସାମ୍ବାଦିକ ବିଜୟ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ପକ୍ଷୀଙ୍କ ପାଇଁ ବିଭିନ୍ନ ବୃକ୍ଷରେ ୫ ହଜାରରୁ ଅଧିକ ବସା ନିର୍ମାଣ କରି ସେ ଏହି ସମ୍ମାନ ପାଇଛନ୍ତି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଅତାବିରା ବିଧାୟକ ନିହାର ମହାନନ୍ଦ ଓ ବନ ବିଭାଗର ବରିଷ୍ଠ ଅଧିକାରୀ ସିସିଏଫ ସମ୍ରାଟ ଗୌଡ, ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡାଙ୍କ ଉପସ୍ଥିତିରେ ତାଙ୍କୁ ମାନପତ୍ର ଓ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି।

ଶୁଣ୍ଢି ସମାଜର ଆଶ୍ରା ବୃଦ୍ଧାଶ୍ରମ ପରିଦର୍ଶନ

ବରଗଡ଼, ୧୦।୧୦(ସମିସ): ବରଗଡ଼ ଶୁଣ୍ଢି ସମାଜ କର୍ମକର୍ତ୍ତା ବରଗଡ଼ ନିକଟସ୍ଥ ଦଶମାଇଲ ଛକରେ ଥିବା ଆଶ୍ରା ବୃଦ୍ଧାଶ୍ରମ ପରିଦର୍ଶନ କରିଛନ୍ତି। ସେଠାରେ ରହୁଥିବା ଅନ୍ତେବାସୀଙ୍କ ସହ ସମୟ ବିତାଇଥିଲେ। ସେମାନଙ୍କ ସୁଖ ଦୁଃଖ ବୁଝିବା ସହ ସହାୟତାର ହାତ ବଢ଼ାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମସ୍ତ ଅନ୍ତେବାସୀଙ୍କ ପାଇଁ ନୂତନ ଶାଢ଼ୀ, ଛୁଆଙ୍କ ପାଇଁ ନୂତନ ବସ୍ତ୍ର, ଜଗୁଆଳି ପାଇଁ ପ୍ୟାଣ୍ଟ ସାର୍ଟ ସହ ସମସ୍ତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସଭାପତି ଉଦ୍ଧବ ଚରଣ ବେହେରା, ଉପଦେଷ୍ଟା ଡ. ପାଣ୍ଡବ ବେହେରା, ସୁନୀତା ବେହେରା, ସୁଜାତା ବେହେରା, ମୀନାକ୍ଷୀ ପରିଡ଼ା, ମିଳିପାମା ବେହେରା ଓ ଗୀତାଞ୍ଜଳି ସାହୁ ପ୍ରମୁଖ ଆଶ୍ରା ବୃଦ୍ଧାଶ୍ରମ ପରିଦର୍ଶନ କରିଥିଲେ।

ବରଗଡ଼ ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା

ବରଗଡ଼, ୧୦।୧୦(ସମିସ): ନୁନିଆ ଜାମପାଲି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବରଗଡ଼ ବ୍ଲକସ୍ତରୀୟ କବାଡି ପ୍ରତିଯୋଗିତା ଓ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସମ୍ପାଦକ ସମ୍ପୂର୍ଣ୍ଣ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିରେନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିଲେ। ବରଗଡ଼ ବିଇଓ ଭାବନା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କିରଣ ପ୍ରଧାନ, ଏବିଇଓ ଦାନୁ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରଗଡ଼ ବ୍ଲକସ୍ତରୀୟ ଟିମ୍ ଚୟନ କରାଯାଇଥିଲା। ଚୟନ କରାଯାଇଥିବା ଦଳ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଘୋଷଣା କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବକୁ ଆଲୋକ ପ୍ରଧାନ ସଂଯୋଜନା କରିଥିବା ବେଳେ ସାନନ୍ଦ ଭୋଇ, ପରମାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଗଣେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

କଦଳୀପାଲିରେ ରକ୍ତଦାନ ଶିବିର

ବରଗଡ଼, ୧୦।୧୦(ସମିସ): ବରପାଲି ବ୍ଲକ କଦଳୀପାଲି ଗୋପବନ୍ଧୁ କ୍ଲବ୍ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର କଦଳୀପାଲିରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବରେଣ୍ୟ ଅତିଥି ଭାବେ ବାଗବାଡି ଜୋନ ଜିଲ୍ଲା ପରିଷଦ ଗୋବିନ୍ଦ ସାହୁ, ମହୁଲପାଲି ସମିତି ସଭ୍ୟା ସ୍ୱର୍ଣ୍ଣମୟୀ ଭୋଇ, ବୁଧରାଜ ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୫୫ ୟୁନିଟ୍ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। କ୍ଲବର ସଭାପତି କ୍ଷିତିପତି ପ୍ରଧାନ, ଗଙ୍ଗାଧର ପ୍ରଧାନ, ଆଶିଷ ଭୋଇ, ନରେଶ ପ୍ରଧାନ, ସିଲୁ ଭୋଇ, ବିବେକାନନ୍ଦ ଭୋଇ, ଉମେଶ ପ୍ରଧାନ, ପପ୍ପୁ ଭୋଇ ରାହୁଲ ଭୋଇ, ବିକେଶ ପ୍ରଧାନ, ପ୍ରଦୀପ ପ୍ରଧାନ, ରିଙ୍କୁ ବେହେରା, ବୈକୁଣ୍ଠ ପ୍ରଧାନ, ପୀତବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାନସିକ ଅନଗ୍ରସର ରୋଗୀଙ୍କ ସେବା କରାଯାଇଥିଲା।

ଝାରସୁଗୁଡ଼ା ବିମାନବନ୍ଦରରେ ୬ ମିନିଟ୍‌ର ପିକ୍-ଆଣ୍ଡ-ଡ୍ରପ୍ ପାଇଁ ୩୦ ଟଙ୍କା

ସମ୍ବଲପୁର, ୧୦।୧୦ (ସମିସ) : ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଯାତ୍ରୀଙ୍କୁ ଛାଡ଼ିବା ପାଇଁ ମାତ୍ର ଛଅ ମିନିଟ୍ ରହିଥିବା ଏକ ଘରୋଇ କାର୍‌ଠାରୁ ୩୦ ଟଙ୍କା ଶୁଳ୍କ ଆଦାୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର। ଆଜି ଘରୋଇ କାର୍‌ଟି ଅପରାହ୍ନ ୧ଟା ୪୪ ମିନିଟ୍‌ରେ ବିମାନବନ୍ଦରରେ ପ୍ରବେଶ କରି ୧ଟା ୫୦ ମିନିଟ୍‌ରେ ବାହାରିଥିଲା। ରସିଦରେ ୬ ମିନିଟ୍ ୪ ସେକେଣ୍ଡ ପାଇଁ ୩୦ ଟଙ୍କା ଶୁଳ୍କ ଆଦାୟ ହୋଇଥିବା ଉଲ୍ଲେଖ ରହିଛି। ଅଭିଯୋଗ ଅନୁଯାୟୀ, ଗାଡ଼ିଟି କେବଳ ଯାତ୍ରୀଙ୍କୁ ଛାଡ଼ିବାକୁ ଯାଇଥିଲା। ପାର୍କିଂ ସ୍ଥାନ ମଧ୍ୟ ଖାଲି ରହିଥିଲା। ଯାତ୍ରୀଙ୍କୁ ଛାଡ଼ିବା ଏବଂ ଗାଡ଼ି ପାର୍କିଂ କରିବା କ'ଣ ସମାନ ବୋଲି ଆଇନଜୀବୀ ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ପିକ୍-ଆଣ୍ଡ-ଡ୍ରପ୍ ବ୍ୟବସ୍ଥା କେଉଁଠି ରହିଲା। ଭାରତୀୟ ବିମାନବନ୍ଦର ପ୍ରାଧୀକରଣ (ଏଏଆଇ)ର ଏକ ଟେଣ୍ଡର ଦଲିଲରେ କେତେକ ପିକ୍ ଅପ୍ ଓ ଡ୍ରପ୍ ପାଇଁ ୧୨ ମିନିଟ୍‌ର ଅନୁମତିଯୋଗ୍ୟ ସମୟ ସମ୍ପର୍କରେ ଉଲ୍ଲେଖ ରହିଥିବା ଦାବି ହୋଇଛି। ଏହି ବ୍ୟବସ୍ଥା ଝାରସୁଗୁଡ଼ା ବିମାନବନ୍ଦରରେ ଲାଗୁ କି ନାହିଁ, ତାହା ସ୍ପଷ୍ଟ ହେବା ଆବଶ୍ୟକ। ଶ୍ରୀ ମିଶ୍ର ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକଙ୍କୁ ଏକ ପତ୍ର ଜରିଆରେ ଏଏଆଇ କର୍ତ୍ତୃପକ୍ଷଙ୍କଠାରୁ ଅନୁମୋଦିତ ଶୁଳ୍କ ତାଲିକା, ସମ୍ପୃକ୍ତ ଚୁକ୍ତିର ସର୍ତ୍ତାବଳୀ ଏବଂ ଏହି ଆଦାୟର ଆଧାର ସମ୍ପର୍କରେ ସ୍ପଷ୍ଟୀକରଣ ଦାବି କରିଛନ୍ତି। ସୁପ୍ରିମକୋର୍ଟ ଆଇନଜୀବୀ ଶ୍ରୀ ମିଶ୍ର ଉଲ୍ଲେଖ କରିଛନ୍ତି ଯେ, ଉଦ୍ଦେଶ୍ୟ ଶୁଳ୍କକୁ ବିରୋଧ କରିବା ନୁହେଁ, ବରଂ ତାହାର ଆଧାର ଓ ନିୟମ ସମ୍ପର୍କରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଆବଶ୍ୟକ।

ପାନ୍ଥନିବାସରେ ନଗଦ ଦେୟ ନିଷେଧର ଉତ୍ତର ଦେଲା ଓଟିଡିସି

ସମ୍ବଲପୁର, ୧୦।୧୦ (ସମିସ): ସମ୍ବଲପୁରର ପାନ୍ଥନିବାସରେ 'ନଗଦ ଦେୟ ନାହିଁ' (ନୋ କେସ୍ ପେମେଣ୍ଟସ୍ ପ୍ଲିଜ୍) ବୋଲି କାଉଣ୍ଟରରେ ଉଲ୍ଲେଖ କରାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ନୋଟିସ୍‌କୁ ନେଇ ସୁପ୍ରିମକୋର୍ଟ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ମିଶ୍ର ଓଟିଡିସିକୁ ୧୦-୯-୨୦୨୬ରେ ଇ-ମେଲ ଜରିଆରେ ଅଭିଯୋଗ କରିଥିଲେ। ଏହାର ପ୍ରାୟ ମାସକ ପରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଲିଖିତ ଉତ୍ତର ଦେଇଛି। ଏଥିରେ ଓଟିଡିସି ନିଜର ୧୩୨ତମ ବୋର୍ଡ ବୈଠକର ବିବରଣୀ ଉଲ୍ଲେଖ କରିଛି। ୨୧ ମାର୍ଚ୍ଚ ୨୦୨୫ରେ ଅନୁଷ୍ଠିତ ଏହି ବୈଠକରେ ନଗଦ ଅର୍ଥ ହେରଫେରକୁ ରୋକିବା ପାଇଁ ପର୍ଯ୍ୟଟକ ଓ ଅତିଥିମାନଙ୍କୁ ଅନଲାଇନ୍ ପେମେଣ୍ଟ କରିବାକୁ ଉତ୍ସାହିତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ତଦନୁଯାୟୀ, ସମସ୍ତ ଓଟିଡିସି ଶାଖା ଗୁଡ଼ିକ ନଗଦବିହୀନ (କେସ୍‌ଲେସ୍) ଟ୍ରାନ୍‌ଜେକ୍ସନ୍ କରିବାପାଇଁ ନୋଟିସ ପ୍ରଦର୍ଶିତ କରିଛନ୍ତି। ଏହି ଉତ୍ତର ସନ୍ତୋଷଜନକ ହୋଇପାରିନାହିଁ। ଆଇନଜୀବୀ ଶ୍ରୀ ମିଶ୍ର କହିଛନ୍ତି ଯେ, ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ରହିଛି। ଡିଜିଟାଲ୍ ପେମେଣ୍ଟକୁ ଉତ୍ସାହିତ କରିବା ଏବଂ ନଗଦ ପେମେଣ୍ଟକୁ ସମ୍ପୂର୍ଣ୍ଣ ନିଷେଧ କରିବା ଏକା କଥା ନୁହେଁ। ଓଟିଡିସି ଦ୍ୱାରା ଦିଆଯାଇଥିବା ବୋର୍ଡ ବୈଠକର ବିବରଣୀରେ ଅନଲାଇନ୍ ପେମେଣ୍ଟକୁ ଉତ୍ସାହିତ କରିବା କଥା କୁହାଯାଇଛି। କିନ୍ତୁ ସମ୍ବଲପୁର ପାନ୍ଥନିବାସରେ ଲଗାଯାଇଥିବା ନୋଟିସ୍‌ରେ ସ୍ପଷ୍ଟ ଭାବେ ଲେଖାଯାଇଛି "ନୋ କେସ୍ ପେମେଣ୍ଟସ୍ ପ୍ଲିଜ୍"। ଡିଜିଟାଲ୍ ପେମେଣ୍ଟକୁ ଉତ୍ସାହିତ କରିବାର ଏକ ପରାମର୍ଶକୁ ନଗଦ ପେମେଣ୍ଟ ଉପରେ ପ୍ରତିବନ୍ଧକରେ ପରିଣତ କରିବା ପାଇଁ ନିର୍ଦ୍ଦିଷ୍ଟ ଆଦେଶ କିମ୍ବା ଅଧିକାର କେଉଁଠାରେ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା ସମ୍ପୃକ୍ତ ବିଭାଗ ସ୍ପଷ୍ଟ କରିବା ଆବଶ୍ୟକତା ରହିଛି।

ସୁଇଟ୍‌ରେ ଏଡବ୍ଲ୍ୟୁଏସ୍ ଷ୍ଟୁଡେଣ୍ଟ କମ୍ୟୁନିଟି ଡେ'ଉଦ୍‌ଯାପିତ

ସମ୍ବଲପୁର, ୧୦।୧୦(ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୁକ୍ତି ପ୍ରତିଷ୍ଠାନ(ସୁଇଟ୍)ର ଏପିଜେ ଅବଦୁଲ କଲାମ ଅଡିଟୋରିୟମ୍‌ରେ ଏଡବ୍ଲ୍ୟୁଏସ୍ ଷ୍ଟୁଡେଣ୍ଟ ବିଲ୍ଡର ଗ୍ରୁପ୍ ପକ୍ଷରୁ ଆୟୋଜିତ ଚାରିଦିନିଆ 'ଏଡବ୍ଲ୍ୟୁଏସ୍ ଷ୍ଟୁଡେଣ୍ଟ କମ୍ୟୁନିଟି ଡେ' ୨୦୨୬' ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ସୃଜନଶୀଳତାକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ହ୍ୟାକାଥନ୍, ଟେକ୍ ପାର୍ଲାମେଣ୍ଟ ଓ 'ବିଲ୍ଡ-ଏ-ବଟ୍' ଭଳି ବିଭିନ୍ନ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ନିଜର ବୈଷୟିକ ଜ୍ଞାନ ଓ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ଦେଇଥିଲା। ସୁଇଟ୍‌ର ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ଜେନା ଏଭଳି କାର୍ଯ୍ୟକ୍ରମକୁ ଶିକ୍ଷା ଓ ବାସ୍ତବ ଦୁନିଆର ପ୍ରଯୁକ୍ତିଗତ ଆବଶ୍ୟକତା ମଧ୍ୟରେ ଏକ ସଂଯୋଗ ଭାବେ ଗୁରୁତ୍ୱ ଦେଇଥିଲେ। ଉଦ୍‌ଯାପନୀ ଅଧିବେଶନରେ ଗୁଗୁଲ୍ ମିଂସ୍.ଏଆଇର ସହ-ପ୍ରତିଷ୍ଠାତା ଅଭିଜିତ ସାହୁ ଯୋଗଦେଇଥିଲେ। ତାଙ୍କ ସହ ଏକ ପଡ୍‌କାଷ୍ଟ ଅଧିବେଶନ ଆୟୋଜିତ ହୋଇଥିଲା, ଯେଉଁଥିରେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ଷ୍ଟାର୍ଟଅପ୍ ଜଗତ ସମ୍ପର୍କିତ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହା ଛାତ୍ରଛାତ୍ରୀଙ୍କୁ ଶିଳ୍ପଜଗତର ଅଭିଜ୍ଞତା ଓ ନୂତନ ଚିନ୍ତାଧାରା ସହ ପରିଚିତ ହେବାର ସୁଯୋଗ ଦେଇଥିଲା। କମେଡିଆନ୍ ବିଶାଳ ମହାନ୍ତି ଓ ରିତେନ ପଟ୍ଟନାୟକଙ୍କ ପରିବେଷଣ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ସୃଷ୍ଟି କରିଥିଲା। ଏହା ସହିତ ବିଭିନ୍ନ ବୈଷୟିକ ପ୍ରତିଯୋଗିତାର ବିଜେତା ଓ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ, ଡିନ୍ ଓ ଅଧ୍ୟାପକମାନେ ଏହି ଅବସରରେ ଉପସ୍ଥିତ ଥିଲେ।

ବରଗଡ଼ରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବରଗଡ଼, ୧୦।୧୦ (ସମିସ): ବରଗଡ଼ ଟୋଲ୍ ଗେଟ୍‌ରେ ସଡ଼କ ସୁରକ୍ଷା ସଚେତନ କରାଯାଇଛି। ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ ପାଣିଗ୍ରାହୀ, ସୁବାସ ବାରିକ, ଅଶୋକା ଟୋଲ ପ୍ଲାଜର ତପନ ସେଠୀ, ଜି.କାନ୍ତି କୁମାର, ରମେଶ ବୋରକର ପ୍ରମୁଖ ଉପସ୍ଥିତ ଥିଲେ। ସଡ଼କ ସୁରକ୍ଷା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ। ଏହା ପ୍ରତ୍ୟେକ ନାଗରିକଙ୍କ ନୈତିକ କର୍ତ୍ତବ୍ୟ। ଟ୍ରାଫିକ୍ ନିୟମ ମାନିବା, ଦୁଇଚକିଆ ଯାନ ଚଳାଇବା ସମୟରେ ହେଲମେଟ୍ ପିନ୍ଧିବା, କାର୍‌ରେ ସିଟ୍‌ବେଲ୍ଟ ବ୍ୟବହାର କରିବା, ଦ୍ରୁତଗତିରେ ଗାଡ଼ି ନ ଚଳାଇବା ଏବଂ ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍‌ର ବ୍ୟବହାର ନ କରିବା ଭଳି ନିୟମ ପାଳନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଯେଉଁମାନେ ହେଲମେଟ ପିନ୍ଧିଥିଲେ ତାଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ଯେଉଁମାନେ ହେଲମେଟ ପିନ୍ଧି ନ ଥିଲେ ତାଙ୍କୁ ହେଲମେଟ ପ୍ରଦାନ କରାଯାଇଥିଲା। ତେବେ ସାମାନ୍ୟ ଅସାବଧାନତା ଯୋଗୁଁ ଅନେକ ମୂଲ୍ୟବାନ ଜୀବନ ଅକାଳରେ ଝଡ଼ିପଡୁଛି। ତେଣୁ ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ପ୍ରେରିତ କରିବା ଆବଶ୍ୟକ। ଏକ ସୁରକ୍ଷିତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଓ ଦାୟିତ୍ୱବୋଧ ଅପରିହାର୍ଯ୍ୟ ବୋଲି ଲୋକଙ୍କୁ ସତର୍କ ଓ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଦୀପ ପାଣିଗ୍ରାହୀ, ବିନୋଦ ଦାଶ, ଦଳାନି ସା, ବର୍ଷାରାଣୀ ମୁଣ୍ଡଙ୍କ ସମେତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ବହୁ ଅଧିକାରୀ ଉପସ୍ଥିତ ଥିଲେ।

ଜାତୀୟ ଶିଶୁ ଦିବସରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ୪ ଛାତ୍ରୀ

ପଦ୍ମପୁର, ୧୦।୧୦ (ସମିସ): ଜାତୀୟ ସ୍ତରରେ ଓଡ଼ିଶାର ଗୌରବ ବଢ଼ାଇବେ ଏକ ଟଙ୍କିଆ ସଙ୍ଗୀତ ସ୍କୁଲର ଚାରିଜଣ ପ୍ରତିଭାବାନ ଛାତ୍ରୀ। ଦିଲ୍ଲୀରେ ଆସନ୍ତା ୨୮ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ଶିଶୁ ଦିବସରେ ଏହି ଛାତ୍ରୀମାନେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ଗୌରବମୟ ସୁଯୋଗ ପାଇଥିବା ଛାତ୍ରୀମାନେ ହେଲେ ମେହେକ ଅଗ୍ରୱାଲ, ନେହାରାଣୀ ପ୍ରଧାନ, ସ୍ରିୟାନସୀ ଦାଶ ଓ ଜ୍ୟୋତିର୍ମୟୀ ମେହେର। ଦେଶର ବିଭିନ୍ନ ରାଜ୍ୟରୁ ମନୋନୀତ ୧୨୦ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ଚାରିଜଣ ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ରାଜ୍ୟରୁ ଚାରିଜଣ ଲେଖାଏଁ ଛାତ୍ରଛାତ୍ରୀ ଏହି ଜାତୀୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି।

ନୂଆଁଖାଇ ଜୁହାର ଭେଟ୍ ଓ କୋଶଲ ସମାବେଶ

ବରଗଡ଼, ୧୦।୧୦(ସମିସ): ବରଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଟାଉନ୍ ହଲ୍‌ରେ କୋଶଲ ସେନା ପକ୍ଷରୁ ନୂଆଁଖାଇ ଜୁହାର ଭେଟ୍ ତଥା କୋଶଲ ସମାବେଶ-୨୦୨୬ ଧୁମ୍‌ଧାମରେ ଆୟୋଜିତ ହୋଇଯାଇଛି। କୋଶଲ ସେନାର ସଭାପତି କୌସ୍ତୁଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ସଂଗଠନର ସମ୍ପାଦକ ବୀରବଳ ମହାକୁର ଉପସ୍ଥିତ ଥିଲେ। ସ୍ୱପ୍ନିକା ସାହୁ ଓ ଅଶୋକ ଛତର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ 'ବାଲ୍‌କୋ ହଟାଓ, ଗନ୍ଧମାର୍ଦ୍ଦନ ବଚାଓ' ଆନ୍ଦୋଳନର ମୁଖ୍ୟ ସଂଗ୍ରାମୀ ସ୍ୱାମୀ ସୋମବେଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରେଣ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଲଧର ନାଗ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା, ନରେନ୍ଦ୍ର ହୋତା, ସମ୍ବଲପୁରୀ କଳା ଓ ସାହିତ୍ୟ ଜଗତର ଜଣାଶୁଣା କଳାକାର ତଥା ଅଭିନେତ୍ରୀ ତପସ୍ୱିନୀ ଗୁରୁ, ଜ୍ଞାନେନ୍ଦ୍ର ବେହେରା, ଉତ୍ପନ୍ନ ଭୋଇ, ଚାଷୀ ନେତା ରମେଶ ମହାପାତ୍ର, ଆଇନଜୀବୀ ଅଜିତ ଶତପଥୀ, କୋଶଲ ସଂଗ୍ରାମୀ ସୁରେନ୍ଦ୍ର ପଣ୍ଡା, ଶାଶ୍ୱତ ତ୍ରିପାଠୀ, ହିଟଲର ମେହେର, ଗୀତିକାର ଶିବଶଙ୍କର ପଧାନ, ନିହାଲ ସିଂ ଓ ଡ. ମୁରଲୀଧର ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ବରଗଡ଼ ରକ୍ତ ଭଣ୍ଡାରକୁ ହସ୍ତାନ୍ତର କରାଯାଇଥିଲା। ଏଥିସହ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷ, ସମାଜସେବୀ, ସାମାଜିକ କର୍ମୀ ଓ ବିଭିନ୍ନ ସଂଗଠନକୁ ସମ୍ମାନିତ କରାଯାଇଥିଲା। କୋଶଲ ସେନାର ଅବିନାଶ ବିଶି, ଗଣେଶ ମଟାରି, ସରୋଜ ପଧାନ, ଯଦୁମଣି କୁଦେଇ, ରୋହନ ପଧାନ, ହିମାଂଶୁ ମହାକୁର, ରାହୁଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୋଶଲ ସେନାର ବରଗଡ଼ ଜିଲ୍ଲା ସଭାପତି ସୁଦାମ ଚରଣ ପାତ୍ର ଧନ୍ୟବାଦ ଅର୍ପଣ ଦେଇଥିଲେ।

ପଡ଼ିଆବାହାଲ ରାମଲୀଳା ପାଇଁ କଳାକାର ବରଣ

ସମ୍ବଲପୁର, ୧୦।୧୦(ସମିସ): ପଡ଼ିଆବାହାଲ ଦୁର୍ଗାପୂଜା କମିଟି ପକ୍ଷରୁ ଶାରଦୀୟ ଉତ୍ସବରେ ରାମଲୀଳା ମଞ୍ଚସ୍ଥ ହେବ। ଏଥିପାଇଁ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରିବାକୁ ଡ. ତୋଷଧର ବାରିକ (ତୁଷାର)ଙ୍କୁ କମିଟି ସଦସ୍ୟମାନେ ବରଣ କରିଛନ୍ତି। ଏହି ଅବସରରେ କମିଟିର ସାଂସ୍କୃତିକ ସମ୍ପାଦକ ଝସକେତନ ନାଏକ, ସହସମ୍ପାଦକ ଆକାଶ ବେହେରା, କମିଟି ସହସମ୍ପାଦକ ପ୍ରବୀଣ ସୁପକାର ଏବଂ କମିଟି ସଦସ୍ୟ ତଥା ମହାଲକ୍ଷ୍ମୀ ବ୍ୟବସାୟୀ ସଂଘର ସଭାପତି ବେଣୁଧର ତ୍ରିପାଠୀ ଉପସ୍ଥିତ ରହି ଶ୍ରୀ ବାରିକଙ୍କୁ ବରଣ କରିଥିଲେ।

ବଡ଼ମାଲ ହାଇସ୍କୁଲରେ ବନ୍ୟପ୍ରାଣୀ ଦିବସ

ଭଟଲି, ୧୦।୧୦(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ବଡ଼ମାଲ ହାଇସ୍କୁଲ ପରିସରରେ ଇକୋ କ୍ଲବ୍ ଆନୁକୂଲ୍ୟରେ ୭୨ତମ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତଥା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଦର୍ଶନିଆ ଭୋଇ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ ଡନସନା, ସମ୍ମାନିତ ଅତିଥି ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ତେଜ ମେହେର, ଗୋପାଳପୁର ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଉଚ୍ଛବ ଭୁଏ, ବନପାଳ କଂଗ୍ରେସ ସୁନା, ବିଦ୍ୟାଳୟ କମିଟିର ଅଧକ୍ଷ ନରେନ୍ଦ୍ର ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଇକୋ କ୍ଲବ୍ ଶିକ୍ଷୟିତ୍ରୀ ସୁଧାରାଣୀ ପ୍ରଧାନ ବନ୍ୟ ପ୍ରାଣୀ ସପ୍ତାହ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ବୈଠକରେ ବନ୍ୟପ୍ରାଣୀ ସଂରକ୍ଷଣର ଆବଶ୍ୟକତା ଏବଂ ବନ୍ୟଜୀବଙ୍କ ସୁରକ୍ଷା ଦିଗରେ ଛାତ୍ରଛାତ୍ରୀ ଓ ଜନ ସାଧାରଣଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବନ୍ୟଜୀବ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତାରେ ଛାତ୍ର ଆୟୁଷ ସାହୁ ପ୍ରଥମ, ଛାତ୍ରୀ ସୁପ୍ରିୟା ନାଏକ ଦ୍ୱିତୀୟ ଓ ପୂର୍ଣ୍ଣିମା ସା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅର୍ଚ୍ଚନା ପ୍ରଧାନ, ପଦ୍ମିନୀ ବିଶ୍ୱାଳ, ଶିଳା ଭୋଇ, ସଂଯୁକ୍ତା ପ୍ରଧାନ, ଜ୍ୟୋତିର୍ମୟୀ ସାହୁ, ଅଞ୍ଜଳି ଗଣିତ, ଶିକ୍ଷକ ପ୍ରମୋଦ ପଟେଲ ଓ ଇକୋ କ୍ଲବ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଅଗସ୍ତି ସାହୁ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ମମତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଖୁବ୍‌ଶୀଘ୍ର ଲୋକାର୍ପିତ ହେବ ସିଲିକନ୍ ସୁପରସ୍ପେଶାଲିଟି ହସ୍ପିଟାଲ

ସମ୍ବଲପୁର, ୧୦।୧୦(ସମିସ)

ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ଅଧ୍ୟାୟ। ସମ୍ବଲପୁର ଶାସନସ୍ଥିତ ୪୫୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ସୁପରସ୍ପେଶାଲିଟି ସିଲିକନ୍ ହସ୍ପିଟାଲ ଖୁବ୍‌ଶୀଘ୍ର ଲୋକଙ୍କ ପାଇଁ ଖୋଲିବାକୁ ଯାଉଛି। ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ପଶ୍ଚିମ ଓଡ଼ିଶାର ଲୋକଙ୍କୁ ଉନ୍ନତ ଚିକିତ୍ସାସେବା ଯୋଗାଇବା ସହ ଏହି ଅଞ୍ଚଳର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଏକ ନୂଆ ଦିଗ ମିଳିବ ବୋଲି ଆଶା କରାଯାଉଛି। ଶୁକ୍ରବାର ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଏବଂ ବରିଷ୍ଠ ବିଜେପି ନେତା ନାଉରୀ ନାଏକ ଶାସନସ୍ଥିତ ସିଲିକନ୍ ଇଞ୍ଜିନିୟରିଂ କଲେଜ ଓ ନବନିର୍ମିତ ସୁପରସ୍ପେଶାଲିଟି ହସ୍ପିଟାଲ ପରିଦର୍ଶନ କରିଥିଲେ। ସିଲିକନ୍ ଗ୍ରୁପ୍‌ର ଅଧ୍ୟକ୍ଷ ସଞ୍ଜୀବ ନାୟକ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ହସ୍ପିଟାଲର ବିଭିନ୍ନ ବିଭାଗ ଓ ଚିକିତ୍ସା ଭିତ୍ତିଭୂମି ସମ୍ପର୍କରେ ଅବଗତ କରାଇଥିଲେ। ହସ୍ପିଟାଲରେ ନିର୍ମିତ ଆଧୁନିକ ଚିକିତ୍ସା ଭିତ୍ତିଭୂମି ଏହି ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବାର ସମ୍ଭାବନାକୁ ଆହୁରି ଉଜ୍ଜ୍ୱଳ କରିଛି। ମନ୍ତ୍ରୀ ରବି ନାଏକ କହିଥିଲେ ଯେ, ସିଲିକନ୍ ସୁପରସ୍ପେଶାଲିଟି ହସ୍ପିଟାଲ କାର୍ଯ୍ୟକ୍ଷମ ହେବାପରେ ଉନ୍ନତ ଚିକିତ୍ସା ପାଇଁ ପଶ୍ଚିମ ଓଡ଼ିଶାର ଲୋକଙ୍କୁ ଆଉ ଜିଲ୍ଲା ବାହାର ସ୍ୱାସ୍ଥ୍ୟସେବା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ବିଶେଷକରି ଜଟିଳ ରୋଗର ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ ଏହି ହସ୍ପିଟାଲ ଏକ ନୂଆ ଆଶାର କେନ୍ଦ୍ର ହେବାକୁ ଯାଉଛି। ବରିଷ୍ଠ ବିଜେପି ନେତା ନାଉରୀ ନାଏକ ହସ୍ପିଟାଲର ଭିତ୍ତିଭୂମି ଓ ଚିକିତ୍ସା ବ୍ୟବସ୍ଥା ପରିଦର୍ଶନ କରିବା ସହ ଏହି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ସିଲିକନ୍ ଗ୍ରୁପ୍‌ର ସି.ଇ.ଓ ଡା ଜ୍ୟୋତି ପ୍ରକାଶ ପରିଜଣ ଓ ସମଗ୍ର ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ସିଲିକନ୍ ଗ୍ରୁପ୍‌ର ଅଧ୍ୟକ୍ଷ ସଞ୍ଜୀବ ନାୟକ ହସ୍ପିଟାଲର ନିର୍ମାଣ ଓ ଚିକିତ୍ସା ଭିତ୍ତିଭୂମିର ବିକାଶ ନେଇ ଖୁସି ପ୍ରକାଶ କରିବା ସହ ହସ୍ପିଟାଲଟି ଖୁବ୍‌ଶୀଘ୍ର ଲୋକଙ୍କ ପାଇଁ ଖୋଲାଯିବ ବୋଲି ଜଣାଇଥିଲେ। ୪୫୦ ଶଯ୍ୟା ବିଶିଷ୍ଟ ଏହି ସୁପରସ୍ପେଶାଲିଟି ହସ୍ପିଟାଲ ଆରମ୍ଭ ହେବା ସହ ସମ୍ବଲପୁର ତଥା ସମଗ୍ର ପଶ୍ଚିମ ଓଡ଼ିଶାରେ ଉନ୍ନତ ଚିକିତ୍ସାସେବାର ଏକ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି ବୋଲି ସେ କହିଥିଲେ।

ସାକ୍ଷାତ୍କାର

"ଦର୍ଶକଙ୍କ ପସନ୍ଦର ଚରିତ୍ର ମୋ ଡ୍ରିମ୍‌ରୋଲ"

ଲୋଟନ ଖଟେଇ, ଅଭିନେତା

ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେବା ପରେ ଉଭୟ ଧାରାବାହିକ ଓ ଚଳଚ୍ଚିତ୍ରରେ ନିଜର ଭାଗ୍ୟ ପରୀକ୍ଷା କରିସାରିଛନ୍ତି ଯୁବ ଅଭିନେତା ଲୋଟନ ଖଟେଇ । ଜନ୍ମ ତାଙ୍କର ଶ୍ରୀକ୍ଷେତ୍ର ଧାମରେ ହେଲେ ପଶ୍ଚିମ ବଙ୍ଗ ସହିତ ରହିଛି ତାଙ୍କର ଘନିଷ୍ଠ ସମ୍ପର୍କ । ନାୟକ ଓ ଖଳନାୟକ ଉଭୟ ଭୂମିକାରେ ଅଭିନୟ କରି ସେ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି । ଧାରାବାହିକ 'ସିନ୍ଦୂରର ଅଧିକାର'ରୁ ଡେବ୍ୟୁ କରି ପରେ ସେ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ଭେଟିଦେଇଛନ୍ତି 'ମୁରବୀ' ଭଳି ଲୋକପ୍ରିୟ ସିନେମା । ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ଲୋଟନଙ୍କ ମୁହଁରୁ ଜାଣିବା ତାଙ୍କର ସଂଘର୍ଷର କାହାଣୀ ।

ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?

- ଭଲ କଳାକାର ହେବାର ଇଚ୍ଛା ଥିଲେ ବି ଉପଯୁକ୍ତ ପ୍ଲାଟ୍‌ଫର୍ମ ସମସ୍ତଙ୍କୁ ମିଳିପାରେନି । ମୁଁ ଜଣେ ମେକାନିକାଲ ଇଞ୍ଜିନିୟର । ଚାକିରି କରୁଥିଲି । ହେଲେ କଳାକାର ହେବାର ଆଗ୍ରହ ମୋତେ ଚାକିରି ଜୀବନରେ ବେଶୀ ଦିନ ବାନ୍ଧି ରଖିପାରିନଥିଲା । ୨୦୧୮ ମସିହାରେ ମୁମ୍ବାଇ ଯାଇ ମଞ୍ଚରେ ଯୋଗଦେଲି । କରୋନା ହେଲା, ଓଡ଼ିଶା ଫେରି ଆସି ପୁରୀର 'ଅନ୍ନପୂର୍ଣ୍ଣା ଥିଏଟର'ରେ ମଞ୍ଚ ନାଟକ କଲି । ଧୀରେ ଧୀରେ ଲୋକସମ୍ପର୍କ ବଢ଼ିଲା । ଅଡିସନ୍ ପାଇଁ ପ୍ରସ୍ତୁତ ହେଲି । ସୌଭାଗ୍ୟବଶତଃ 'ସିନ୍ଦୂରର ଅଧିକାର' ଧାରାବାହିକରେ 'ଡଲି' ଭଳି ଏକ ଚମତ୍କାର ଚରିତ୍ର ମୋତେ ମିଳିଥିଲା । ସେହି ଚରିତ୍ରଟିକୁ ଆଜି ବି ମୋ ପାଇଁ ସ୍ମରଣୀୟ ହୋଇରହିଛି । ଏହା ସହିତ କିଛି ବିଜ୍ଞାପନରେ ମଧ କାମ କରିବାକୁ ସୁଯୋଗ କରିଛି ।

ଲାଇଟ୍, କ୍ୟାମେରା, ଆକ୍ସନ୍ ଅନୁସାରେ କାମ କରିବା ସହଜ ଥିଲା?

- ଜଣେ କଳାକାର ପାଇଁ ଅଭ୍ୟାସ ହେଉଛି ସବୁକିଛି । ମଞ୍ଚରେ ଆମକୁ ଚରିତ୍ରକୁ କେମିତି ଜୀବନ୍ତ କରିବାକୁ ହୁଏ, ଟେକ୍ନିକାଲ ଜ୍ଞାନ ଆଦି ସବୁକିଛି ଶିଖାଯାଇଥାଏ । ତେଣୁ ଲାଇଟ୍, କ୍ୟାମେରା, ଆକ୍ସନ ସୂତ୍ରରେ କାମ କରିବାକୁ କଷ୍ଟ ହୋଇନଥିଲା ।

ଧାରାବାହିକରୁ ବଡ଼ ପରଦାର ଯାତ୍ରା କେମିତି ଥିଲା?

- 'ସିନ୍ଦୂରର ଅଧିକାର' ପରେ 'ଝିଅ ଆମର ନୂଆବୋହୂ', 'ସାଥିରେ' ଆଦି ଅନେକ ଧାରାବାହିକରେ ଅଭିନୟ କରିଛି । ପଜିଟିଭ୍ ଆଉ ନେଗେଟିଭ୍ ଉଭୟ ଚରିତ୍ରକୁ ନିଖୁଣ ଭାବେ ଫୁଟାଇଛି । ପରବର୍ତ୍ତୀ ସମୟରେ ତରଙ୍ଗର ଟେଲିଫିଲ୍ମ 'ଶାଶୂ ବୋହୂ ଫୁଡ୍ ଏକ୍ସପ୍ରେସ୍', 'ମିଷ୍ଟିର ଦୁଷ୍ଟାମୀ' ଆଦି ଅନେକ ଟେଲି ଫିଲ୍ମ ସହିତ 'କୁହୁଡ଼ି', 'ଯାଯାବର ୨.୦', 'ମୁରବୀ' ପରି ଏକ ବାସ୍ତବଧର୍ମୀ ସିନେମାରେ ଅଭିନୟ କରିଛି ।

କେଉଁ ଚରିତ୍ର ଆପଣଙ୍କ କ୍ୟାରିୟର ପାଇଁ ଟର୍ଣ୍ଣିଂ ପଏଣ୍ଟ ଥିଲା ?

- 'ମୁରବୀ' ସିନେମାର ହ୍ୱାଇଁ ଚରିତ୍ର ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ । ଏଥିରେ ମୁଁ ବରିଷ୍ଠ ଅଭିନେତା କୁନା ତ୍ରିପାଠୀଙ୍କ ହ୍ୱାଇଁ ସୁରଜ ଭୂମିକାରେ ଅଭିନୟ କରିଥିଲି । ଏହି ଚରିତଟି କରିବାକୁ ମୁଁ ବହୁତ ପରିଶ୍ରମ କରିଥିଲି । ସିନେମା ନିର୍ମାତାଙ୍କ ମାର୍ଗଦର୍ଶନ ହିଁ ଚରିତ୍ରଟି ଦର୍ଶକଙ୍କ ହୃଦୟରେ ସ୍ଥାନ ପାଇଥିଲା । ମୋ ପାଇଁ ଚରିତ୍ର ଛୋଟ କି ବଡ଼ ନୁହେଁ, ଚରିତ୍ର କେତେ ଦମ୍‌ଦାର ହେବ ତା' ଉପରେ ମୁଁ ଗୁରୁତ୍ୱ ଦିଏ ।

ଚରିତ୍ରକୁ ଜୀବନ୍ତ କରିବାକୁ ଲୋଟନ କ'ଣ କରନ୍ତି?

- ଧାରାବାହିକ ହେଉ କି ଫିଲ୍ମର ନିର୍ମାତାଙ୍କ ସମ୍ମୁଖରେ ଜଣେ କଳାକାର ପୂରା ନଗ୍ନ । ଅର୍ଥାତ୍ ସେମାନେ ଯେଉଁପରି ନିର୍ଦ୍ଦେଶନା ଦେବେ, କଳାକାର ସେହି ଚରିତ୍ର ଅନୁସାରେ କାମ କରିଥାନ୍ତି । ତେଣୁ କଳାକାର ପାଇଁ ତା'ର ଚରିତ୍ର ହେଉଛି ଗୁରୁତ୍ୱପୂର୍ଣ୍ଣ । ମୋତେ ମିଳିଥିବା ଚରିତ୍ର ସାମ୍ନାରେ ମୁଁ ଲୋଟନ ବୋଲି ନିଜକୁ ଭୁଲି ଚରିତ୍ର ଭିତରେ ପଶିଯାଏ । ଏଥିପାଇଁ ପ୍ରତ୍ୟେକ ଦିନ ଅଭ୍ୟାସ ମଧ ଜାରି ରଖେ ।

ସୁଟିଂ ନଥିଲେ କ'ଣ କରନ୍ତି?

- ଏକାକୀ ଟ୍ରାଭଲ୍ କରିବା ମୋତେ ପସନ୍ଦ ।

ଆଗାମୀ ଯୋଜନା?

- ବାସ୍ତବ କାହାଣୀ, ଭଲ ସ୍କ୍ରିପ୍ଟକୁ ନେଇ ଫିଲ୍ମରେ କାମ କରିବାକୁ ଇଚ୍ଛା ଅଛି । ତା' ସହିତ ଆଗାମୀ ଦିନରେ ମୁମ୍ବାଇରେ କାମ କରିବାକୁ ଯୋଜନା ରଖି ପ୍ରସ୍ତୁତ ଜାରି ରହିଛି ।

ସଫଳତାର ଶ୍ରେୟ କାହାକୁ ଦେବେ?

- ବାପା ମା'ଙ୍କ ଆଶୀର୍ବାଦ ଆଉ ନିଜର କଠିନ ପରିଶ୍ରମ ।

ଡ୍ରିମ୍‌ରୋଲ୍?

- ଡ୍ରିମ୍‌ରୋଲ ଶବ୍ଦ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ବରଂ ଜଣେ କଳାକାର ହିସାବରେ ମୋତେ ମିଳିଥିବା ଚରିତ୍ରଟି ଦର୍ଶକଙ୍କ ହୃଦୟକୁ ଛୁଇଁଲେ ସେହି ଚରିତ୍ରଟି ମୋ ପାଇଁ ଡ୍ରିମ୍‌ରୋଲ୍ ହୋଇଯିବ ।

ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ ବାର୍ତ୍ତା ଦେବେ?

- କିଛି ଜଣ ନାଁ, ଟଙ୍କା ପାଇଁ ଏ ଲାଇନକୁ ଆସନ୍ତି । ଏହା କ୍ୟାରିୟର ଉପରେ ପ୍ରଭାବ ପକାଏ । ମୋ' ମତରେ କଳାରେ ଜିଇଁ କଳାରେ ମରିବାର ଉଦ୍ଦେଶ୍ୟ ରଖି ଏ ଲାଇନ୍‌କୁ ଆସିବା ଦରକାର । ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଖାପଖୁଆଇ ଚଳିବା ସହିତ ଅଭ୍ୟାସ, କଠିନ ପରିଶ୍ରମ ଏବଂ ଭଲ ଅଭିନୟ କରିଲେ ଜଣେ ଏହି ଲାଇନ୍‌ରେ ତିଷ୍ଠି ପାରିବ । ■

'ଦେବକନ୍ୟା'ରେ ଘୋଡ଼ାନାଚ କାହାଣୀ



ନିକଟରେ ଭୁବନେଶ୍ୱରସ୍ଥିତ ଉତ୍କଳ କନିକା ଗ୍ୟାଲେରିଆଠାରେ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା'ର ପୋଷ୍ଟର ଉନ୍ମୋଚନ ସହିତ ଟ୍ରେଲର ଏବଂ ଗୀତ ରିଲିଜ୍ ହୋଇଯାଇଛି । ସୁପ୍ରିମ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରକୁ ସୁରେଶ କୁମାର ସାହୁ ଏବଂ ଭାର୍ଗବୀ ତ୍ରିପାଠୀ ପ୍ରଯୋଜନା କରିଛନ୍ତି । ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଲିଖିତ କାହାଣୀ ଓ ଚିତ୍ରନାଟ୍ୟ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରାଶେଷ ମହାନ୍ତି (ସିଲୁ) । ସୁଦର୍ଶନ ସେନାପତି ଚିତ୍ରତ୍ତୋଳନ କରିଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା ଦାୟିତ୍ୱ ତୁଲାଇଛନ୍ତି । ଅଭିନେତା ଶୁଭାଶିଷ ଶର୍ମା (ମଣ୍ଟୁ) ଏହି ଚଳଚ୍ଚିତ୍ରରେ ଏକ ଭିନ୍ନ ଭୂମିକାରେ ନଜର ଆସିବେ । ପୁରୀ ମାଟିର ପାରମ୍ପରିକ ଘୋଡ଼ାନାଚକୁ ଆଧାର କରି ଚଳଚ୍ଚିତ୍ରର କାହାଣୀ ଗତିଶୀଳ ହୋଇଛି । ଘୋଡ଼ାନାଚରେ ଝିଅ ବେଶ ହୋଇ ନାଚୁଥିବା ଜଣେ ପୁଅର ଜୀବନକୁ କେନ୍ଦ୍ର କରି ଏହି କାହାଣୀ ଗତିଶୀଳ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି, ପରମ୍ପରା, ଲୋକକଳା ଓ ମାଟିର ମହକକୁ ଚଳଚ୍ଚିତ୍ରରେ ଗୁରୁତ୍ୱ ଦିଆଯାଇଛି । ପୋଷ୍ଟର, ଟ୍ରେଲର ଓ ଗୀତ ରିଲିଜ୍ ପରେ ଚଳଚ୍ଚିତ୍ରକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଆହୁରି ବଢ଼ିଛି । ଆସନ୍ତା ନଭେମ୍ବରରେ 'ଦେବକନ୍ୟା' ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି । ■

ଦଶହରାରେ ଅର୍ଦ୍ଧେନ୍ଦୁଙ୍କ 'ଗେମ୍ ଓଭର୍'

ଏଥର ଦଶହରା ବଜାରରେ ଯନ୍ତାଳ ମାଡ଼ରେ ଧୂଳି ଉଡ଼ିବ । ଆଉ ଧୂଳି ଉଡ଼ାଇବେ ଓଲିଉଡ୍‌ର ଅର୍ଦ୍ଧେନ୍ଦୁ ସାହୁ । ତାଙ୍କୁ ସାଥ୍ ଦେବେ ସାଉଥ୍ ସୁପରଷ୍ଟାର୍ ପୁଷ୍ପରାଜ ଆଲୁ ଅର୍ଜୁନଙ୍କ କୋରିଓଗ୍ରାଫର୍ ଉର୍ବଶୀ ଚୌହାନ । ଦଶହରାରେ ଦର୍ଶକଙ୍କ ପାଇଁ 'ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ' ବ୍ୟାନରରେ ଅର୍ଦ୍ଧେନ୍ଦୁ ନେଇ ଆସୁଛନ୍ତି 'ଗେମ୍ ଓଭର୍' । ଏହାର ଆଇଟମ୍ ଗୀତ 'ଯନ୍ତାଳ' ଏବେ ଟ୍ରେଣ୍ଡିଂରେ ଅଛି । ଏହି ଗୀତଟି ମନୋଜ କୁମାର ପଣ୍ଡା ଲେଖିଥିବା ବେଳେ ତାକୁ ସଙ୍ଗୀତରେ ସଜାଇଛନ୍ତି ଅଭିଜିତ ତ୍ରିପାଠୀ । ଗୀତଟିକୁ ଗାଇଛନ୍ତି କଣ୍ଠଶିଳ୍ପୀ ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅନୁରାଗ ଦାସ । କୋରିଓଗ୍ରାଫି କରିଛନ୍ତି ଲୋକପ୍ରିୟ କୋରିଓଗ୍ରାଫର ଅମିତ ନାୟକ । ଏଥିରେ ଅର୍ଦ୍ଧେନ୍ଦୁ, ସୁପ୍ରିୟାଙ୍କ ସହିତ କୁନା ତ୍ରିପାଠୀ, ଜୀବନ ପଣ୍ଡା, ତ୍ରିଭୁବନ ପଣ୍ଡା, ଉଦିତ ଗୁରୁ, ବିଭାସ, ଅଂଶୁମାନ,ଓ ପ୍ରୀତିରଞ୍ଜନ ପ୍ରଧାନ ଅଭିନୟ କରିଛନ୍ତି । ବର୍ତ୍ତମାନ ଓଲିଉଡ୍ ଟାଉନ୍‌ରେ ଚର୍ଚ୍ଚା ଦଶହରାରେ ଘୋ ଘା କରିବେ ଅର୍ଦ୍ଧେନ୍ଦୁ । କାରଣ ସେ କେବଳ ଏ ଗୀତ ନୁହେଁ, ପୂରା ସିନେମାରେ ଭିନ୍ନ ଲୁକ୍ ସହ ଚରିତ୍ରରେ ନଜର ଆସୁଛନ୍ତି । ଯାହା ତାଙ୍କ କ୍ୟାରିଅରରେ ଆଉ ଏକ ମାଇଲଖୁଣ୍ଟ ହୋଇ ରହିବ । ତେବେ ଦେଖାଯାଉ ଅର୍ଦ୍ଧେନ୍ଦୁ ଦଶହରାରେ କାହାର ଗେମ୍ ଓଭର୍ କରିବେ । ■

ପୁରୁଣା ଟୁରିଂ ସିନେମାର ଆଧୁନିକ ରୂପ: ସିନେମା ଘର

ଫିଲ୍ମ ତିଆରି ହେଉଛି, କିନ୍ତୁ ଦେଖାଯିବ କେଉଁଠି? ଏହା ଆଜିର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ସବୁଠାରୁ ବଡ଼ ପ୍ରଶ୍ନ । ଫିଲ୍ମ ତିଆରି ହେବା ପରେ ଯଦି ଉପଯୁକ୍ତ ସ୍କ୍ରିନ୍ ନମିଳେ, ତେବେ ସମଗ୍ର ଆର୍ଥିକ ଚକ୍ର ଅଟକିଯାଏ । ଏହି ସଙ୍କଟରୁ ମୁକୁଳିବାର ଚିନ୍ତାରୁ 'ସିନେମା ଘର'ର ପରିକଳ୍ପନା । ଓଡ଼ିଶାର ଘରେ ଘରେ ଓଡ଼ିଆ ସିନେମା ପହଞ୍ଚାଇବା ପାଇଁ 'ସିନେମା ଘର' ପ୍ରୋଜେକ୍ଟର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମିଶ୍ର ଏବଂ ମାନସ ସୁବୁଦ୍ଧି ନିକଟରେ ଏକ ସ୍ୱତନ୍ତ୍ର ଉତ୍ସବରେ ଘୋଷଣା କରିଥିଲେ । ଯେଉଁଠି ସ୍ଥାୟୀ ସିନେମା ହଲ୍ ନାହିଁ, ସେଠାରେ ଉପଲବ୍ଧ ହଲ୍, ଅଡିଟୋରିୟମ୍, କମ୍ୟୁନିଟି ହଲ୍ କିମ୍ବା ଉପଯୁକ୍ତ ବଡ଼ ସ୍ଥାନକୁ ଆଧୁନିକ ଉପକରଣରେ ସଜାଇ ସିନେମା ପ୍ରଦର୍ଶନ କରିବା । 'ସିନେମା ଘର'ର ଆଉ ଏକ ଆକର୍ଷଣ ହେଉଛି ସୁଲଭ ଟିକେଟ୍ । ପୂର୍ବରୁ ପରଦା ଓ ପ୍ରୋଜେକ୍ଟର୍ ନେଇ ସିନେମା ଗାଁକୁ ଯାଉଥିଲା; ଆଜି ସେହି ଚିନ୍ତା ଏଚ୍. ଡି. ଏଲ୍. ଇ. ଡି, ଡିଜିଟାଲ୍ ସାଉଣ୍ଡ ଓ ଆଧୁନିକ ପ୍ରଯୁକ୍ତି ସହ ପୁଣି ଫେରିପାରେ । ଏହି ଦୃଷ୍ଟିରୁ 'ସିନେମା ଘର'କୁ ପୁରୁଣା ଟୁରିଂ ସିନେମାର ଆଧୁନିକ ରୂପ ବୋଲି କୁହାଯାଇପାରେ । ଏହି ପ୍ରୋଜେକ୍ଟ ଓଡ଼ିଆ ସିନେମା ପ୍ରଯୋଜକମାନଙ୍କ ପାଇଁ ଆର୍ଥିକ ଦିଗକୁ ସ୍ୱଚ୍ଛଳ କରିବା ସହିତ ଓଡ଼ିଶାର କୋଣ ଅନୁକୋଣରେ ଦର୍ଶକ ଓଡ଼ିଆ ସିନେମା ଦେଖି ପାରିବେ ବୋଲି 'ସିନେମା ଘର' ପ୍ରୋଜେକ୍ଟର ପ୍ରତିଷ୍ଠାତା ଶ୍ରୀ ମିଶ୍ର କହିଛନ୍ତି । ସହରରୁ ଗାଁ-ଗାଁରୁ ପଞ୍ଚାୟତ ପର୍ଯ୍ୟନ୍ତ ସିନେମା ପ୍ରେମୀଙ୍କୁ ଯୋଡ଼ିବାର ଏକ ନିଆରା ପ୍ରୟାସ 'ସିନେମା ଘର' । ■

ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସୁଛି 'ହାଣ୍ଡିଆ ଭାତି'

ସରିଲା ସୁଟିଂ, ଚାଲିଛି ପୋଷ୍ଟ ପ୍ରଡକ୍ସନ୍ କାମ

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ହାଣ୍ଡିଆ ଭାଟି'ର ଶୁଭ ମହୂରତ୍ ଗତ ୩ ତାରିଖ ଦିନ ଅନୁଷ୍ଠିତ ହେବା ସହ ଏହାର ଟାଇଟଲ୍ ଘୋଷଣା ଏବଂ ପୋଷ୍ଟର ରିଲିଜ୍ କରାଯାଇଛି । ବର୍ତ୍ତମାନ ଫିଲ୍ମର ସୁଟିଂ ଶେଷ ହୋଇଥିବା ବେଳେ ପୋଷ୍ଟ ପ୍ରଡକ୍ସନ୍ କାମ ଜୋରସୋରରେ ଚାଲିଛି । ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହେଉଥିବା ଏହି ଚଳଚ୍ଚିତ୍ର ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି 'ହାଣ୍ଡିଆ ଭାଟି' ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି । ଦୀପକ କୁମାର ସ୍ୱାଇଁ ଏବଂ ଶୀଲାରାଣୀ ନାୟକଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ଅନିଲ ବୋଇତି । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ସତ୍ୟଜିତ୍ ଥିବା ବେଳେ, ସେ ମଧ ଏହାର ସଙ୍ଗୀତ, ସଂଳାପ, ଚିତ୍ରନାଟ୍ୟ ଏବଂ ଡିଓପି (DOP) ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଛନ୍ତି । ଏଥିରେ ଗୀତ ରଚନା କରିଛନ୍ତି ସତ୍ୟଜିତ୍ ଏବଂ ଅମର କ୍ରିଷ୍ଣା । ସେହିପରି ଫିଲ୍ମର ସଙ୍ଗୀତ ସଂଯୋଜନା ଏବଂ ଆବହ ସଙ୍ଗୀତ (BGM) ଦାୟିତ୍ୱରେ ଅଛନ୍ତି ସୁଭାଷିଷ କୁମାର । ଏଥିରେ କାର୍ଯ୍ୟନିର୍ବାହୀ ପ୍ରଯୋଜକ ଭାବେ ସୁଜିତ ସିଂହ ରହିଛନ୍ତି । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଦର୍ଶକମାନେ ଜୟଶ୍ରୀ ସଡଙ୍ଗୀ, ତାପସ ପାଣିଗ୍ରାହୀ ଏବଂ ଦେବକନ୍ୟାଙ୍କୁ ଦେଖିବାକୁ ପାଇବେ ।ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ବିଶ୍ୱଜିତ ମଲ୍ଲିକ, ମନୋଜ ମହାନ୍ତି, ପ୍ରମିଳା ଜେନା, ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, ବିଭାସ , RJ KP ଏବଂ ଉଦିତ ଗୁରୁଙ୍କ ସମେତ ଆହୁରି ଅନେକ ପ୍ରତିଭାବାନ କଳାକାର ଅଭିନୟ କରିଛନ୍ତି । ଭୁବନେଶ୍ୱର ସ୍ଥିତ 'ଅକ୍ସଫୋର୍ଡ ଆଡଭର୍ଟାଇଜିଂ'ର ଅଶୋକ କୁମାର ସ୍ୱାଇଁ ଏବଂ ଆରତୀ ସ୍ୱାଇଁ ଏହି ଚଳଚ୍ଚିତ୍ରର ମିଡିଆ ପାର୍ଟନର (ଗଣମାଧ୍ୟମ ସହଯୋଗୀ) ଦାୟିତ୍ୱ ନିର୍ବାହ କରୁଛନ୍ତି । ଚଳଚ୍ଚିତ୍ର ନିର୍ମାଣରେ ସ୍ୱତନ୍ତ୍ର ସହଯୋଗ ପାଇଁ ଦେବାଶିଷ ରଥ ଏବଂ ମାନସ ନାୟକଙ୍କୁ ପ୍ରଯୋଜନା ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର କୃତଜ୍ଞତା ଜ୍ଞାପନ କରାଯାଇଛି । ଖୁବ୍ ଶୀଘ୍ର ଏହାର ଅଡିଓ ଏବଂ ଟ୍ରେଲର ରିଲିଜ୍ କରାଯିବ । ଏହି ନୂଆ ଚଳଚ୍ଚିତ୍ରକୁ ଦର୍ଶକମାନେ ଭରପୂର ଭଲପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶାବ୍ୟକ୍ତ କରିଛନ୍ତି । ■

'ଗୃହଲକ୍ଷ୍ମୀ' ଆରମ୍ଭ

ଅକ୍ଟୋବର ୧୦ ତାରିଖରୁ 'ଜୀ-ସାର୍ଥକ'ରେ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ' 'ଗୃହଲକ୍ଷ୍ମୀ' । ସାଧାରଣ ଘରୋଇ ମହିଳାମାନଙ୍କ ଭିତରେ ଲୁଚି ରହିଥିବା ଅସାଧାରଣ ପ୍ରତିଭାକୁ ଲୋକଲୋଚନକୁ ଆଣିବା ହେଉଛି 'ଗୃହଲକ୍ଷ୍ମୀ' କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଏହି ଶୋ'ର ପରିକଳ୍ପନା ବେଶ୍ ନିଆରା । ଏଥିରେ ଦୁଇ ପିଢ଼ିର ବିବାହିତା ମହିଳାମାନେ ଅଂଶଗ୍ରହଣ କରିଛନ୍ତି । ଯେଉଁଥିରେ 'ସାନ ଭାଉଜ' (୨୦ ରୁ ୩୦ ବର୍ଷ) ଏବଂ 'ବଡ଼ ଭାଉଜ' (୩୧ ରୁ ୪୦ ବର୍ଷ) ଏକାଠି ମଞ୍ଚକୁ ଆସିବେ । ଏହା କେବଳ ଏକ ସାଧାରଣ ପ୍ରତିଯୋଗିତା ନୁହେଁ, ବରଂ ଘରକରଣାର ବିଭିନ୍ନ ଦକ୍ଷତା । ପ୍ରତିଯୋଗୀମାନେ ନିଜର ଦକ୍ଷତା ମାଧ୍ୟମରେ ପ୍ରମାଣିତ କରିବେ ଯେ, ସେମାନେ କାହିଁକି ଏକ ପ୍ରକୃତ 'ଗୃହଲକ୍ଷ୍ମୀ' । ପ୍ରଥମଥର ପାଇଁ କୃତ୍ରିମ ବୁଦ୍ଧିମତା ଅନୁସାରେ ବିଭିନ୍ନ ଖେଳ କରାଯାଉଛି । ବିଚାରପତି ଆସନରେ ଲୋକପ୍ରିୟ ଅଭିନେତ୍ରୀ ଲିପି ମହାପାତ୍ର ଏବଂ ଅଭିନେତା ପୁପିନ୍ଦର ରହିଛନ୍ତି । ସେପଟେ ପ୍ରତିଯୋଗୀମାନଙ୍କୁ ସଠିକ୍ ମାର୍ଗଦର୍ଶନ ଦେବା ପାଇଁ ମେଣ୍ଟର ଭାବରେ ଅନିଶା ମହାକୁଡ଼ ଏବଂ ପିଙ୍କି ପ୍ରଧାନ ନଜର ଆସିଛନ୍ତି । ସେହିପରି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ନିଜର ସୁନ୍ଦର ଉପସ୍ଥାପନା ଶୈଳୀରେ ବାନ୍ଧି ରଖିଛନ୍ତି ଆଙ୍କର ଲୋରିଆ ମହାନ୍ତି । ପ୍ରତି ଶନିବାର ଏବଂ ରବିବାର ରାତି ୯ଟା ୩୦ରେ ପ୍ରସାରଣ ହେବ । ■

ଦିନିକିଆ ସିରିଜ୍‌ରୁ ଓ'ରୁର୍କି ବାଦ୍

ଅକ୍‌ଲାଣ୍ଡ,୧୦।୧୦(ଏଜେନ୍ସି): ମାଂସପେସୀରେ ଆଘାତ ଯୋଗୁଁ ନ୍ୟୁଜିଲାଣ୍ଡର ପ୍ରଭାବୀ ଫାଷ୍ଟ ବୋଲର ୱିଲିୟମ ଓ'ରୁର୍କିଙ୍କୁ ଭାରତ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଛି। ସେ ଏବେ ଅସୁସ୍ଥ ଅଛନ୍ତି ଏବଂ ପୂରା ଫିଟ୍ ହୋଇନାହାନ୍ତି। ଅକ୍ଟୋବର ୨୨ରୁ ଡିସେମ୍ବର ୧ ମଧ୍ୟରେ ନ୍ୟୁଜିଲାଣ୍ଡ



ସହ ଭାରତ ୫ଟି ଟି-୨୦, ୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ନ୍ୟୁଜିଲାଣ୍ଡରେ ଖେଳାଯିବାକୁ ଏହି ସିରିଜ୍ ଲାଗି ଘୋଷଣା କରାଯାଇଥିବା ଟି-୨୦ ଦଳରୁ ୨ଜଣ ଖେଳାଳି ମଧ୍ୟ ବାଦ୍ ପଡ଼ିଛନ୍ତି। ଆଘାତ କାରଣରୁ ମାର୍କ ଚାପମ୍ୟାନ୍ ଓ ଜାକ୍ ଫୋକ୍ସ ବାଦ୍ ପଡ଼ିଛନ୍ତି। ଏହାର ଅର୍ଥ ହେଲା ଭାରତ ବିପକ୍ଷରେ ଖେଳିବା ପୂର୍ବରୁ ନ୍ୟୁଜିଲାଣ୍ଡର ପ୍ରମୁଖ ଖେଳାଳି ଆହତ ହେବା ଶୁଭ ସୂଚନା ନୁହେଁ। ଦୁଇ ଦେଶ ମଧ୍ୟରେ ପ୍ରଥମେ ଟି-୨୦ ସିରିଜ୍ ଖେଳାଯିବ। ଟି-୨୦ ମ୍ୟାଚ୍ ଗୁଡ଼ିକ ଯଥାକ୍ରମେ ଅକ୍ଟୋବର ୨୨, ୨୪, ୨୭, ୩୦ ଓ ନଭେମ୍ବର ୧ରେ ଖେଳାଯିବ। ଏହା ପରେ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ଯଥାକ୍ରମେ ନଭେମ୍ବର ୪, ୭, ୧୦, ୧୩ ଓ ୧୫ରେ ଖେଳାଯିବ। ଏହି ସିରିଜ୍ ଲାଗି ରବିବାର ନ୍ୟୁଜିଲାଣ୍ଡ ଟିମ୍ ଘୋଷଣା କରାଯିବ। ନଭେମ୍ବର ୧୯ରୁ ୨୩ ଯାଏ ପ୍ରଥମ ଟେଷ୍ଟ, ନଭେମ୍ବର ୨୭ରୁ ଡିସେମ୍ବର ୧ ଯାଏ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ।

୯ ବର୍ଷ ପରେ ରେନଶା'ଙ୍କ ଶତକ

ଡର୍ବାନ, ୧୦।୧୦ (ଏଜେନ୍ସି): ଘରୋଇ ଆଫ୍ରିକା ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ଦୃଢ଼ ବ୍ୟାଟିଂ କରିଛି। ମଧ୍ୟକ୍ରମ



ବ୍ୟାଟର ମାଥ୍ୟୁ ରେନଶ'ଙ୍କ ପ୍ରତୀକ୍ଷିତ ଶତକ ବଳରେ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୩୯୦ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଏକଦା ଅଷ୍ଟ୍ରେଲିଆ ୧୨୪ ରନରେ ୬ଟି ୱିକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। କିନ୍ତୁ ରେନଶ ୧୯୦ ରନର ଲଢ଼ୁଆ ପାଳି ଖେଳି ଅଷ୍ଟ୍ରେଲିଆକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଦୀର୍ଘ ୯ ବର୍ଷ ପରେ ରେନଶ'ଙ୍କ ଏହା ପ୍ରଥମ ଟେଷ୍ଟ ଶତକ ଥିଲା। ୨୦୧୭ରେ ସେ ପାକିସ୍ତାନ ବିପକ୍ଷରେ ଶତକ ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୯, ମାର୍ନଶ ଲାବୁଶ୍ବେନ ୩୭, ଷ୍ଟିଭ ସ୍ମିଥ ୨୫, ଅଧିନାୟକ ପ୍ୟାଟ୍ କମିନ୍ସ ୪୩, ନାଥନ ଲିୟନ ୨୭ ରନ କରିଥିଲେ। ବୋଲିଂରେ ଘରୋଇ ଦକ୍ଷିଣ ଆଫ୍ରିକା ପକ୍ଷରୁ ୱିଆନ ମଲଡର ୪, ମାର୍କୋ ଜାନସେନ ୩ ଓ ଆନରିଚ ନୋର୍ଜେ ୨ଟି ୱିକେଟ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୮.୪ ଓଭରରେ ଗୋଟିଏ ୱିକେଟ ହରାଇ ୨୭ ରନ କରିଛି।

ରୋନାଲ୍ଡୋ ସାମୟିକ ବାସନ୍ଦ

ଲିସବନ୍, ୧୦।୧୦ (ଏଜେନ୍ସି): ପର୍ତ୍ତୁଗାଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ସାମୟିକ ବାସନ୍ଦର ସମ୍ମୁଖୀନ ହୋଇଛନ୍ତି। ପର୍ତ୍ତୁଗୀଜ୍ ଫୁଟବଲ୍



ଫେଡେରେସନ୍ (ଏଫପିଏଫ) ରୋନାଲ୍ଡୋଙ୍କୁ ଏହି ନିଲମ୍ବନ କରିଛି। ଚଳିତ ମାସ ଆରମ୍ଭରେ ଡେନମାର୍କ ବିପକ୍ଷରେ ମ୍ୟାଚ୍ ପୂର୍ବରୁ ରୋନାଲ୍ଡୋ କୋଚ୍ ଜର୍ଜ ଜିସସ୍‌ଙ୍କ ସହ ଝଗଡ଼ା କରି ଜାତୀୟ ଦଳର ପ୍ରଶିକ୍ଷଣ ଶିବିର ଛାଡ଼ି ଚାଲିଯାଇଥିଲେ। ତେଣୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏଫ୍‌ପିଏଫ ରୋନାଲ୍ଡୋଙ୍କୁ ଅସ୍ଥାୟୀ ଭାବରେ ନିଲମ୍ବିତ କରଛି। ୪୧ ବର୍ଷୀୟ ରୋନାଲ୍ଡୋ ଏହି ଘଟଣା ଲାଗି ସାମାଜିକ ଗଣମାଧ୍ୟମରେ ତାଙ୍କ ପ୍ରଶଂସକଙ୍କୁ କ୍ଷମା ମାଗିଥିଲେ। ଏଥିସହ ଫେଡେରେସନ ଯାହାବି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବ ତାକୁ ଗ୍ରହଣ କରିବେ ବୋଲି ଏହି ଷ୍ଟାର୍ ଖେଳାଳି କହିଥିଲେ।

ଇନ୍ଦୋରର ଫ୍ଲାଟ ପିଚ୍ ଓ ସର୍ଟ ବାଉଣ୍ଡାରୀରେ ତୃତୀୟ ଟି-୨୦ ଆଜି

ଭାରତର ଚିନ୍ତା: ହୋପ୍‌ଙ୍କୁ ଅଟକାଇବ କିଏ

ଇନ୍ଦୋର,୧୦।୧୦(ଏଜେନ୍ସି)

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ସ୍ଥାନୀୟ ହୋଲକାର ଷ୍ଟାଡିୟମ୍‌ରେ ରବିବାର ଖେଳାଯିବ। ଏହି ଷ୍ଟାଡିୟମ୍‌ର ଫ୍ଲାଟ ପିଚ୍ ଓ ସର୍ଟ ବାଉଣ୍ଡାରୀ ଯୋଗୁଁ ଏଠାରେ ହାଇସ୍କୋରିଂ ମୁକାବିଲା ଦେଖିବାକୁ ହେବ। ଏଠାରେ ପ୍ରଥମ ଇନିଂସରେ ହାରାହାରି ୨୦୦ ରନ୍ ସ୍କୋର ହେଉଥିଲାବେଳେ ଦ୍ୱିତୀୟ ଇନିଂସ ବା ରନ୍ ଚେଜ୍‌ରେ ୧୭୬ ରନ ହୋଇଛି। କିନ୍ତୁ ଏବେ କାକର ପଡୁଥିବାରୁ ରନ୍ ଚେଜ୍ ସହଜ ହେବ ବୋଲି ଅନୁମାନ କରାଯାଉଛି। ରାଞ୍ଚିରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଭାରତ ପ୍ରଦତ୍ତ ୨୫୦ ରନ୍‌ର ବିଶାଳ ଟାର୍ଗେଟକୁ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଗୋଟିଏ ଓଭର ଖେଳ ବାକିଥାଇ ହାସଲ କରିନେଇଥିଲା। ଅନ୍ତର୍ଜାତୀୟ ଟି-୨୦ରେ ଦ୍ୱିତୀୟ ସର୍ବାଧିକ ରନ୍ ଚେଜ୍‌ର ନେତୃତ୍ୱ ନେଇଥିଲେ ୱେଷ୍ଟଇଣ୍ଡିଜ୍ ଅଧିନାୟକ ଶୈ ହୋପ୍। ହୋପ୍ ୪୫ ବଲ୍‌ରେ ଶତକ ହାସଲ କରିବା ଏବଂ ଶେରଫାନ ରଦରଫୋର୍ଡଙ୍କ ସହ ମିଶି ୫୪ବଲ୍‌ରୁ ୧୨୦ ରନ୍ କରିବା ଫଳରେ ଦଳ ସିରିଜ୍‌କୁ ୧-୧ ସମାନସ୍ତରକୁ ନେଇଆସିଛି। ଏହା ନିଃସନ୍ଦେହ ଉଭୟ ବ୍ୟାଟିଂ ଓ ଦଳର ନେତୃତ୍ୱ ନେଇଥିଲେ ହୋପ୍। ସେ ଏବେ ତାଙ୍କ ଜୀବନର ଶ୍ରେଷ୍ଠ ଫର୍ମରେ ଅଛନ୍ତି। ଭାରତ ବିପକ୍ଷ ଗତ ୪ଟି ଦିନିକିଆରେ ସେ ୩ଟି ଶତକ ସହ ସିରିଜ୍‌ରେ ୪୩୨ ରନ୍ କରିସାରିଲେଣି। ଭାରତ ବିପକ୍ଷ ତୃତୀୟ ଦିନିକିଆରେ ୧୬୨ ଓ ଦ୍ୱିତୀୟ ଟି-୨୦ରେ ୧୦୨ ରନ୍ କରିଥିଲେ। ଏହା ମଧ୍ୟରୁ କେଉଁ ଇନିଂସକୁ ଶ୍ରେଷ୍ଠ କୁହାଯିବ ତାହା କହିବା

ମୁସ୍କିଲ। କିନ୍ତୁ ଉଭୟ ଇନିଂସରେ ସେ ବିଜୟ ସୂଚକ ରନ୍ ସ୍କୋର କରିଥିଲେ। ଗତ ୪ଟି ମ୍ୟାଚ୍‌ରେ ସେ ଯଥାକ୍ରମେ ୧୦୪, ଅପରାଜିତ ୧୬୨, ୫୨ ଓ ଅପରାଜିତ ୧୦୨ ରନ୍ କରିଛନ୍ତି। ଇନ୍ଦୋର ପିଚ୍ ଫ୍ଲାଟ ଓ ସର୍ଟ ଥିବାରୁ ଏଠାରେ ମଧ୍ୟ ତାଙ୍କଠାରୁ ବଡ଼ ସ୍କୋର ଆଶା କରିବା ସ୍ୱାଭାବିକ୍। ଏଣୁ ଭାରତକୁ ସିରିଜ୍‌ରେ ଅଗ୍ରଣୀ ନେବାକୁ ହେଲେ ହୋପ୍‌ଙ୍କୁ ଅଟକାଇବାକୁ ହେବ। ଏଭଳି ଫର୍ମରେ ଥିବା ଖେଳାଳିଙ୍କୁ କେବଳ ନିଜ ଦଳ ନୁହେଁ ଭାରତର ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କଠାରୁ ମଧ୍ୟ ପ୍ରଶଂସା ମିଳିଛି। ଏବେ ଭାରତର ଚିନ୍ତା ହୋପ୍‌ଙ୍କୁ ଅଟକାଇବ କିଏ? ସେ ତ ପେସ୍ ବୋଲରଙ୍କୁ ସହଜରେ ଖେଳୁଛନ୍ତି। ସ୍ପିନରଙ୍କୁ ମଧ୍ୟ ବଡ ସଟ୍ ମାରୁଛନ୍ତି। ଏଭଳି ସ୍ଥଳେ ହୋପ୍‌ଙ୍କ ଲାଗି ଭାରତ କି ପ୍ରକାର ଯୋଜନା କରୁଛି ତାହା ଆସନ୍ତାକାଲିର ମୁକାବିଲା ପରେ ଜଣାପଡ଼ିବ।

ଘରୋଇ ମାଟିରେ ଖେଳୁଥିବାରୁ ଭାରତର ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ପ୍ରଭାବ ରହିବା କଥା। କିନ୍ତୁ ପିଚ୍ ବୋଲରଙ୍କୁ ସହାୟତା ଦେଉ ନ ଥିବା, ଫିଲ୍ଡରମାନେ ବୋଲର ଆଣୁଥିବା ସୁଯୋଗକୁ ହାତଛଡ଼ା କରିବାକୁ ନେଇ ହେଡ୍ କୋଚ୍ ଗମ୍ଭୀର ଚିନ୍ତାପ୍ରକଟ କରିଛନ୍ତି। ଦ୍ୱିତୀୟ ଟି-୨୦ରେ ୱେଷ୍ଟଇଣ୍ଡିଜ୍‌ର ରଦରଫୋର୍ଡ ୧୮ ବଲ୍‌ରେ ୩୮ ରନ୍ କରିଥିବାବେଳେ ମୟଙ୍କ ଯାଦବ ତାଙ୍କ କ୍ୟାଚ୍ ଛାଡିଦେଇଥିଲେ। ଏହାର ଫଳ କେବଳ ତାଙ୍କୁ ନୁହେଁ ପୂରା ଭାରତକୁ ମିଳିଥିଲା। ରଦରଫୋର୍ଡ ୩୭ ବଲରୁ ୮୪ ରନ୍ କରିଥିଲେ। ହୋପ୍‌ଙ୍କ ସହ ତାଙ୍କ ପାର୍ଟନରସିପ୍ ୱେଷ୍ଟଇଣ୍ଡିଜ୍‌ର ବିଜୟ ସହଜ କରିଦେଇଥିଲା। ଏଣୁ ଭାରତ ଲାଗି କେବଳ ହୋପ୍ କଣ୍ଟା ସାଜି ନାହାନ୍ତି, ବରଂ ଦଳର ଫିଲ୍ଡରମାନେ ଏହି କଣ୍ଟାମାନଙ୍କୁ ମଜଭୁତ କରିବାକୁ ସହାୟତା କରୁଛନ୍ତି। ଦଳର ବୋଲିଂ ମଧ୍ୟ ଚିନ୍ତାଜନକ। ସବୁଠାରୁ ଅଭିଜ୍ଞ ପେସର ଅର୍ଶଦୀପ ସିଂହ ଆଦୌ ଫର୍ମରେ ନାହାନ୍ତି। ସ୍ପିନରମାନେ ମଧ୍ୟ ଫ୍ଲାଟ ପିଚ୍‌ରେ ବଲ ଟର୍ଣ୍ଣ କରିପାରୁ ନାହାନ୍ତି। ଗୋଟିଏ ଭଲ କଥା ହେଲା ଫାଷ୍ଟ ବୋଲର ମୟଙ୍କ ଯାଦବଙ୍କ ଏକ୍ସପ୍ରେସ୍ ବୋଲିଂ। ସେ ପ୍ରଥମ ଓଭରରେ ୨ଜଣ ଖେଳାଳିଙ୍କୁ ବୋକା ବନାଇ ଆଉଟ କରିଥିଲେ। ଭାରତର ବ୍ୟାଟିଂ ଲାଇନ୍‌ରେ ରହିଛି। ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିଶାନ ଭଲ ଫର୍ମରେ ଅଛନ୍ତି। ଅଧିନାୟକ ଶ୍ରେୟସ ଆୟର ଫର୍ମକୁ ଫେରିଛନ୍ତି। ତିଳକ ବର୍ମା ସୁଯୋଗର ସଦ୍‌ବ୍ୟବହାର କରି ରାଞ୍ଚିରେ ସଫଳ ହୋଇଛନ୍ତି। ଘରୋଇ ଦଳର ବୋଲିଂ ଓ ଫିଲ୍ଡିଂରେ ଉନ୍ନତି ନ ହେଲେ ଭାରତ ଯେ ସିରିଜ୍ ହାତଛଡ଼ା କରିବ ଏହା ନିଃସନ୍ଦେହରେ ପୂର୍ବାନୁମାନ କରାଯାଇପାରେ।

ଖେଳ ସମୟ- ରାତି ୭ଟା
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ- ଜିଓ ହଟ୍‌ଷ୍ଟାର।

ଆଇଏସ୍‌ଏଲ୍-୧୩ ଆରମ୍ଭ

ଉଦ୍‌ଘାଟନୀରେ ବାଜି ମାରିଲା ବେଙ୍ଗାଲୁରୁ

ବେଙ୍ଗାଲୁରୁ, ୧୦।୧୦ (ଏଜେନ୍ସି): ଭାରତୀୟ ଘରୋଇ ଫୁଟବଲ୍‌ରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)'ର ୧୩ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଛି। ରୋମାଞ୍ଚକର ଉଦ୍‌ଘାଟନୀ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୩-୨ ଗୋଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ପରାସ୍ତ କରିଛି। ସ୍ଥାନୀୟ ଶ୍ରୀ କାନ୍ତିବୀର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚର ଶେଷ ମିନିଟରେ ଗୋଲ୍ ଦେଇ ମେନୋ କୋଚ୍ ବେଙ୍ଗାଲୁରୁକୁ ବିଜୟୀ କରାଇଥିଲେ। ବୋର୍ଜା ମାର୍ଟିନେଜ ଦଳ ପକ୍ଷରୁ ସର୍ବାଧିକ ଦୁଇଟି ଗୋଲ୍ ଦେଇଥିଲେ।

ସେ ୨୨ତମ ମିନିଟରେ ବେଙ୍ଗାଲୁରୁ ପାଇଁ ପ୍ରଥମ ଗୋଲ୍‌ସ୍କୋର କରିଥିଲେ। ମ୍ୟାଚ୍‌ଟି ରୋମାଞ୍ଚକ ଭାବେ ଶେଷ ହୋଇଥିଲା। ସେହିପରି ଆଜି ଚେନ୍ନାୟିନ୍ ଏଫ୍‌ସି ଏବଂ ଏଫ୍‌ସି ଗୋଆ ମଧ୍ୟରେ ଆଜି ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍ ଡ୍ର ରହିଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେବାରେ ସଫଳ ହୋଇଥିଲେ। ଗୋଆ ପକ୍ଷରୁ ଟିକି ଓ ଚେନ୍ନାୟିନ୍ ପକ୍ଷରୁ ଇର୍ଫାନ ଗୋଲ ସ୍କୋର କରିଥିଲେ। ଆସନ୍ତାକାଲି ଇଣ୍ଟର କାଶୀ ବନାମ କେରଳା ବ୍ଲାଷ୍ଟର୍ସ ମଧ୍ୟରେ ପ୍ରଥମ ମ୍ୟାଚ୍ ଏବଂ ଚର୍ଚ୍ଚିଲ ବ୍ରଦର୍ସ ବନାମ ମୁମ୍ବଇ ସିଟି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

୧୯ ବର୍ଷରୁ କମ୍ କ୍ରିକେଟ

ଓଡ଼ିଶାର ଉଭୟ ଦଳ ହାରିଲେ

ଭୁବନେଶ୍ୱର,୧୦।୧୦(ସମିସ): ବିସିସିଆଇ ଘରୋଇ କ୍ରିକେଟରେ ଆଜି ଖେଳାଯାଇଥିବା ୧୯ ବର୍ଷରୁ କମ୍ ସୀମିତ ଓଭର କ୍ରିକେଟରେ ଓଡ଼ିଶାର ଉଭୟ ଦଳ ପରାଜିତ ହୋଇଛନ୍ତି। ଉତ୍ତରପ୍ରଦେଶଠାରୁ ବାଳକ ୭ ୱିକେଟରେ ଓ ଝାଡଖଣ୍ଡଠାରୁ ବାଳିକା ଦଳ ୬ ୱିକେଟରେ ପରାଜିତ ହୋଇଛି। ବାଳିକା ବିଭାଗରେ ଓଡ଼ିଶାର ଏହା କ୍ରମାଗତ ପରାଜୟ।

ପୁଡୁଚେରୀରେ ଖେଳାଯାଇଥିବା ବିନୁମଙ୍କଡ ଟ୍ରଫିରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୪୯.୧ ଓଭରରେ ୨୪୮ ରନ୍ କରିଥିଲା। ଦଳ ପକ୍ଷରୁ ପାନକଲ ମୋକ୍ଷିତ ସର୍ବାଧିକ ୬୮ ଓ ରୁଦ୍ରପ୍ରସାଦ ମଲ୍ଲିକ ୩୮ ରନ୍‌ରେ ଯୋଗଦାନ ଦେଇଥିଲେ। ଜବବରେ ଯୁବରାଜଙ୍କ ଅପରାଜିତ ୧୨୦ ରନ୍ ସହାୟତାରେ ଉତ୍ତରପ୍ରଦେଶ ୩୬.୫ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ତୀର୍ଥଙ୍କର ସାହୁ ଓଡ଼ିଶା ପକ୍ଷରୁ ଦୁଇଟି ୱିକେଟ ଅକ୍ତିଆର କରିଥିଲେ।

ଅଲୁରରେ ମହିଳା ଦଳ ମଧ୍ୟ ପ୍ରଥମେ ବ୍ୟାଟିଂ କରିଥିଲା ଓ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୮୨ ରନ୍ କରିଥିଲା। ଅନୁସ୍କା ମହାନ୍ତି ୨୪ ଓ ଶିତଳ ରାଉତ ୧୭ ରନ୍ କରିଥିଲେ। ଜବାବରେ ଝାଡଖଣ୍ଡ ୧୪.୧ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ପରାଜିତ ଓଡ଼ିଶା ପକ୍ଷରୁ ଅନନ୍ୟା ରାଉତ ୨ଟି ଓ ପ୍ରିୟଦର୍ଶିନୀ ପ୍ରମାଣିକ ଗୋଟିଏ ୱିକେଟ ପାଇଥିଲେ।

ଜାତୀୟ ସିନିଅର ହକିରେ ଓଡ଼ିଶାର ବିଜୟ ଅଭିଯାନ

ଭୁବନେଶ୍ୱର, ୧୦।୧୦ (ସମିସ): ଉତ୍ତର ପ୍ରଦେଶର ଝାନସୀଠାରେ ଶନିବାରଠାରୁ ଜାତୀୟ ସିନିଅର ପୁରୁଷ ହକିର ୧୬ତମ ସଂସ୍କରଣରେ ଓଡ଼ିଶା ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ପୁଲ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମ୍ୟାଚରେ ୧୮-୧ ଗୋଲର ବିଶାଳ ବ୍ୟବଧାନରେ ଉତ୍ତରାଖଣ୍ଡକୁ ହରାଇଦେଇଛି। ଆର୍ଯ୍ୟନ ଖେସ ଓ ସୁଦୀପ ଚିରମାକୋ ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ସେହିଭଳି ଆକାଶ ସୋରେଙ୍ଗ, ଅଜୟ ଏକ୍କା, ଅନମୋଲ ଏକ୍କା ଓ ଦୀପକ ମିଞ୍ଜଙ୍କ ଷ୍ଟିକରୁ ଦୁଇଟି ଲେଖାଏ ଗୋଲ୍ ବାହାରିଥିଲା।

ଚତୁର୍ଥ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ

ସେମିରେ କିସ୍ ଓ କ୍ୟାପିଟାଲ

ଭୁବନେଶ୍ୱର,୧୦।୧୦(ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟାର୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ କ୍ୟାପିଟାଲ ଓ କିସ୍ ହାଇସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କ୍ୟାପିଟାଲ ଟାଇବ୍ରେକରରେ ୫-୪ ଗୋଲରେ ଜଟଣୀର କୁଶମାଟି ହାଇସ୍କୁଲକୁ ତୃତୀୟ ଦଳ ଭାବେ ସେମିକୁ ଉଠିଛି। କୁଶମାଟିର ରାକେଶ ବାରିକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ସ୍ୱର୍ଗତ ଚିନ୍ମୟଦାସ ସ୍ମାରକୀଙ୍କ ସ୍ମୃତିରେ ପ୍ରଦାନ କରାଯାଇଥିଲା। ମଧ୍ୟାନ୍ତରରେ ଭୁବନେଶ୍ୱରର ପୁରାତନ ଖେଳାଳି ଯଥା ନୀଳମାଧବ ଦେଓ, ଶିଶିର ମହାନ୍ତି, ଶୁଭେନ୍ଦୁ ଦାସ, ବାବୁଲି ଜେନା ଓ ଅରୁଣ ଲେଙ୍କାଙ୍କୁ ସ୍ୱର୍ଗତ ଆଶୋକ ମହାନ୍ତି ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ଅନ୍ୟ ଏକ କ୍ୱାର୍ଟର ମୁକାବିଲାରେ କିସ୍ ସ୍କୁଲ ୭-୦ ଗୋଲରେ କଳିଙ୍ଗ ନଗରର ଟାଟା ଷ୍ଟିଲ ଲୋୟଲା ସ୍କୁଲକୁ ପରାସ୍ତ କରି ଚତୁର୍ଥ ଦଳ ଭାବେ ସେମିକୁ ଉଠିଛି। ଦ୍ୱିତୀୟ ମ୍ୟାଚ୍‌ରେ ଅତିଥି ଭାବେ ଟାଟା ଷ୍ଟିଲର ହେଡ ସ୍ପୋର୍ଟ୍ସ ଅନୁରକ୍ତ ସ୍ୱାଇଁ, କ୍ଲବର ଉପସଭାପତି ବିବେକାନନ୍ଦ ଦାସ, ଅରୁଣ କୁମାର ବଳିୟାରସିଂ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଖାୱତ ଅଲି ଖାନ୍, ଚନ୍ଦ୍ରକାନ୍ତ ବାରିକ, ଏସ୍ ସାମିନ୍ତରାୟ, ଟି ମୋହନ ରାଓ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ପ୍ରଥମ ସେମିରେ ବିକାଶ ସ୍କୁଲ ଓ ଓଡିଏମ୍ ମଧ୍ୟରେ ଖେଳାଯିବ।

ଆଜିଠାରୁ ରଣଜୀ ଟ୍ରଫି କ୍ରିକେଟ

ଅହମଦାବାଦରେ ଓଡ଼ିଶା-ଗୁଜରାଟ ମୁକାବିଲା

ଭୁବନେଶ୍ୱର,୧୦।୧୦(ସମିସ)

ଭାରତୀୟ ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଆସନ୍ତାକାଲିଠାରୁ ୧୯ଟି ବିଭିନ୍ନ ସେଣ୍ଟରରେ ଆରମ୍ଭ ହେଉଛି। ଚଳିତ ବା ୨୦୨୬-୨୭ ସିଜନରେ ରଣଜୀ ଏଲିଟ-ସି' ଗ୍ରୁପରେ ସ୍ଥାନ ପାଇଥିବା ଓଡ଼ିଶା ତାହାର ପ୍ରଥମ ମ୍ୟାଚ୍ ଗୁଜରାଟ ସହ ଅହମଦାବାଦ୍‌ରେ ଖେଳିବ। ଗୁଜରାଟ ଭଳି ଏକ ଶକ୍ତିଶାଳୀ ଦଳ ବିପକ୍ଷରେ ମୁକାବିଲା କରିବା ପୂର୍ବରୁ ଓଡ଼ିଶାର ପ୍ରସ୍ତୁତି ଓ ପ୍ରଦର୍ଶନ ଆଦୌ ବିଶ୍ୱସନୀୟ ହୋଇନାହିଁ। ପୁଡୁଚେରୀରେ ଓଡ଼ିଶା କେବଳ ଏକ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳିଥିଲା। ସେହି ଟୁର୍ଣ୍ଣାମେଣ୍ଟ ଖେଳିଥିବା ଅଧା ଖେଳାଳି ଓଡ଼ିଶା ରଣଜୀ ଦଳରେ ସ୍ଥାନ ପାଇନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସିଜନ ଆରମ୍ଭ ପୂର୍ବରୁ ଶିବିର କରିବା। ଶିବିର ହୋଇଛି ସତ, କିନ୍ତୁ ଖେଳାଳିମାନେ ପ୍ରସ୍ତୁତି କରିବାକୁ ପର୍ଯ୍ୟାପ୍ତ ସମୟ ପାଇନାହାନ୍ତି। ଏହାର ଦୁଇଟି ମୁଖ୍ୟ କାରଣ ହେଲା ବର୍ଷା ଏବଂ ଓଡ଼ିଶା ଟି-୨୦ ଲିଗ୍ କ୍ରିକେଟ। ବର୍ଷା ଯୋଗୁ ଶିବିର କିମ୍ବା ଅଭ୍ୟାସ ମ୍ୟାଚ୍‌ରେ ବାଧା ସୃଷ୍ଟି ହୋଇଥିଲା। ଟି-୨୦ ଲିଗ୍‌ରେ ପ୍ରାୟ ସମସ୍ତ ଖେଳାଳି ସାମିଲ ଥିବାରୁ ୪ ଦିନିଆ ଫର୍ମାଟରେ ଖେଳିବାକୁ ସେମାନେ ସୁଯୋଗ ପାଇ ନାହାନ୍ତି। ଏଣୁ ଗୁଜରାଟ ବିପକ୍ଷରେ ଯେଉଁ ଖେଳାଳି ଫର୍ମାଟ ସହ ଆଡଜଷ୍ଟ କରିପାରିବ, କେବଳ ସେହି ଖେଳାଳିମାନେ ଭଲ ପ୍ରଦର୍ଶନ କରିପାରିବେ।

ଗତସିଜନର ରଣଜୀ ପ୍ରଦର୍ଶନ ଓଡ଼ିଶା ଲାଗି ଆଦୌ ଉତ୍ସାହଜନକ ନ ଥିଲା। କିଛି ନୂଆ ଖେଳାଳି ଦଳକୁ ଲଢୁଆ

ପ୍ରଦର୍ଶନ କରିବାକୁ ସୁଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବାମହାତୀ ସ୍ପିନର ସୟଦ ତୁଫାଏଲ ଅନ୍ୟତମ। ବାଦଲ ବିଶ୍ୱାଳ ଓ ରାଜେଶ ମହାନ୍ତିଙ୍କ ସେ ଓଡ଼ିଶାର ବୋଲିଂ ଭାର ସମ୍ଭାଳିବେ। ଅନ୍ୟମାନଙ୍କଠାରୁ ଉପଯୁକ୍ତ ସହାୟତା ମିଳିବ ବୋଲି ଆଶା କରାଯାଇପାରେ। ବ୍ୟାଟିଂରେ ଏକମାତ୍ର ଭରସାଯୋଗ୍ୟ ବ୍ୟାଟର ହେଉଛନ୍ତି ଅଧିନାୟକ ଶୁଭ୍ରାଂଶୁ ସେନାପତି। ତାଙ୍କ ସଫଳତା ଉପରେ ଓଡ଼ିଶାର ବ୍ୟାଟିଂ ନିର୍ଭର କରିବ। ଗତ ସିଜନ ଆରମ୍ଭରେ ଓପନର ସ୍ୱସ୍ତିକ ସାମଲ ଯେମିତି ଚମକାଇଲେ, ଠିକ୍ ସେହିପରି ପରେ ଫ୍ଲପ୍ ହେଲେ। ପ୍ରତିଭାବାନ ଓମଟି ମୁଣ୍ଡେଙ୍କ ଉପରେ ଦଳ ଭରସା ରଖିଛି। ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ ଓ ଶାନ୍ତନୁ ମିଶ୍ରଙ୍କଠାରୁ ମଧ୍ୟ ଭଲ ଇନିଂସ ଆଶା କରାଯାଇପାରେ। ଆଧୁନିକ ରଣଜୀ ଇତିହାସରେ ଅସହାୟ ଓଡ଼ିଶା ପ୍ରଥମଥର ଲାଗି ଦୁଇଜଣ ରାଜ୍ୟ ବାହାର ଖେଳାଳି ଯଥା ନିନାଦ ରାଠୱା ଓ ଲଳିତ ଯାଦବଙ୍କୁ ଦଳରେ ସାମିଲ କରିଛି। ଏହାର ଅର୍ଥ ଓଡ଼ିଶାରେ ପ୍ରତଭା ସଂକଟ ସୃଷ୍ଟି ହୋଇଛି। ଏହି ଦୁଇଜଣ ଯଦି ଓଡ଼ିଶା ଲାଗି କିଛି ଭଲ ପ୍ରଦର୍ଶନ ଦେଲେ, ତେବେ ଅନଭିଜ୍ଞ କ୍ରିକେଟ ପ୍ରଶାସକଙ୍କୁ ଆନନ୍ଦ ମିଳିବା ନିଶ୍ଚିତ। ଏହି ଦୁଇଜଣଙ୍କ ସହ ନୂଆ ହେଡ୍ କୋଚ୍ ପ୍ରଭଞ୍ଜନ ମଲିକଙ୍କ ଉପରେ ମଧ୍ୟ ରାଜ୍ୟ କ୍ରିକେଟପ୍ରେମୀଙ୍କ ନଜର ରହିଛି।

ଚିନ୍ତନ ଗଜଙ୍କ ନେତୃତ୍ୱରେ ଗୁଜରାଟର ପ୍ରଦର୍ଶନ ଭଲ ରହିଛି। ଦଳରେ ଏକାଧିକ ଖେଳାଳି ଭାରତ ଜର୍ସି ପିନ୍ଧିବାରେ ସଫଳ ହୋଇଛନ୍ତି। ଏମାନେ ଓଡ଼ିଶାକୁ ପରାଜିତ କରିବାକୁ ସମସ୍ତ ଯୋଜନା କରିଛନ୍ତି। ଘରୋଇ ମାଟିରେ ଖେଳୁଥିବାରୁ ଏହି ଦଳ ବିଜୟରୁ ଅଭିଯାନ ଆରମ୍ଭ କରିବାକୁ ନିଶ୍ଚିତ ଚାହିଁବ। ଓଡ଼ିଶା ବିପକ୍ଷରେ ଦଳ ୫ଟି ମ୍ୟାଚ୍ ଖେଳି ୪ଟିରେ ସହଜ ବିଜୟ ହାସଲ କରିଛି ଏବଂ ଅନ୍ୟ ଡ୍ର ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ତେବେ ଏହି ଓଡ଼ିଶା ଦଳ ଏକତରଫା ଭାବେ ମ୍ୟାଚ୍ ହାତଛଡ଼ା କରିବ ନାହିଁ ବୋଲି ଆଶା କରାଯାଇପାରେ।

ଓଡ଼ିଶା ଦଳ

ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, ଓମ୍‌ଟି ମୁଣ୍ଡେ, ଶ୍ରେୟାଂଶ ଭରଦ୍ୱାଜ, ସୌମ୍ୟରଞ୍ଜନ ଲେଙ୍କା, ଆଶୀର୍ବାଦ ସ୍ୱାଇଁ ଓ ଦିନେଶ ମାଝୀ (ଉଭୟ ୱିକେଟ ରକ୍ଷକ), ନିନାଦ ରାଠୱା, ବାଦଲ ବିଶ୍ୱାଳ, ସୟଦ ତୁଫାଏଲ ଅହମ୍ମଦ୍, ସମ୍ବିତ ବେଜା, ରାଜେଶ ମହାନ୍ତି, ଲଳିତ ଯାଦବ, ପ୍ରଶାନ୍ତ ରଣା।

ଗୁଜରାଟ ଦଳ

ଚିନ୍ତନ ଗଜ (ଅଧିନାୟକ), ଉର୍ଭିଲ ପଟେଲ, ଆର୍ଯ୍ୟ ଦେଶାଇ, ଅମିତ ଦେଶାଇ, ସିଦ୍ଧାର୍ଥ ଦେଶାଇ, ଅଭିଷେକ ଦେଶାଇ, ମନନ୍ ହିଙ୍ଗ୍ରାଜିଆ, ପ୍ରିୟଜିତସିଂ ଜାଡେଜା, କ୍ଷୀତିଜ ପଟେଲ, ଆର୍ଜନ ନାଗସୱାଲା, ଜୟମିତ ପଟେଲ, ହର୍ଷିଲ ପଟେଲ, ସରଳ ପ୍ରଜାପତି, ପ୍ରିୟେଶ ପଟେଲ, ବେଦାନ୍ତ ତ୍ରିବେଦୀ, ବିଶାଲ ଜୟସ୍ୱାଲ।

୩୮ ଦଳ; ୧୩୮ ମ୍ୟାଚ୍

ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟର ସବୁଠାରୁ ଶ୍ରେଷ୍ଠ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୨ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁଯାଉଛି। ଏହି ମେଗା ଟୁର୍ଣ୍ଣାମେଣ୍ଟ ଦୁଇଟି ପର୍ଯ୍ୟାୟରେ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ସାରା ଭାରତରୁ ୩୮ଟି ଦଳ ଅଂଶଗ୍ରହଣ କରିବେ। ଚଳିତ ସିଜନରେ ଫାଇନାଲକୁ ମିଶାଇ ମୋଟ୍ ୧୩୫ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ରବିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ପ୍ରଥମ ରାଉଣ୍ଡର ୧୯ଟି ମ୍ୟାଚ୍ ଆରମ୍ଭ ହେବ। ଲୋକେଶ ରାହୁଲ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି, ମହମ୍ମଦ ସିରାଜଙ୍କ ପରି

ବରିଷ୍ଠ ଖେଳାଳି ପ୍ରଥମ ରାଉଣ୍ଡରେ ନଜରରେ ରହିବେ। ଡିଫେଣ୍ଡିଂ ଚାମ୍ପିଅନ ଜମ୍ମୁ-କାଶ୍ମୀର ପ୍ରଥମ ରାଉଣ୍ଡରେ ମଧ୍ୟପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଗତ ସଂସ୍କରଣର କର୍ଣ୍ଣାଟକ ବିପକ୍ଷ ଫାଇନାଲରେ ଜମ୍ମୁ-କାଶ୍ମୀର ପ୍ରଥମ ଇନିଂସ ଅଗ୍ରଣୀଭିତ୍ତିରେ ବିଜୟୀ ହୋଇ ଟାଇଟଲ୍ ହାସଲ କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY